



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୮ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 FEBRUARY 2023

Vol.No. 34 ■ No. 47 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଦାନୀ-ହିଣ୍ଡେନବର୍ଗ ବିବାଦ ପ୍ରସଙ୍ଗ

# ସରକାର ବାଛିବେନି କମିଟି ସଦସ୍ୟ

ନୂଆଦିଲ୍ଲୀ,୧୭/୦୨ : ବନ୍ଦ ଲଫାଫାରେ କମିଟି ସଦସ୍ୟ ଏବଂ ବିଶେଷଜ୍ଞଙ୍କ ନାମ ଦେଲେ ଗ୍ରହଣ କରିବେ ନାହିଁ ସୁପ୍ରିମକୋର୍ଟ । ଆଦାନୀ- ହିଣ୍ଡେନବର୍ଗ ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଡି. ୱାଇ ଚନ୍ଦ୍ରଚୁଡ଼ ଏହା କହିଛନ୍ତି । ଯଦି ସରକାର ଦେଇଥିବା ସଦସ୍ୟଙ୍କ ନାମକୁ ସାମ୍ବିଧାନିକ କମିଟି ଭାବେ ଗ୍ରହଣ କରାଯିବ ତାହେଲେ ଏହା ସରକାରଙ୍କ ଦ୍ୱାରା ଗଠିତ ବୋଲି ବୁଝାପଡିବ । କିନ୍ତୁ କମିଟି ଉପରେ ଲୋକଙ୍କ ବିଶ୍ୱାସ ଆସିବା ଉଚିତ ବୋଲି ସିଜେଆଇ କହିଛନ୍ତି । ଏହି ମାମଲାରେ କୌଣସି କାର୍ଯ୍ୟରତ ବିଚାରପତିଙ୍କ ଅଧୀନରେ ତଦନ୍ତ କମିଟି ହେବ ନାହିଁ ବରଂ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ କମିଟି ତିଆରି ହେବ ବୋଲି ସେ କହିଛନ୍ତି । ଆମେରିକାର ହିଣ୍ଡେନବର୍ଗ ରିପୋର୍ଟ ଆସିବା ପରେ ଆଦାନୀରେ ନିବେଶ କରିଥିବା ବ୍ୟକ୍ତି କ୍ଷତିରେ ପଡିଛନ୍ତି । ବଜାରରେ ଅସ୍ଥିରତା ଦେଖାଦେଇଛି । ଏହାକୁ ଗୁରୁତର ସହ ଗ୍ରହଣ କରି ଫେବୃଆରୀ ୧୦ରେ ସୁପ୍ରିମକୋର୍ଟ କେନ୍ଦ୍ର



ସରକାରଙ୍କୁ ଜଣେ ପୂର୍ବତନ ବିଚାରପତିଙ୍କ ନେତୃତ୍ୱରେ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ । ଯାହା ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ମଜବୁତ କରିପାରିବ । ଆମେରିକାର ହିଣ୍ଡେନବର୍ଗର ରିପୋର୍ଟ ପରେ ଆଦାନୀ ଗ୍ରୁପ ଏଯାବତ ପ୍ରାୟ ୧୦ ଲକ୍ଷ କୋଟିରୁ ଅଧିକ କ୍ଷତି ସହିଲାଣି । ଏହାରି ଭିତରେ ଆମେରିକାର ଅନ୍ୟତମ ନିବେଶକ ଜର୍ଜ ସୋରୋସ ବଡ ବୟାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରି କହିଥିଲେ ମୋଦୀ ଏହି ପ୍ରସଙ୍ଗରେ କାହିଁକି ନୀରବ ଅଛନ୍ତି । ଏହି ପ୍ରସଙ୍ଗରେ ତାଙ୍କୁ ନିଜ ସଂସଦ ସମେତ ବିଦେଶୀ ନିବେଶକଙ୍କୁ ବି ଜବାବ ଦେବାକୁ ପଡ଼ିବ । ଭାରତର ସଂଘୀୟ ସରକାର ଉପରେ ଏହା ମୋଦୀଙ୍କ ପ୍ରଭାବ କମାଇଦେବ । ଜବାବରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଦେଶୀ ଶକ୍ତି ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଥିବାରୁ ଭାରତୀୟମାନଙ୍କୁ ଏକଜୁଟ ହେବାକୁ ପଡିବ । ଜାନୁଆରୀ ୨୪ରେ ପ୍ରକାଶିତ ହିଣ୍ଡେନବର୍ଗ ରିପୋର୍ଟ ପରେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ୪ ଟି ପିଆଇଏଲ ଦାଖଲ କରାଯାଇଛି । ଗୌତମ ଆଦାନୀଙ୍କ ନେତୃତ୍ୱାଧୀନ ଏହି କମ୍ପାନି ବର୍ତ୍ତମାନ ସୁଦ୍ଧା ଘାଟାରେ ରହିଛି ।

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଉପରେ ପୂର୍ଣ୍ଣଚ୍ଛେଦ ଟାଣିଲେ କେନ୍ଦ୍ର ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ,୧୭/୦୨ : ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଓଡ଼ିଶା କରି ଆସୁଥିବା ବେଳେ ଏହା ଉପରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ସେ କହିଛନ୍ତି, ଆଗାମୀ ଦିନରେ ଆଉ କୌଣସି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦିଆଯିବ ନାହିଁ । ଅର୍ଥ କମିସନ ତାଙ୍କ ରିପୋର୍ଟରେ ଏଥିପାଇଁ ସୁପାରିଶ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ । ଭୁବନେଶ୍ୱରରେ ବଜେଟ୍ ପରବର୍ତ୍ତୀ ଆଲୋଚନା ଚକ୍ରରେ ଯୋଗ ଦେଇଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଅର୍ଥମନ୍ତ୍ରୀ କହିଛନ୍ତି ୨୦୨୩-୨୪ ବଜେଟ ଅମୃତ କାଳର ପ୍ରଥମ ବଜେଟ୍ । ଏଥିରେ କ୍ୟାପିଟାଲ ଇନଭେଷ୍ଟମେଣ୍ଟ ପାଇଁ ୧୦ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ରାଜ୍ୟଗୁଡ଼ିକ ଲାଗି ୫୦ ବର୍ଷ ବିନା ସୁଧରେ ଋଣ



ବ୍ୟବସ୍ଥା କରାଯାଇଛି । ଅନୁସୂଚିତ ଜାତି ଓ ଜନଜାତି ତଥା ଆଦିବାସୀଙ୍କ ବିକାଶ ଲାଗି ବଜେଟରେ ଗୁରୁତ୍ୱ ଦିଆଯାଇଛି । ଆବାସ ଯୋଜନା, ହର ଘର ନଳ ଆଦି ଯୋଜନାରୁ ସେମାନଙ୍କୁ ବହୁ ଫାଇଦା ମିଳିବ । ଦେଶର ସବୁ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇ ପୂର୍ବରୁ ଆକାଂକ୍ଷୀ ଜିଲ୍ଲା ଆରମ୍ଭ କରାଯାଇଥିଲା । ଚଳିତ ବଜେଟରୁ ଏହାକୁ ପୁନଶ୍ଚ ତୃଣମୂଳ ସ୍ତରକୁ ନେବାକୁ ୫ଶହ ଆକାଂକ୍ଷୀ ବ୍ଲକ ଚିହ୍ନଟ କରାଯାଇଛି । ପେଟ୍ରୋଲିୟମ ଉତ୍ପାଦକୁ ଜିଏସଟିରେ ସାମିଲ କରିବା ପ୍ରସଙ୍ଗରେ ନିର୍ମଳା କହିଛନ୍ତି, ଆରମ୍ଭରୁ ଏହି ପ୍ରସ୍ତାବ ରହିଛି, କେବଳ କେଉଁ ହାରରେ ଜିଏସଟି ଲାଗିବ ତାହା ଧାର୍ଯ୍ୟ ହୋଇନାହିଁ ।

## ଧନୁତୀରର ଦାବିଦାର ହେଲେ ଏକନାଥ ସିନ୍ଧେ ଗୋଷ୍ଠୀ

ନୂଆଦିଲ୍ଲୀ, ୧୭/୦୨ : ଶିବସେନାର ଦଳୀୟ ଚିହ୍ନ ଧନୁତୀରର ଦାବିଦାର ହେଲେ ଏକନାଥ ସିନ୍ଧେ ଗୋଷ୍ଠୀ । ନିର୍ବାଚନ ଆୟୋଗ ଆଜି ଏହି ଘୋଷଣା କରିଛନ୍ତି । ଶିବସେନାରେ କନ୍ଦଳ ପରେ ଦୁଇଟି ଗୋଷ୍ଠୀ ହୋଇଥିଲା । ଏହାପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏବଂ ଏକନାଥ ସିନ୍ଧେଙ୍କ ମଧ୍ୟର ଦଳୀୟ ଚିହ୍ନକୁ ନେଇ ବିବାଦ ଲାଗି ରହିଥିଲା । ପରେ ନିର୍ବାଚନ ଆୟୋଗ ଦଳୀୟ ଚିହ୍ନ ଧନୁତୀରକୁ ଏକନାଥ ଗୋଷ୍ଠୀଙ୍କୁ ଦେଇଛନ୍ତି ।

## ୧୯ ଶିଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୭/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ରାଜ୍ୟରେ ୧୬ତମ ପର୍ଯ୍ୟାୟରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ୨ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିବା ବେଳେ ୧୭ଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି । ମେକ ଇନ ଓଡିଶା କନକ୍ଲେଭ ୨୦୨୨ରେ ଏହି ପ୍ରକଳ୍ପ ଗୁଡିକ ପାଇଁ ପ୍ରସ୍ତାବ ଆସିଥିଲା । ଏହି ପ୍ରକଳ୍ପ ଗୁଡିକରେ ୧୬୫୦ କୋଟି ଟଙ୍କାର ହେବ ପୁଂଜି ବିନିଯୋଗ ହେବାକୁ ଥିବା ବେଳେ ୪ ହଜାର ୫ ଶହ ଜଣଙ୍କୁ ଏଥିରୁ ରୋଜଗାର ମିଳିବ ବୋଲି ଆକଳନ କରାଯାଇଛି । ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ପ୍ଲାଷ୍ଟିକ, ସମୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫାକଚରିଂ, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଫାର୍ମାସିଟିକାଲ ଓ ଷ୍ଟିଲ ଡାଉନ ଷ୍ଟ୍ରିମ ଶିଳ୍ପ ସାମିଲ ରହିଛି । ଭର୍ଚୁଆଲ ପ୍ଲାଟଫର୍ମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ କିଛି ବର୍ଷ ମଧ୍ୟରେ ମେଟାଲ, ମିନେରାଲ ଠାରୁ ଆରମ୍ଭ କରି କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ପ୍ରକ୍ରିୟାକରଣ ଓ ଅନ୍ୟ କ୍ଷେତ୍ରରେ ଓଡିଶା ଦେଶର ଏକ ବଡ ମାନୁଫାକଚରିଂ ହବ୍ ହୋଇ ପାରିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶାରେ ପୁଂଜି ବିନିଯୋଗ କରିବାକୁ ଇଚ୍ଛୁକ ପୁଂଜିନିବେଶକାରୀଙ୍କୁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ । କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ନିଜର ଉଦବୋଧନରେ ଶିଳ୍ପ ସଂସ୍ଥା ମାନଙ୍କୁ ସ୍ୱାଗତ କରି କହିଥିଲେ ଯେ ଆଗାମୀ ଦିନରେ ଓଡିଶା ଦେଶର ଆଗାମୀ ମେନୁଫାକଚରିଂ ହବ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶିଳ୍ପ ମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ସରକାର ଯୋଗାଇ ଦେବେ ବୋଲି ସେ କହିଛନ୍ତି ।

# ବିଜେପିର ପୁରୁଣା ଖାତାରୁ ଏଥର ଆସିବନି ଭୋଟ୍ !

## ଧାରା ୩୭୦, ରାମ ମନ୍ଦିର ପ୍ରସଙ୍ଗରେ ଆଉ ନାହିଁ ଭୋଟ୍ !

ନୂଆଦିଲ୍ଲୀ,୧୭/୦୨ : ଦେଶର ସାଧାରଣ ନିର୍ବାଚନକୁ ପାଖାପାଖି ୪୦୦ ଦିନ ବାକି ଅଛି । ମୋଦୀ-ଶାହ ଯୋଡି ପ୍ରସ୍ତୁତି ମଧ୍ୟ ଆରମ୍ଭ କରି ଦେଇଛନ୍ତି । ନିର୍ବାଚନ ଜିତି ମୋଦୀ ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଆସନରେ ବସିବାକୁ ଲକ୍ଷ୍ୟ ରଖିଥିବା ବେଳେ ବିଜେପି ହ୍ୟାଟ୍ରିକ ମାରି ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛି । ଯାହାର ପ୍ରଥମ ପରୀକ୍ଷା ହେବ ହିନ୍ଦୀ ହାର୍ଟ ଲ୍ୟାଣ୍ଡ ନିର୍ବାଚନ ଏବଂ ଆଗକୁ ହେବାକୁ ଥିବା ଜମ୍ମୁକଶ୍ମୀର ନିର୍ବାଚନ । କିନ୍ତୁ ୨୦୨୪ ନିର୍ବାଚନରେ ବିଜେପି ଜିତିବା ଏତେଟା ସହଜ ହେବ ନାହିଁ । କାରଣ ତାଜା ସର୍ଭେ କହୁଛି ବିଜେପି ଯେଉଁ ସବୁ ପ୍ରସଙ୍ଗକୁ ଆଧାର କରି ଭୋଟ୍ ହାତଉଥିଲା ତାକୁ ଏବେ ଲୋକେ ଏତେଟା ଗ୍ରହଣ କରୁନାହାନ୍ତି । ରାମ ମନ୍ଦିରକୁ ପ୍ରସଙ୍ଗ କରି ବିଜେପି କ୍ଷମତାକୁ ଆସିଛି । ସୁପ୍ରିମକୋର୍ଟଙ୍କ ରାୟ ପରେ ମୋଦୀ ସରକାର ଦ୍ୱିତୀୟ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ମନ୍ଦିର ନିର୍ମାଣ କାମ ଶେଷ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ସମେତ



ଅନେକ ବଡ ବଡ ନେତା ମଧ୍ୟ ଏହାକୁ ବଡ ଉପଲବ୍ଧି କହି ସାରା ଦେଶରେ ପ୍ରଚାର କରୁଛନ୍ତି । କିନ୍ତୁ ଜନତା ଜନାର୍ଦ୍ଦନ ଏ ବାବଦରେ ଆଉ କିଛି ଚିନ୍ତା କରୁଥିବା ତାଜା ସର୍ଭେ ରିପୋର୍ଟରୁ ଜଣାପଡିଛି । ସର୍ଭେ ଅନୁସାରେ ୧୨ ପ୍ରତିଶତ ଲୋକ ମାନୁଛନ୍ତି ଏନଡିଏ ସରକାରର ଏହା ବଡ ଉପଲବ୍ଧି । ଅର୍ଥାତ ୮୮ ପ୍ରତିଶତ ଲୋକ ଏହାକୁ ଗ୍ରହଣ କରୁନାହାନ୍ତି । ସେହିପରି ଧାରା ୩୭୦ ଉଚ୍ଛେଦ କରିଛନ୍ତି ମୋଦୀ ସରକାର । ଅଗଷ୍ଟ ୫, ୨୦୧୯ରେ ମୋଦୀ ସରକାର ଧାରା ୩୭୦ ଉଚ୍ଛେଦ କରି ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଜମ୍ମୁ କଶ୍ମୀର ଏବେ ଦୁଇଟି କେନ୍ଦ୍ର ଶାସିତ ଅଂଚଳରେ ପରିଣତ ହୋଇଛି । ଆଗକୁ ନିର୍ବାଚନ ହେବାକୁ ଯାଉଛି । ହେଲେ ଏହି ଏଜେଣ୍ଡାକୁ ୧୪ ପ୍ରତିଶତ ଲୋକ ବଡ ଉପଲବ୍ଧି ବୋଲି କହୁଛନ୍ତି । ସି-ଭୋଟର ଇଣ୍ଡିଆ ଟୁଡେର ତାଜା ସର୍ଭେ କହୁଛି । ଏବେ ଯଦି ନିର୍ବାଚନ ହେବ ତାହେଲେ ଏନଡିଏ ୨୯୮ଟି ଆସନରେ ଜିତିପାରେ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୯ରେ ବିଜେପି ୩୫୩ଟି ଆସନରେ ଜିତିଥିଲା ।

## ଅରୂପ ପଟ୍ଟନାୟକଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦେଲା ବିଜେପି

ଭୁବନେଶ୍ୱର,୧୭/୦୨ (ନି.ପ୍ର): ବିଜୁ ଜନତା ଦଳର ନେତା ଅରୂପ ପଟ୍ଟନାୟକ ଶହ ଶହ ଲୋକଙ୍କ ସମ୍ମୁଖରେ ବିଜୁ ଜନତା ଦଳ ସଭାରେ ବିଧାନସଭାର ବିରୋଧୀ ଦଳର ନେତାଙ୍କୁ ଅଶାଳୀନ ମନ୍ତବ୍ୟ ଓ ଖୋଲାଖୋଲି ହତ୍ୟା ଧମକ ଦେଇଛନ୍ତି । ଏହା ବିରୋଧରେ ବିଜେପି ବିଧାୟକମାନେ ଶୁକ୍ରବାର ମଧ୍ୟାହ୍ନରେ ରାଜ୍ୟପାଳଙ୍କୁ ଭେଟିବା ପରେ ରାଜଭବନ ନିକଟରୁ ପଦଯାତ୍ରାରେ କ୍ୟାପିଟାଲ ଥାନାରେ ପଂହଚିଥିଲେ । ଏନେଇ କ୍ୟାପିଟାଲ ଥାନାରେ ଅରୂପ ପଟ୍ଟନାୟକଙ୍କ ବିରୁଦ୍ଧରେ ବିଧାୟକ ମୁକେଶ ମହାଲିଙ୍ଗ ଏତଲା ରୁଜୁ କରି ଆଇନ ଅନୁଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ▶▶ପୃଷ୍ଠା ୭

## ବିବିସି କାର୍ଯ୍ୟାଳୟରେ ଆୟକର ବିଭାଗର ଚଢାଉ ମାମଲା

# ଟ୍ୟାକ୍ସ ଅନିୟମିତତା ନେଇ ପ୍ରମାଣ ମିଳିଥିବା କହିଲା ଆୟକର ବିଭାଗ

ନୂଆଦିଲ୍ଲୀ,୧୭/୦୨ : ବିବିସିର ମୁମ୍ବାଇ ଓ ଦିଲ୍ଲୀ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ଚଢାଉ ସମାପ୍ତ ହୋଇଛି । ୩ ଦିନ ଚଢାଉ କରିବା ପରେ ଆୟକର ବିଭାଗ ଏକ ବଡ ଦାବି କରିଛି । ବିଭାଗ ପକ୍ଷରୁ କୁହାଯାଇଛି କି. ୩ଦିନ ଚଢାଉ ପରେ ବିବିସି ତରଫରୁ ଇଣ୍ଟରନ୍ୟାସନାଲ ଟ୍ୟାକ୍ସକୁ ନେଇ କିଛି ଅନିୟମିତତା ହୋଇଥିବାର ପ୍ରମାଣ ମିଳିଛି । ଆୟକର ବିଭାଗ ତରଫରୁ ଆୟକର ଧାରା ୧୩୩(କ) ଅନୁସାରେ ଚଢାଉ କରାଯାଇଥିବା କୁହାଯାଇଛି । ବିଭାଗ କହିଛି କି ଚଢାଉରୁ ପ୍ରମାଣ ମିଳିଛି କି, ବିବିସି ତରଫରୁ ନିଜସ୍ୱ ଆୟ କମ୍ ଦେଖାଇ ଟ୍ୟାକ୍ସ ବଞ୍ଚାଇବାକୁ ଚେଷ୍ଟା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ୨୦୦୨ ଗୁଜରାଟ ଦଙ୍ଗା ଉପରେ ବିବିସି ତରଫରୁ ଏକ ଡକ୍ୟୁମେଣ୍ଟାରୀ ଜାରି କରାଯିବାର ଗୋଟିଏ ସପ୍ତାହ ପରେ ଆୟକର ବିଭାଗ ଅଭିଯୋଗ କରିଛି କି, ବିବିସିର ବିଭିନ୍ନ ୟୁନିଟ ଦ୍ୱାରା ଘୋଷିତ ଆୟ ଏବଂ ଲାଭ ଭାରତରେ କାର୍ଯ୍ୟର ପରିମାଣ ସହିତ ସମାନ ନୁହେଁ । ସେପଟେ ଆୟକର ବିଭାଗର ଏଭଳି ଅଭିଯୋଗ ଉପରେ ବିବିସି ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ । ସେପଟେ ଆୟକର ବିଭାଗର ଚଢାଉ ପରେ ବିବିସି ମୁଖପାତ୍ର ଏକ ବିବୃତି ଜାରି କରି କହିଛନ୍ତି କି, ଆୟକର ଅଧିକାରୀମାନେ ଦିଲ୍ଲୀ ଓ ମୁମ୍ବାଇରେ ଥିବା ଆମ କାର୍ଯ୍ୟାଳୟ ଛାଡି ଚାଲିଯାଇଛନ୍ତି । ଆମେ ଆଇଟି ଟିମକୁ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିଛୁ ଓ ଆଗକୁ କରିବୁ ମଧ୍ୟ । ଖୁବଶୀଘ୍ର ଏହି ମାମଲାର ସମାଧାନ ହୋଇଯିବ ବୋଲି ବିବିସି ମୁଖପାତ୍ର ଆଶା ପ୍ରକଟ କରିଛନ୍ତି ।

# ମଞ୍ଚରେ ବସିଥିଲେ ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବ

## ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ,୧୭/୦୨ : ମଞ୍ଚରେ ଥିଲେ ମନ୍ତ୍ରୀ, ଟାର୍ଗେଟ କଲେ ଧର୍ମେନ୍ଦ୍ର । ରାଜ୍ୟ ଓ କେନ୍ଦ୍ରର ମିଳିତ କର୍ମଶାଳାରେ ପୁଣି ରାଜ୍ୟ ସରକାରଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଟାର୍ଗେଟ୍ କରିଛନ୍ତି । ଗୋଟିଏ ମଞ୍ଚରେ ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବ ବସିଥିବା ବେଳେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ, ପିଏମଶ୍ରୀ ସ୍କୁଲ ପାଇଁ ଏମଓୟୁ କରୁନି ରାଜ୍ୟ । ଅବସର ଥିଲା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ହେଉଥିବା କର୍ମଶାଳା । ଶିଶୁ ଓ ମହିଳାଙ୍କ ପାଇଁ ପଞ୍ଚାୟତିରାଜ ବିଭାଗର ଭୂମିକା ସଂପର୍କୀତ ଜାତୀୟ କର୍ମଶାଳାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ମଞ୍ଚରେ



ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଓ ସଚିବ ସୁଶୀଲ ଲୋହାନୀ ବସିଥିବାବେଳେ ସେମାନଙ୍କ ନାଁନେଇ ପ୍ରଶ୍ନ କରିଥିଲେ କେନ୍ଦ୍ରମନ୍ତ୍ରୀ । ଦିଲ୍ଲୀରୁ ଆସୁଥିବା ଟଙ୍କା ପଞ୍ଚାୟତିରାଜ ବିଭାଗ ଖର୍ଚ୍ଚ ନକରିପାରିବା ପ୍ରସଙ୍ଗରେ ପ୍ରଥମେ ଟାର୍ଗେଟ କରିଥିଲେ । ସରପଞ୍ଚ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ପାଣ୍ଠିରେ ହାତ ନମାରିବାକୁ ତାଗିଦ କରିଥିଲେ । ହେଲେ ଏହାର ଜବାବ ରଖିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ । ସବୁକିଛି ନିୟମ ଅନୁସାରେ କରାଯାଉଥିବା ସଫେଇ ରଖିଛନ୍ତି ପ୍ରଦୀପ ଅମାତ । ▶▶ପୃଷ୍ଠା ୭

# କ୍ୟାବିନେଟ୍ ମନ୍ତ୍ରୀଙ୍କୁ ମାରିପାରୁଛନ୍ତି, ମୋତେ ବି ମାରିପାରିବେ : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର,୧୭/୦୨ (ନି.ପ୍ର): ମୁଁ ଜଣେ ସାଧାରଣ ମଣିଷ । ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ମାରିପାରୁଛନ୍ତି, ମୋତେ ବି ମାରିପାରିବେ । ଏହା କହିଛନ୍ତି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର । ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଆଇପିଏସ ଅଧିକାରୀ ଅରୂପ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ସେ ଚାହିଁଲେ ମାରିପାରିବେ । ସେ ଯେଉଁଠିକି କହିବେ ସେଠାକୁ ଯିବି । ମୋତେ ମାରିପାରିବେ । ସେ କହିଛନ୍ତି ଯେ ରାଜ୍ୟରେ ଜଣେ ଏପରି କହିପାରୁଛି, ଏଥିରୁ ଶାସନ




ବ୍ୟବସ୍ଥା ଜଣାପଡୁଛି । ସେ କହିଛନ୍ତି ଯେ ମୁମ୍ବାଇରେ 'ବାଂଲାଦେଶୀ ବିକ୍ଷୋଭ ବେଳେ ଅରୂପ ବାବୁ କମିଶନର ଥିଲେ । ସେତେବେଳେ ତାଙ୍କ ଭୂମିକା କ'ଣ ଥିଲା ସମସ୍ତେ ଜାଣିଛନ୍ତି । ବିରୋଧୀ ଦଳର ନେତା ପୋଲିସକୁ ମଧ୍ୟ ଟାର୍ଗେଟ କରିଛନ୍ତି । ▶▶ପୃଷ୍ଠା ୭

# ବିଏମ୍‌ସି କାର୍ଯ୍ୟାଳୟ ଘେରିଲେ ଭିନ୍ନକ୍ଷମ ଉଠାଦୋକାନୀ

ଭୁବନେଶ୍ୱର,୧୭/୦୨ (ନି.ପ୍ର): ୫ ଦଫା ଦାବି ନେଇ ବିଶ୍ୱକପ୍ ହକି ଖେଳ ସମୟରେ ଉଚ୍ଛେଦ ହୋଇଥିବା ଶହ ଶହ ଭିନ୍ନକ୍ଷମ ଉଠାଦୋକାନୀମାନେ ଭୁବନେଶ୍ୱର କଳ୍ପନାଛକସ୍ଥିତ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଶୁକ୍ରବାର ଦିନ ଭିନ୍ନକ୍ଷମ ଉଠାଦୋକାନୀ ସଂଘର ସଭାପତି ନାରାୟଣ ସାହୁଙ୍କ ନେତୃତ୍ୱରେ ୬ଜଣିଆ ପ୍ରତିନିଧି ମଣ୍ଡଳୀ, ବିଶ୍ୱ ହକି ଖେଳ ସମୟରେ ଉଚ୍ଛେଦ ଭିନ୍ନକ୍ଷମ ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ବିଏମ୍‌ସି ପରିଚୟ ପତ୍ର ସମସ୍ତଙ୍କୁ ପ୍ରଦାନ କରିବା, ଉଚ୍ଛେଦ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ହଇରାଣ ହରକତ ହେଉଥିବା ଭିନ୍ନକ୍ଷମ ଉଠାଦୋକାନୀମାନଙ୍କୁ ଭରଣ ପୋଷଣ ପାଇଁ ୧୫ ଜହାର ଲେଖାଏଁ ଟଙ୍କା ପ୍ରଦାନ କରିବା, ଉଚ୍ଛେଦ ସମୟରେ ଆଇନ ମାନିନଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ସମସ୍ତ ଭିନ୍ନକ୍ଷମମାନଙ୍କ ପାଇଁ ସରକାରୀ ଏବଂ ବେସରକାରୀସ୍ତରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଆଦି ୫ ଦଫା ଦାବି ନେଇ ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ସହ ବିଭିନ୍ନ ସମସ୍ୟା ଓ ଥଇଥାନ ଲାଗି ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ । ଆଲୋଚନା ପରେ ମେୟର ଦାବିଗୁଡ଼ିକ ଯଥାର୍ଥ ବୋଲି କହି ଉଚ୍ଛେଦ ହୋଇଥିବା ସମସ୍ତ ଭିନ୍ନକ୍ଷମ ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ବିଏମ୍‌ସି ସ୍ମାଟସିର୍ଟିର ବରିଷ୍ଠ ଅଧିକାରୀ ମନୋରଞ୍ଜନ ସାହୁଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ ।

# ଗରିବଙ୍କ ପଖାଳ କଂସାକୁ ଲାତ ମାରୁଛି କେନ୍ଦ୍ର

## ଚାଉଳ ମାରଣ ନୀତି ବିରୋଧରେ ତାତିଲା ନୀଳଗିରି ବିଜେଡି

ନୀଳଗିରି, ୧୭/୦୨ (ନି.ପ୍ର): ରାଜ୍ୟ ଏବଂ କେନ୍ଦ୍ର ସରକାର ଏବେ ଚାଉଳକୁ ନେଇ ମୁହାଁ ମୁହିଁ ଓଡିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ କେନ୍ଦ୍ରରେ ବିଜେପି ସରକାର ଓଡିଶା ରାଜ୍ୟ ସରକାରଙ୍କୁ ଘେରୁଥିବା ବେଳେ ରାଜ୍ୟର ବିଜେଡି ସରକାର ଗରିବଙ୍କ ଚାଉଳ କାଟ ନିତିକୁ କେନ୍ଦ୍ର ସରକାରଙ୍କୁ ଦାୟି କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଏନେଇ ନୀଳଗିରି ବିଜେଡି ଗୁରୁବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲା । କେନ୍ଦ୍ର ସରକାର ଗରିବର ପଖାଳ କଂସାକୁ ଲାତ ମାର ୫ କି.ଗ୍ରା ଚାଉଳ କାଟିବା ଖଟିଖିଆ ଗରିବର ହାଣ୍ଡିକୁ ଲାତ ମାରିବ ସହିତ ସମାନ । କେନ୍ଦ୍ର ସରକାର ପ୍ରଧାନ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୧୦ କି.ଗ୍ରାରୁ ୫ କି.ଗ୍ରା କାଟିବା ପ୍ରତିବାଦରେ ନୀଳଗିରି ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗ ଦେଇ ମହାମହିମ ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରତିବାଦ ସ୍ୱରୂପ ଏକ ସ୍ମାରକ ପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଏସସି ସେଲ ଅଧ୍ୟକ୍ଷ ଶତର ଦାସ , ୧୩ ଜୋନ ଜିଲ୍ଲାପରିଷଦ ସଭ୍ୟ ଅଗିକୃଷ୍ଣ ନନ୍ଦ ୧୨ ନଂ ଜୋନ ଜିଲ୍ଲା ପରିଷଦ ରଂଜିତା ଦାସ, ୧୧ ନଂ ଜୋନ ଜିଲ୍ଲା ପରିଷଦ ସୁବର୍ଣ୍ଣା ମଞ୍ଜରୀ ସିଂ, ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ ଲେଙ୍କା , ରବିନ୍ଦ୍ର ପରିଡା, ଶିଶିର ରାଉତ, ମଦନ ମହୋନ ମାଝୀ, ରଜନୀ ମହାନ୍ତି, ରବିନ୍ଦ୍ର ନାୟକ, କୃତିବାସ ବେହେରା, ଶୁଭେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଏଭଳି ନୀତିକୁ କଠୋର ସମାଲୋଚନା କରିବା ସହିତ ଆଗାମୀ ନିର୍ବାଚନରେ ଜନସାଧାରଣ ଉଚିତ ଜବାବ ଦେବେ ବୋଲି କହିଥିଲେ ।

# ସଡକ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ , ୧୭/୦୨ (ନି.ପ୍ର) : ସଡ଼କ ସୁରକ୍ଷା ଏକ ସାମୁହିକ ଦାୟିତ୍ୱ ।ବିଭିନ୍ନ ବିଭାଗ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କଲେ ଏହାର ସୁଫଳ ମିଳିବା ସହ ଅନେକ ଜୀବନ ରକ୍ଷା ହୋଇ ପାରିବ ବୋଲି ସଡକ ସୁରକ୍ଷା ର ସୁପ୍ରିମକୋର୍ଟ ମନିଟରିଂ କମିଟିର ସେକ୍ରେଟାରୀ ସଞ୍ଜୟ ମିତ୍ତଲ ମତବ୍ୟକ୍ତ କରିଛନ୍ତି ।ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ମିତ୍ତଲ ପ୍ରତି ରାଜ୍ୟର ସଡକ ସୁରକ୍ଷା ପାଇଁ ସୁପ୍ରିମକୋର୍ଟ ମାର୍ଗଦର୍ଶିକା ଜାରି କରିଛନ୍ତି ।ଏହାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବା ସହ ସଡକର ସ୍ୱାସ୍ଥ୍ୟ ମଧ ସୁସ୍ଥ ରହିବ ।ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ପାଇଁ ସେ ବିଶେଷ ଭାବେ ପରାମର୍ଶ ଦେଇଥିଲେ ।ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡା କନୱର ବିଶାଲ ସିଂ ସଡକ ସୁରକ୍ଷା ପାଇଁ ନିୟମିତ ଯୁଗ୍ମ ଧରପଗଡ ଜାରି ରହିଛି ।ଲୋକ ମାନଙ୍କୁ ସଚେତନ କରାଯାଉଛି । ଲୋକ ମାନଙ୍କ ସୁରକ୍ଷା ପାଇଁ ଏହି ଭଳି କାର୍ଯ୍ୟାନୁଷ୍ଠାନ ନିରନ୍ତର ଜାରି ରହିବ ବୋଲି ସେ କହିଥିଲେ ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ରାସ୍ତା ଦୁର୍ଘଟଣା କୁ ସମ୍ପୂର୍ଣ୍ଣ ରୋକାଯାଇ ନ ପାରିଲେ ମଧ ଏହାର ମାତ୍ରା ହ୍ରାସ କରିବା ଜରୁରୀ । ପ୍ରତ୍ୟେକ ସ୍ତରରେ ଏହାକୁ ପ୍ରତିହତ ପାଇଁ ପଦକ୍ଷେ ନେବାକୁ ମତଦେଇଥିଲେ ।ପରିବହନ ବିଭାଗର ଯୁଗ୍ମ ସଚିବ ବିଷଦ ତଥ୍ୟ ପ୍ରଦାନ କରି ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ , ବ୍ୟାପକ ସଚେତନତା ସୃଷ୍ଟି ,ଦୁର୍ଘଟଣା ପରେ ପରେ ଆହତ ଙ୍କୁ ଚିକିତ୍ସା ଯୋଗାଇ ଦେବା ପାଇଁ ଥିବା ଗୁଡ ସମରିଟାନ ବ୍ୟବସ୍ଥା ସମ୍ପର୍କରେ ଜନଚେତନା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ । ସଡକ ସୁରକ୍ଷା ପାଇଁ ଓଡିଶା ପରିବହନ ବିଭାଗ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର କରି ରାଷ୍ଟ୍ରୀୟ ସ୍ତରରେ ବେଶ ପ୍ରଶଂସିତ ହୋଇଛି ବୋଲି ସେ କହିଥିଲେ । ପ୍ରାରମ୍ଭରେ ଆଂଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲା ପରିବହନ କାର୍ଯ୍ୟାଳୟ ର ବିବିଧ ତଥ୍ୟ ଉପସ୍ଥାପନ କରିଥିଲେ ।

## ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ , ଖରିଆର ଡିଭିଜନର ଏକ ଜରୁରୀ କାଳୀନ ବୈଠକ

ନୂଆପଡ଼ା, ୧୭/୦୨ (ନି.ପ୍ର): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ,ଖରିଆର ଡିଭିଜନ ଶାଖା ତରଫରୁ,ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଘର ଡିଭିଜନ କମିଟୀ ର ଏକ ବୈଠକ ଖଡ଼ିଆଳ ରେଞ୍ଜ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ସଂଘ ର ସାଙ୍ଗଠନିକ କାର୍ଯ୍ୟକଳାପ ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା ।ଆସନ୍ତା ୨୦/୦୨/୨୦୨୩ ଦିନ ରାଜ୍ୟ ସଙ୍ଘ ସହିତ ପି ସି ସି ଏଫ ଙ୍କ ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଥିବାରୁ ଉକ୍ତ ବୈଠକରେ ଖରିଆର ଡିଭିଜନ ସମ୍ପାଦକ ପାଣିଗ୍ରାହୀ ସାମିଲ ହେବାକୁ ଥିବାରୁ,କେନ୍ଦୁପତ୍ର ତୋଳାଳୀ ଓ ସିଜିନାଲ ଷ୍ଟାଫ ଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପସ୍ଥାପନ ପାଇଁଚର୍ଚ୍ଚାଆଲୋଚନାହୋଇଥିଲା । ଏହାପରେ ଖଡ଼ିଆଳ ଡି ଏଫ ଓ ପ୍ରତାପ ବେହେରା ଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଡିଭିଜନ କମିଟିର ବିଭିନ୍ନ ସମସ୍ୟା ଓ ଦାବି ଗୁଡିକ ଯଥା ନୂତନ ତୋଳାଳୀ ଙ୍କୁ ଯଥେଷ୍ଟ କାର୍ଡ ପ୍ରଦାନ,ଶତ ପ୍ରତିଶତ ବୋନସ ପ୍ରଦାନ, ପତ୍ରର ଦର ବୃଦ୍ଧି, ଝିଅ ବିହାଘର ସହାୟତା,ଚିକିତ୍ସା ସହାୟତା, ଛାତ୍ର ବୃତ୍ତି, ସିଜିନାଲ ଷ୍ଟାଫ ଙ୍କ ଗସ୍ତ ଖର୍ଚ୍ଚ ବିଲ,ବନ୍ଧେଇ କୁଲି ଙ୍କ ମଜୁରୀ ବୃଦ୍ଧି, ୱାଚର ମାନଙ୍କ ସ୍ଥାୟୀ ନିଯୁକ୍ତି ,ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି,୬୨ ବର୍ଷ ପରିବର୍ତ୍ତେ ୬୫ ବର୍ଷରେ ସିଜିନାଲ ଷ୍ଟାଫ ଙ୍କ ଅବସର ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା ।ଯଥାର୍ଥ ଦାବି ଓ ସମସ୍ୟା ଗୁଡିକ ତୁରନ୍ତ ସମାଧାନ ନ ହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତେଇ ଦିଆଯାଇଥିଲା ।

# ଭସାପୋଲରେ ଭାରୀଯାନ ପାଇଁ କଟକଣା

## ଗୋଟିଏ ଇଂଜିନ୍ କାମ କରୁନି, ଚ୍ୟାନେଲ୍‌ରେ ଜଳସ୍ତର ବି କମିଛି



ବ୍ରହ୍ମଗିରି , ୧୭/୦୨ (ନି.ପ୍ର): ବାରମ୍ବାର ଭସାପୋଲ ଯାତ୍ରୀଙ୍କ ସହିତ ମଝି ଚିଲିକାରେ ଅଟକି ରହୁଛି । ଏହି କାରଣରୁ ଘଣ୍ଟା ଘଣ୍ଟା ଧରି ଯାତ୍ରୀ ମଝି ଚିଲିକାରେ ନାକେଦମ ହେଉଛନ୍ତି । ଭସାପୋଲରେ ଲାଗିଥିବା ଦୁଇଟି ଇଞ୍ଜିନ୍ ମଧ୍ୟରୁ ଗୋଟିଏ ଠିକଣା ଭାବରେ କାମ କରୁନି । ତେଣୁ ଗୋଟିଏ ଇଞ୍ଜିନରେ ଭସାପୋଲ ଯାତ୍ରୀ ପରିବହନ କରୁଛି । ଭାରୀଯାନ ଭସାପୋଲରେ ଲଦା ହେବା ପରେ ଏହା ଆଉ ଟାଣୁନି । ଫଳରେ ଭସାପୋଲ ବାରମ୍ବାର ମଝି ଚିଲିକାରେ ଅଟକି ଯାଉଛି । ସୂଚନାଯୋଗ୍ୟ ପ୍ରତିଦିନ ସାତପଡ଼ାରୁ ଜହ୍ନିକୁଦାକୁ ଏହି ଭସାପୋଲ ଚଳାଚଳ କରିଥାଏ । ବଡ଼ ଭସାପୋଲରେ ଦୁଇଟି ଇଞ୍ଜିନ ରହିଛି । ଫଳରେ ଏଥିରେ ଭାରୀଯାନ ସହିତ ଯାତ୍ରୀ ଯାତାୟାତ କରିଥାନ୍ତି । କିନ୍ତୁ ଏବେ ତିନି ଦିନ ହେଲାଣି ଗୋଟିଏ ଇଞ୍ଜିନ ଖରାପ ହୋଇଯାଇଛି । ତେଣୁ ଗତକାଲିଠାରୁ ସିଡିଏ ପକ୍ଷରୁ ଏହି ଭସାପୋଲରେ ଭାରୀଯାନ ପରିବହନକୁ ବାରଣ କରାଯାଇଛି । ଗୋଟିଏ ପଟେ ଭସାପୋଲ ଚ୍ୟାନେଲ ଖୋଳା ନ ହେବା ଏବଂ ଅନ୍ୟପଟେ ଚିଲିକାରେ ଜଳସ୍ତର କମିବା ଯୋଗୁ ଭସାପୋଲ ଅଟକୁଥିଲା । ଏବେ କିନ୍ତୁ ଭସାପୋଲର ଗୋଟିଏ ଇଞ୍ଜିନ କାମ କରୁନଥିବା ଏହି ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି । ଏନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କର ଜଣେ ଅଧିକାରୀ କହିଛନ୍ତି ଯେ ଭସାପୋଲରେ ଗୋଟିଏ ଇଞ୍ଜିନ କାମ କରୁ ନ ଥିବାରୁ ଏହାର ମରାମତି କାମ ଆରମ୍ଭ ହୋଇଛି । ସେଥିପାଇଁ ଭାରୀଯାନ ଚଳାଚଳ ଉପରେ ସାମୟିକ ଭାବରେ କଟକଣା ଜାରି କରାଯାଇଛି । ଇଞ୍ଜିନ ମରାମତି ହେବା ପରେ ପୁଣି ଥରେ ଭାରୀଯାନ ପରିବହନ କରାଯିବ । ଏବେ କେବଳ ଯାତ୍ରୀ ପରିବହନ ଚାଲିଥିବା ଅଧିକାରୀ ଜଣକ କହିଛନ୍ତି ।

ଅନ୍ୟପଟେ ଭାରୀଯାନ ଚଳାଚଳ ବନ୍ଦ ହେବା ପରେ ପୁରୀରୁ ଗଞ୍ଜାମକୁ ଯାତ୍ରୀ ପରିବହନ କରୁଥିବା ଦୁଇଟି ବସ୍ ସେବା ବନ୍ଦ ରହିଛି । ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟକୁ ଭସାପୋଲ ଓ ଡଙ୍ଗା ଯୋଗେ ଯାତ୍ରୀ ପରିବହନ ହୋଇଥାଏ । ସମସ୍ତ ଭାରୀଯାନ ସହିତ ଚାରିଚକିଆ ଯାନ ଏହି ଭସାପୋଲରେ ପାରି ହୋଇଥାଏ ।

## ଆଇ ଏମ ସି ତରଫରୁ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ

କନ୍ଧମାଳ , ୧୭/୦୨ (ନି.ପ୍ର): ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ସଭାଗୃହରେ ଆଇ ଏମ ସି ତରଫରୁ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଟ୍ରେଡ଼ର ଛାତ୍ରଛାତ୍ରୀ ମାନେ କିପରି ନିଜର ଦକ୍ଷତା ବୃଦ୍ଧି କରିପାରିବେ, ସେହି ବାବଦରେ ଟିପ୍ପଣି ଦିଆଯାଇଥିଲା । ବିଭିନ୍ନ ଟ୍ରେଡ୍ କୁ ମଧ ପରିଭ୍ରମଣ କରାଯାଇ ସେଥିରେ ଥିବା ଯନ୍ତ୍ରପାତି ପରିଦର୍ଶନ କରିବା ସହ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ପ୍ରକାଶ ଚନ୍ଦ୍ର ସେଠି ଦକ୍ଷତା ଇପାରେ ଅବଗତ କରାଇଥିଲେ । ଏହି ଅନୁଷ୍ଠାନ ଛାତ୍ରଛାତ୍ରୀ ମାନଙ୍କର ମେଧାର ବିକାଶ ଦିଗରେ ବିଶେଷ ଧ୍ୟାନ ଦେଉଛି ବୋଲି ସେ ବୁଝାଇଥିଲେ । ଆଇ ଏମ ସି ର ଅଧ୍ୟକ୍ଷ ନୀଳମାଧ୍ୱ ମିଶ୍ରଙ୍କ ଉପସ୍ଥିତି ଏବଂ . ଶିଳ୍ପ ଅନୁଷ୍ଠାନର ଅଧ୍ୟକ୍ଷ ସେଠି ବାବୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ତାଲିମ ଅଧିକାରୀ ରଶ୍ମି ରଞ୍ଜନ ବିଶ୍ୱାଳ, ଦେବାଶିଷ ବ୍ରହ୍ମା, ଟାଟା ଟ୍ରାଇଭର ତକିମ ଅଧିକାରୀ, ଏବଂ ହଷ୍ଟେଲ ସୁପରିଟେଣ୍ଡ ଗୌରବ ମହାପାତ୍ର ପରିଚାଳନା କରିଥିଲା ବେଳେ ତାଲିମ ଅଧିକାରୀ ଡ଼ଃ ନୃସିଂହାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସାଲୁଙ୍କି ପାଇପ ଏଣ୍ଡ ଟିଉବ ପ୍ରାଇଭେଟ ଲିମିଟେଡ୍ ର ନିର୍ଦ୍ଦେଶକ, ଡି ଆଇ ସି ର ଜେନେରାଲ ମେନେଜର, ଆଇ ଟି ଆଇ ବୌଦ୍ଧ ଓ ଫୁଲବାଣୀର ଅଧ୍ୟକ୍ଷ, କସମ ସମ୍ପାଦକ, ବିଦ୍ୟୁତ ବିଭାଗନିର୍ବାହୀ ଯନ୍ତ୍ରୀ,ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଆୟୁର୍ବେଦ ଯେ ସି ବି ର ପ୍ରୋପାଇଟର ପ୍ରଭୃତି ଉପସ୍ଥିତି ରହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ସଡ଼କ ସୁରକ୍ଷାରେ ଓଡ଼ିଶାକୁ ୬୭% ମାର୍କ

ଭୁବନେଶ୍ୱର , ୧୭/୦୨ (ନି.ପ୍ର): ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟିର ସଚିବ ସଞ୍ଜୟ ମିତ୍ତଲଙ୍କ ନେତୃତ୍ୱରେ ଏକ ଟିମ୍ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଏହି ଅବସରରେ ଆଜି ଲୋକସେବା ଭବନରେ ମୁଖ୍ୟସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ରାଜ୍ୟ ସରକାର ସଡ଼କ ସୁରକ୍ଷା ନେଇ କି କି ପଦକ୍ଷେପ ନେଇଛନ୍ତି ସେନେଇ ସବିଶେଷ ସୂଚନା ଦେଇଥିଲେ । ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ, ଆହତ ବ୍ୟକ୍ତିମାନଙ୍କୁ ତୁରନ୍ତ ଚିକିତ୍ସା ଓ ସହାୟତା ପ୍ରଦାନ ଉପରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟ କମିଟି ସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟ ସରକାର ଆଉ କ'ଣ କ'ଣ କରିବା ଦରକାର ସେନେଇ ପରାମର୍ଶ ଦେଇଛନ୍ତି ।

ଶ୍ରୀ ମିତ୍ତଲ ରାଜ୍ୟ ସରକାର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ତୁରନ୍ତ ରାଜପଥରୁ ଅବରୋଧ ହଟିବା ଦରକାର । ଏହାସହ ଜାତୀୟ ସଡ଼କ କଂଗ୍ରେସର ନିୟମ ଅନୁଯାୟୀ ରାସ୍ତାରେ ମିଡିଆନ୍ ନିର୍ମାଣ, ଦୁର୍ଘଟଣା ଆଶଙ୍କା ଥିବା ସ୍ଥାନ ଚିହ୍ନଟ ଏବଂ ଆବଶ୍ୟକୀୟ ସୂଚନା ଫଳକ ଲଗାଇବେ । ସଡ଼କ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ସବୁ ଦୃଷ୍ଟିରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ବ୍ୟବସ୍ଥାକୁ ନେଇ ୬୭% ମାର୍କ ରଖିଛନ୍ତି । ତେଣୁ ସଡ଼କ ସୁରକ୍ଷା ଦିଗରେ ଭିତ୍ତିଭୂମିକୁ ଅଧିକ ସୁଦୃଢ କରିବାକୁ ହେବ ।

ସେହିପରି ରାଜପଥକୁ ସଂଲଗ୍ନ କରୁଥିବା ରାସ୍ତାରେ ସ୍ପିଡବ୍ରେକର ଲଗାଇବା, ଯାନବାହାନ ଯାଞ୍ଚ ଏବଂ ନିଶା ସେବନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣାର ପ୍ରଥମ ଘଣ୍ଟା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଦୃଷ୍ଟିରୁ ଆହତ ବ୍ୟକ୍ତିମାନଙ୍କୁ ପ୍ରାଥମିକ ଚିକିତ୍ସାରେ ସହାୟତା ପ୍ରଦାନ କରିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନକୁ ବ୍ୟାପକ କରିବା ସହ ଟ୍ରମା କେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗକୁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ରାଜ୍ୟରେ ଦୁର୍ଘଟଣା ଜନିତ ମୃତାହତ ସଂପର୍କରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ସୂଚନା ଦେଇ କହିଥିଲେ, ୨୦୨୧ରେ ରାଜ୍ୟରେ ୧୦୯୮୩ଟି ଦୁର୍ଘଟଣାରେ ୫୦୮୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୯୭୮୨ ଜଣ ଆହତ ହୋଇଥିଲେ । ସେହିଭଳି ୨୦୨୨ରେ ୧୧୬୬୩ଟି ଦୁର୍ଘଟଣାରେ ୫୪୬୭ ଜଣ ପ୍ରାଣ ହରାଇଥିବା ବେଳେ ୧୦୩୦୨ ଜଣ ଆହାତ ହୋଇଥିଲେ । ଗତବର୍ଷ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଓ ଗଜପତି ଜିଲ୍ଲାରେ ସର୍ବନିମ୍ନ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ସେ କହିଥିଲେ ।

ସେହିପରି ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କହିଥିଲେ ଯେ ରକ୍ଷକ ସଚେତନତା କାର୍ଯ୍ୟକ୍ରମରେ ଦୁର୍ଘଟଣା ଜନିତ ପ୍ରାଥମିକ ଚିକିତ୍ସାରେ ସହାୟତା ପ୍ରଦାନ କ୍ଷେତ୍ରରେ ୧୧୩୮୯ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି । ବ୍ରହ୍ମପୁର, କେନ୍ଦୁଝର ଏବଂ ବଣାଇଠାରେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ଗାଡ଼ିଚାଳନା ଏବଂ ତାଲିମ ଗବେଷଣା କେନ୍ଦ୍ରରେ ରାଜ୍ୟର ଏକ ହଜାର ଅନୁସୂଚିତ ଜାତି ଓ ଜନଜାତି ଭାରିଯାନ ଚାଳକଙ୍କୁ ବିଭାଗ ପକ୍ଷରୁ ଚଳିତ ବର୍ଷ ତାଲିମ ପ୍ରଦାନ କରାଯିବ । ରାଜ୍ୟର ସମସ୍ତ ଆଞ୍ଚଳିକ ଏବଂ ସହାୟକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୈ?ନିକ ହାରାହାରି ୧୮୦୦ ଲୋକଙ୍କୁ ସଡ଼କ ସୁରକ୍ଷା ସଂପର୍କିତ ଅତ୍ୟାଧୁନିକ ତାଲିମ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଉଥିବା ନେଇ ଶ୍ରୀମତୀ ପାଢ଼ୀ ସୂଚନା ଦେଇଥିଲେ ।

ଏହି ବୈଠକରେ ପୁଲିସ ଡିଜି ସୁନିଲ ବଂଶଲ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, ପରିବହନ ବିଭାଗ ଯୁଗ୍ମ କମିସନର ସଞ୍ଜୟ ବିଶ୍ୱାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।


# କେନ୍ଦ୍ରର ଧାନ କିଣା ଓ ଚାଉଳ କାଟ ନୀତିକୁ ବିଜେଡିର ବିରୋଧ

କେନ୍ଦୁଝର, ୧୭/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ବିଜେପି ସରକାର ଓଡିଶା ରାଜ୍ୟର ୩.୨୫ କୋଟି ଗରିବ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଲେଖାଁଏ ଚାଉଳ ଯୋଗାଣରୁ ବଂଚିତ କରାଯିବା ନିଷ୍ପତି ବିରୋଧରେ ବିଜୁ ଜନତା ଦଳ ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜିଲ୍ଲା ମୁଖ୍ୟାଳୟରେ ଗଣଧାରଣା ଓ ପ୍ରତିବାଦ ସଭା କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରୁ ଧାନ କିଣାରେ କାଟ ଓ ଚାଉଳ କାଟର ପ୍ରତିବାଦ କରାଯାଇଛି । ଜିଲ୍ଲା ମୁଖ୍ୟାଳୟରେ ସ୍ଥାନୀୟ ନଗର ଭବନ ପଡିଆରୁ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି କେନ୍ଦୁଝରଗଡ ପୌରପାଳିକା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁ ସଂଖ୍ୟାରେ ବିଜେଡି ନେତା ଓ କର୍ମୀ ଉପସ୍ଥିତ ହୋଇ ପ୍ରତିବାଦ ସଭା ଆୟୋଜନ କରିଥିଲେ । ପୁନର୍ବାର ଉକ୍ତ ଚାଉଳ ଗରିବ ହିତାଧିକାରୀଙ୍କୁ ଦେବା ପାଇଁ ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ବିଜେଡି ନେତୃତ୍ୱ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଭଳି ପଦକ୍ଷେପ ନେଇ ନେତାମାନେ ଉଦ୍‌ବୋଧନ ଦେଇ ମୋଦି ସରକାରଙ୍କୁ ସମାଲୋଚନା କରିବା ସହ ତୁରନ୍ତ ଗରିବଙ୍କ ଚାଉଳ ଦେବା ପାଇଁ ଦାବି କରିଥିଲେ । କେନ୍ଦ୍ର ସରକାରଙ୍କ ଏଭଳି ଜନମାରଣ ନୀତି କୁ ଘୋର ବିରୋଧ କରାଯାଇଥିଲା । କେନ୍ଦ୍ର ସରକାର ଏହି ନିଷ୍ପତି ର ତୁରନ୍ତ ସୁବିଚାର ନ କରନ୍ତି ତେବେ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବଲୀ ଦିଆଯାଇଥିଲା । କେନ୍ଦ୍ର ବିଜେପ ସରକାର ଚାଉଳ କୁ ନେଇ ହୀନ ରାଜନୀତି କରିବା ସହ ଯେଭଳି ଗରିବ ଙ୍କ ପେଟକୁ ଲାତ ମାରୁଛି ଓଡିଶାବାସୀ ତାହାର ଜବାବ ଦେବେ ବୋଲି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର କହିଥିଲେ । ଓଡିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ ହ୍ରାସ କରିବା ଫଳରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ ଧାନ କ୍ରୟ ପ୍ରଭାବିତ ହେବ । ପୂର୍ବରୁ ୧୮ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠୁଥିଲା । ଏବେ ଏହାକୁ କମାଇ ୪ଲକ୍ଷ ମେଟ୍ରିକ ଟନ୍‌କୁ ହ୍ରାସ କରାଯାଇଛି । ଏଥିସହ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅଧିନରେ ୫କିଲୋ ମାଗଣା ଚାଉଳ ବ୍ୟତୀତ ପ୍ରତିମାସରେ ଆଉ ୫ କିଲୋ ଚାଉଳ ମାଗଣାରେ ମିଳୁଥିଲା । କେନ୍ଦ୍ର ସରକାର ଗରିବ ଅନ୍ନ ଯୋଜନାକୁ ବନ୍ଦ କରିବାରୁ ଗରିବ ଲୋକ ୫ କେଜି ଚାଉଳ ପାଇବାରୁ ବଂଚିତ ହୋଇଛନ୍ତି ବୋଲି ବରିଷ୍ଠ ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି ।


# ମୁଦୁଲିପଡ଼ାରେ ବିଏସ ଏଫ ଦ୍ୱାରା ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ

ମାଲକାନଗିରି, ୧୭/୦୨ (ନି.ପ୍ର): କୋରାପୁଟ ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ,ଟି ଟି ନରସିଂହ ରେଡ୍ଡୀ, କମାଣ୍ଡାଣ୍ଟ ୬୫ ବିଏନ୍ ବିଏସ୍‌ଏଫ୍ ମିଳିତ ଭାବେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକର ମୁଦୁଲିପଡା ଠାରେ ପ୍ରତିଷ୍ଠା ହୋଇଥିବା ବିଏସ ଏଫ କ୍ୟାମ୍ପ ପରିଦର୍ଶନ କରିଥିଲେ । ପରିଦର୍ଶନ ବେଳେ ସୁରକ୍ଷା ଦୃଷ୍ଟିକୋଣ ଏବଂ ୟୁନିଟ୍ ର କାର୍ଯ୍ୟକ୍ଷମ ପ୍ରସ୍ତୁତି ବିଷୟରେ କମାଣ୍ଡାଣ୍ଟ ସୂଚନା ଦେଇଥିଲେ । ଡେପୁଟି ଇନିସ ପେକ୍ଟର ଜେନେରାଲଙ୍କ ଉପସ୍ଥିତିରେ ମୁଦୁଲିପଡା ବିଏସ୍‌ଏଫ୍ କ୍ୟାମ୍ପରେ ୬୫ ବିଏନ୍ ବିଏସ୍‌ଏଫ୍ ଦ୍ୱାରା ଏକ ସିଭିକ୍ ଆକ୍ସନ ପ୍ରୋଗ୍ରାମ, ସ୍ୱାସ୍ଥ୍ୟ ଶିବିର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ ସମୟରେ ମୁଦୁଲିପଡା, ସିଲାଇଗଡା, ଗୋଖରପଡା, ସମ୍ବଲପୁରର ଗ୍ରାମବାସୀଙ୍କୁ ପୋଷାକ ସାମଗ୍ରୀ, ଷ୍ଟେସନାରୀ, ଖେଳିବା ଉପକରଣ ବଣ୍ଟନ କରାଯାଇଥିଲା । ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଯାଂଚ ପାଇଁ ଏକ ଡାକ୍ତରୀ ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରେ ପ୍ରାୟ ୩୫୦ ଜଣ ଗ୍ରାମବାସୀ ଏବଂ ଛାତ୍ର ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । ସମାଜର ମୁଖ୍ୟ ସ୍ରୋତରେ ଯୋଡିହେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଏସ୍‌ଏଫ୍ ଡିଆଇଜି ଶ୍ରୀ ଲାଲ କହଥିଲେ ମାଓବାଦୀ ଙ୍କ ବିରୁଦ୍ଧରେ ବିଏସ୍‌ଏଫ୍ ଆକ୍ରମଣକୁ ତୀବ୍ର କରାଯିବ ଏବଂ ସାମାଜିକ ବିରୋଧୀ କାର୍ଯ୍ୟକଳାପ ଯାଂଚ କରିବା ପାଇଁ ଏକକାଳୀନ କାର୍ଯ୍ୟକ୍ଷମ କାର୍ଯ୍ୟକଳାପ ହେବ । ବିଏସ୍‌ଏଫ୍ କଲ୍ୟାଣମୂଳକ କାର୍ଯ୍ୟକଳାପ ଯେପରିକି ଜନସମ୍ପର୍କ କାର୍ଯ୍ୟକ୍ରମ, ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ, ଡାକ୍ତରୀ ଶିବିର ଏବଂ କ୍ରୀଡା କାର୍ଯ୍ୟକଳାପ ଇତ୍ୟାଦି ମଧ ଜାରି ରଖିବ, ଏହା ନିଶ୍ଚିତ ଭାବରେ ସ୍ଥାନୀୟ ଲୋକ ଏବଂ ବିଏସ୍‌ଏଫ୍ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବାରେ ଏକ ଦୀର୍ଘ ରାସ୍ତା ଯିବ !ଏହିପରି କାର୍ଯ୍ୟକ୍ରମ ଆବଶ୍ୟକୀୟ ଆବଶ୍ୟକତାକୁ ସମାଧାନ କରିଥାଏ । ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ସରକାରୀ ଏଜେନ୍ସି ମାଧ୍ୟମରେ ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ଏକ ସୁଯୋଗ ପ୍ରଦାନ କରେ । ମୁଦୁଲିପଡା ଥାନା ଆଇଆଇସି ଚନ୍ଦ୍ରକାନ୍ତ ତାଣ୍ଡି ଏବଂ ମୁଦୁଲିପଡାର ସରପଂଚ ସମ୍ବରୀ ଡାଙ୍ଗ୍ରା ମାଝୀ , ଅନୁସୂଚିତ ଜାତି ଜନଜାତି ବାଳକ ଉଚ୍ଚ ବିଦ୍ୟାଳୟ ମୁଦୁଲିପଡା , ବାଳିକା ଉଚ୍ଚ ବିଦ୍ୟାଳୟ ମୁଦୁଲିପଡା ର ଶିକ୍ଷକମାନେ ଉପସ୍ଥିତ ଥିଲେ । ବିଏସ୍‌ଏଫ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ସେମାନେ ସମସ୍ତେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ସ୍ଥାନୀୟ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶନ ପାଇଁ "ବଣ୍ଡା ଏବଂ ଢେମସା ନୃତ୍ୟ" ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ପରେ ଗ୍ରାମବାସୀଙ୍କୁ ମଧ୍ୟାହ୍ନ ଭୋଜନ ମଧ ପ୍ରଦାନ କରାଯାଇଥିଲା ଏବଂ ବିଏସ୍‌ଏଫ୍ ଉଦ୍ୟମରେ ସେମାନେ ବହୁତ ଖୁସି ହୋଇଥିଲେ ।

# ନୀଳଗିରି ମହିଳା ମହାବିଦ୍ୟାଳୟର ୨୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ନୀଳଗିରି, ୧୭/୦୨ (ନି.ପ୍ର): ନୀଳଗିରି ମହିଳା ମହାବିଦ୍ୟାଳୟର ୨୮ ତମ ବାର୍ଷିକ ଉତ୍ସବ କଲେଜ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଛି । କଲେଜ ପ୍ରାଣ ପ୍ରତିଷ୍ଠାତା ଇଂ ଦୀପ୍ତିକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ । ନୀଳଗିରିର ମାନବର ବିଧାୟକ ଏହି ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିବା ବେଳେ ବିଧାୟକ ପାଣ୍ଠିରୁ ୨୨ ଲକ୍ଷ ଟଙ୍କାରେ ନିର୍ମିତ ଏକ ଗ୍ରନ୍ଥାଗାରର ଶୁଭ ଉନ୍ମୋଚନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ସ୍ନାତୋକତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେସ ଚନ୍ଦ୍ର ଅଧିକାରୀ ଉପସ୍ଥିତ ସଭାରେ ଶିକ୍ଷା ଶୃଙ୍ଖଳା ଓ ସମୟାନୁବାପରେ ଆଲୋକପାତ କରିଥିଲେ । ଫେସବୁକ , ଇନଷ୍ଟାଗ୍ରାମ, ୱାଟସପ ବହୁଳ ଭାବରେ ଛାତ୍ରଛାତ୍ରୀଙ୍କ ଜୀବନକୁ ପ୍ରଭାବିତ କରିଥିବାରୁ ସେସବୁଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତାଭାବେ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ନିଜର ଲକ୍ଷ୍ୟ ପୁରଣ ପାଇ ଏବଂ ନିଜକୁ ସାର୍ମଥ୍ୟ କରି ଗଢି ତୋଳିବା ପାଇଁ ଆତ୍ମ ନିର୍ଭରଶିଳ ହେବାକୁ ଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୀଳଗିରି ଡିଗ୍ରି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ଜ୍ୟୋତ୍ସ୍ନାରାଣୀ ପଣ୍ଡା, ମହାବିଦ୍ୟାଳର ପ୍ରତିଷ୍ଠାତା ସଦସ୍ୟ ସଦାଶିବ ରତ, +୨ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, +୩ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ମଂଞ୍ଜୁଶ୍ରୀ ପଣ୍ଡା ଉପସ୍ଥିତ ଛାତ୍ରୀ ମାନଙ୍କୁ ଅନେକ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ମଂଚ ପରିଚାଳନା କରିଥିବା ବେଳେ ଛାତ୍ରୀ ଶୁଭଶ୍ରୀ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରଷ୍କୃତ କରାଯାଇଥିଲା । ଭାସ୍କର ବିଶ୍ୱାଳ ସାଂକୃତିକ କାର୍ଯ୍ୟକ୍ରମ ପରୁଚାଳନା କରିଥିବା ବେଳେ ଅଧ୍ୟାପକ ସଂଜୟ ପତି ଧନ୍ୟବାଦ ଅର୍ପଣ କରିଥିଲେ ।



## ପ୍ରତିମାରେ ମହାଦେବ

**ସୁଧାଂଶୁ ଶେଖର ଦ୍ୱିବେଦୀ**

ଏବର୍ଷ ଫେବୃଆରୀ ୧୮ ତାରିଖରେ ମହାଶିବରାତ୍ରି ପଡିଛି। ପୌରାଣିକ କଥାନୁସାରେ ଫାଲ୍ଗୁନ ମାସର କୃଷ୍ଣ ପକ୍ଷ ଚତୁର୍ଦଶୀ ତିଥିରେ ଭଗବାନ ଶିବ ଲିଙ୍ଗ ସ୍ୱରୂପରେ ପ୍ରକଟ ହୋଇଥିଲେ। ଏହି ତିଥିରେ ଭଗବାନ ଶିବଙ୍କ ଜ୍ୟୋତିର୍ଲିଙ୍ଗ ପ୍ରକଟ ପର୍ବ ରୂପେ ପ୍ରତିବର୍ଷ ମହାଶିବରାତ୍ରି ପାଳନ କରାଯାଏ। ଭାରତବର୍ଷର ପ୍ରତିଟି ଜିଲା, ସହର, ଗାଁ ମାନଙ୍କରେ ଭଗବାନ ଶିବଙ୍କ ମନ୍ଦିର, ପ୍ରତିମା ଆଦି ଅଛି। ସେଥିମଧ୍ୟରୁ ୧୦ଟି ବିଶାଳକାୟ ଶିବ ପ୍ରତିମା ଅନ୍ୟତମ।

୧- ଶ୍ରୀ ନାଥ (ରାଜସ୍ଥାନ)- ରାଜସ୍ଥାନର ଉଦୟପୁରଠାରୁ ମାତ୍ର ୫୦ କି:ମି: ଦୂରରେ ଅବସ୍ଥିତ ୩୫୧ ଫୁଟ ଉଚ୍ଚତା ବିଶିଷ୍ଟ ଶିବଙ୍କ ପ୍ରତିମା ନିର୍ମିତ ହୋଇଛି।ଏହି ପ୍ରତିମାକୁ ୨୦ କି:ମି: ଦୂରରୁ ମଧ ଦର୍ଶନ କରିହେବ।

୨-ମରୁଦେଶ୍ୱରା (କର୍ଣ୍ଣାଟକ) ବିଶ୍ୱର ଦ୍ୱିତୀୟ ଉଚ୍ଚତା ବିଶିଷ୍ଟ ଶିବଙ୍କ ପ୍ରତିମା ଆରବ ସାଗର ତଟ ଦେଶରେ ଅବସ୍ଥିତ। ଉପବିଷ୍ଟ ମୁଦ୍ରାରେ ଏହି ଶିବଙ୍କ ପ୍ରତିମାର ଉଚ୍ଚତା ୧୨୩ ଫୁଟ।ମରୁଦେଶ୍ୱରା କର୍ଣ୍ଣାଟକ ରାଜ୍ୟର ଉତ୍ତର କନ୍ନଡ଼ ରାଜ୍ୟରେ ଅବସ୍ଥିତ।ଏଠାରେ ଭଗବାନ ଶିବଙ୍କର ଆତ୍ମଲିଙ୍ଗ ସ୍ଥାପିତ ହୋଇଛି। ଯାହାର ସମ୍ପର୍କ ରାମାୟଣ କାଳ ସହିତ ଜଡିତ। ମାନ୍ୟତା ଅନୁସାରେ ଅମରତା ପ୍ରାପ୍ତ ପାଇଁ ରାବଣ ଶିବଙ୍କୁ ପ୍ରସନ୍ନ କରି ତାଙ୍କ ଆତ୍ମଲିଙ୍ଗ ଲଙ୍କାକୁ ନେଇଯାଉ ଥିଲେ।ମରୁଦେଶ୍ୱରା ନାମକ ସ୍ଥାନରେ ଆତ୍ମଲିଙ୍ଗ ଧରିତ୍ରୀ ପୃଷ୍ଠରେ ରଖିବା କାରଣରୁ ସେଇଠି ସ୍ଥାପିତ ହୋଇଯାଇଥିଲେ।

୩- ହର କି ପୌଡି (ଉତ୍ତରାଖଣ୍ଡ)- ଏହି ପ୍ରତିମା ଗଙ୍ଗା ନଦୀର ତଟ ରେ ହର କି ପୌଡି ନିକଟରେ ସ୍ଥାପିତ କରାହୋଇଛି।ପ୍ରତିମାଟି ଦଣ୍ଡାୟମାନ ଅବସ୍ଥାରେ ଅଛନ୍ତି।କିନ୍ତୁ ଋଷିକେଶରେ ଥିବା ଅନ୍ୟ ମୂର୍ତ୍ତି ଉପବିଷ୍ଟ ଅବସ୍ଥାରେ ଥିବାରୁ ବନ୍ୟା ଜଳରେ ଭାସିଗଲେ। ତେଣୁ ୧୦୦ ଫୁଟ ବିଶିଷ୍ଟ ଏହି ପ୍ରତିମାକୁ ଦଣ୍ଡାୟମାନ ଅବସ୍ଥାରେ ନିର୍ମାଣ କରାହୋଇଛି।

୪- ଶିବଗିରି ମହାଦେବ (କର୍ଣ୍ଣାଟକ)- ଶିବଗିରି ମହାଦେବଙ୍କ ଏହି ବିଶାଳ ମୂର୍ତ୍ତି ୮୫ ଫୁଟ ଉଚ୍ଚତା ବିଶିଷ୍ଟ ଅଟେ।କର୍ଣ୍ଣାଟକ ରାଜ୍ୟର ବିଜାପୁର ଜିଲ୍ଲାରେ ଶିବପୁର ନାମକ ସ୍ଥାନରେ ୨୦୦୬ ମସିହାରେ ଏହା ସ୍ଥାପନା କରାହୋଇଥିଲା।

୫- କୈଳାଶନାଥ (ନେପାଳ)- ୧୪୩ ଫୁଟ ଉଚ୍ଚତା ବିଶିଷ୍ଟ ଭଗବାନ ଶିବଙ୍କ ବିଶାଳକାୟ ପ୍ରତିମା ନେପାଳର ଚିତପୋଲ ସାଙ୍ଗା ଜିଲ୍ଲା ଭକ୍ତାପୁରଠାରେ ଅବସ୍ଥିତ।ଦଣ୍ଡାୟମାନ ଅବସ୍ଥାରେ ଏହି ମୂର୍ତ୍ତି ୨୦୦୪ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୦ରେ ସଂପୂର୍ଣ୍ଣ ହୋଇଥିଲା।

୬- ନାଗେଶ୍ୱର ମହାଦେବ (ଗୁଜୁରାଟ)- ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୁଜୁରାଟରେ ଦୁଇଟି ଅବସ୍ଥିତ। (୧)- ସୋମନାଥ(୨)-ନାଗେଶ୍ୱର। ପୂର୍ବରୁ ନାଗେଶ୍ୱର ମନ୍ଦିର ବହୁତ ଛୋଟ ଥିଲା। ଏବେ ଏହାର ପ୍ରାଙ୍ଗଣରେ ୮୨ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ଶିବପ୍ରତିମା ଟି-ସିରିଜ ନିର୍ମାତା ଗୁଲଶନ କୁମାର ନିର୍ମାଣ କରାଇଛନ୍ତି।

୭- କେମ୍ପଫୋର୍ଟ ଶିବ ପ୍ରତିମା (କର୍ଣ୍ଣାଟକ)- ୬୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଶିବ ପ୍ରତିମାଙ୍କ ସ୍ଥାପନା ୧୯୯୫ ମସିହାରେ ହୋଇଛି। ପ୍ରତିମାରେ ଭଗବାନ ଶିବ ପଦ୍ମାସନ ମୁଦ୍ରାରେ ବିରାଜମାନ।

୮- ବେଲେଶ୍ୱର ମହାଦେବ (ଓଡିଶା)- ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଭଞ୍ଜନଗରଠାରେ ୬୧ ଫୁଟ ଉଚ୍ଚତାର ବେଲେଶ୍ୱର ଶିବ ପ୍ରତିମା ଅବସ୍ଥିତ।ଉକ୍ତ ପ୍ରତିମାକୁ ଚନ୍ଦ୍ରଶେଖର ଶିବ ମନ୍ଦିର ନିକଟରେ ନିର୍ମାଣ କରାହୋଇଛି।୨୦୧୩ ମସିହା ମାର୍ଚ୍ଚ ୬ ତାରିଖରେ ପ୍ରତିମାକୁ ଅନାବୃତ୍ତ କରାହୋଇଥିଲା।

୯- ନାମଚି ଶିବ ପ୍ରତିମା (ସିକିମ)- ନାମଚି ସହରରେ ଥିବା ପାହାଡ଼ ଉପରେ ବିରାଜିତ ଶିବ ପ୍ରତିମା ଚାରିଧାମ ବଦ୍ରିନାଥ, ରାମେଶ୍ୱରମ, ଦ୍ୱାରିକା ଏବଂ ପୁରୀ ମନ୍ଦିର ଶୈଳୀରେ ୧୨ଟି ଜ୍ୟୋତିର୍ଲିଙ୍ଗ ସହିତ ରୂପାୟନ କରାହୋଇଛି।ଏଠାରେ ୧୦୮ ଫୁଟ ଉଚ୍ଚର ଶିବ ପ୍ରତିମା ସିଦ୍ଧେଶ୍ୱର ଧାମ ନାମରେ ପ୍ରସିଦ୍ଧ।

୧୦- ମଙ୍ଗଳ ମହାଦେବ (ହରିୟାଣା)ହରିୟାଣାର ମଙ୍ଗଳ ମହାଦେବଙ୍କର ବିଶାଳ ପ୍ରତିମା ଅଛି।ଯାହାର ଉଚ୍ଚତା ୧୦୧ ଫୁଟ ଅଟେ। ଶିବରାତ୍ରି ସମେତ ଅନ୍ୟଦିନ ମାନଙ୍କରେ ମଧ ଭକ୍ତଙ୍କର ପ୍ରବଳ ଭିଡ଼ ଜମିଥାଏ।

+ବିସି-୭୪,ସଲଟ ଲେକ,କଲକତା-୬୪
ମୋ-୯୬୮୧୩୭୩୫୧୨

## ମହାମୃତ୍ୟୁଞ୍ଜୟୀ ଶିବ

**ଶରତ କୁମାର ସାହୁ**



ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ । ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦ । ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ । ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି। ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ । ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ । ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ । ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ ।

+'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର,
ମୋ : ୯୪୩୭୦୫୧୫୪୩

## ଶିବ ପୂଜାରେ ନବଗ୍ରହ ଶାନ୍ତି ବିଧାନ

**ଅଜୟ କୁମାର ବେହେରା**

ପ୍ରତ୍ୟେକ ଧର୍ମ ଭଳି ଆମ ହିନ୍ଦୁଧର୍ମରେ ଭଗବାନଙ୍କୁ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରେ ବିଶ୍ଳେଷଣ କରାଯାଇଛି। ଭଗବାନ ଶବ୍ଦ ବିଶ୍ଳେଷଣରେ ସେ ଚାରୋଟି ଅକ୍ଷରର ସମାହାର। ପ୍ରତ୍ୟେକ ଅକ୍ଷର ସହ ଏକ ସ୍ୱତନ୍ତ୍ର ତତ୍ତ୍ୱ ସମ୍ବନ୍ଧ ରହିଛି। ପ୍ରଥମ ଅକ୍ଷର 'ଭ'ରେ ସେ ସମସ୍ତ ଭଲଗୁଣର ଅଧିକାରୀ, ଭକ୍ତରକ୍ଷାକାରୀ, ଭକ୍ତବତ୍ସଳ। ଦ୍ୱିତୀୟ ଅକ୍ଷର 'ଗ'ରେ ସେ ଗଗନ ଭଳି ବିସ୍ତୃତ, ଅନନ୍ତ, ଅସୀମ ଓ ପରିବ୍ୟାପ୍ତ ଏବଂ ସମସ୍ତଗଣଙ୍କୁ ପ୍ରତିନିଧିତ୍ୱ କରନ୍ତି ଅର୍ଥାତ୍ ଯିଏ ଦେବଗଣ, ଦାନବଗଣ, ମାନବଗଣ ଓ ଗ୍ରହଗଣ ଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରନ୍ତି। ତୃତୀୟ ଅକ୍ଷର 'ବା'ରେ ଯାହାଙ୍କ ଠାରେ ବାଛ ବିଚାର, ପାତର ଅନ୍ତର ତିଳେମାତ୍ର ପ୍ରକାଶିତ ହୁଏ ନାହିଁ। ଚତୁର୍ଥ ଅକ୍ଷର 'ନ'ରେ ସେ ନବଗ୍ରହକୁ ପ୍ରତିନିଧିତ୍ୱ କରନ୍ତି ଏବଂ ନବନିଧିଦାତା। ସୃଷ୍ଟିର ଆରମ୍ଭ, ବିକାଶ ଏବଂ ବିଲୟ ଏହି ତିନିକାର୍ଯ୍ୟକୁ ଯିଏ ସମ୍ପାଦନ କରେ ସିଏ ହେଉଛନ୍ତି ଭଗବାନ। ଆମ ହିନ୍ଦୁଧର୍ମ ବିଶ୍ୱାସ କରେ ଏହି ତିନି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବା ଶିବ ସମ୍ପାଦନ କରିଥାନ୍ତି। ବ୍ରହ୍ମା ସୃଷ୍ଟିର ସର୍ଜନା କରନ୍ତି, ବିଷ୍ଣୁ ସୃଷ୍ଟିର ପାଳନ କରୁଥିବା ବେଳେ ଶିବ ସଂହାରକର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଗଲେ ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଯେଉଁ କାର୍ଯ୍ୟ ନିର୍ବାହ କରାଯାଏ, ତାହାକୁ ଶିବ ସଂହାର କର୍ତ୍ତା ଭାବେ ତୁଲାଇ ଥାନ୍ତି। ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ। ଯାହାଙ୍କର ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି (ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ)। ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। କୈଳାସ ପର୍ବତ ମୃତ୍ତିକାର ଉତ୍ସ, ଶିବ ସମସ୍ତ ଜୀବଜଗତର ପ୍ରାଣର ଆଧାର ଅର୍ଥାତ୍ ସେ ବାୟୁର ଉତ୍ସ, ପ୍ରକୃତିରୂପ ଶିବ ଗଗନ ଭଳି ବିସ୍ତୃ ତେଣୁ ସେ ଅନନ୍ତ ଆକାଶର ଉତ୍ସ। ଶିବଙ୍କ ବିନା ଆଧାରରେ ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର ଏବଂ ଶିବ ହିଁ ନବଗ୍ରହଙ୍କର ଏକ ଅଭିନ୍ନ ସ୍ୱରୂପ। ଶିବଙ୍କ ଠାରେ ନବଗ୍ରହଙ୍କର ପ୍ରତିଟିରୂପ ପ୍ରକାଶିତ। ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।



ସାରା ସଂସାରର ଏକମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ସେ ପୁଣି ସତ୍ୟ ଓ ସୁନ୍ଦର ଏଥିରେ ବୁଝିବାର କାହାର ଦ୍ୱିଧା ନାହିଁ। ଶିବ ବିଶ୍ୱବ୍ରହ୍ମାଣ୍ଡ ତଥା ସଂପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟର ପ୍ରତୀକ। ସମୁଦ୍ର ମନ୍ଥନରୁ ହଳାହଳ ଗରଳ ନିର୍ଗତ ହେବା ଦେଖି ସମସ୍ତ ଦେବମଣ୍ଡଳ, ଗ୍ରହମଣ୍ଡଳ, ଜୀବମଣ୍ଡଳ ଏପରିକି ସଂପୂର୍ଣ୍ଣ ଜଗତ କିଂକର୍ତ୍ତବ୍ୟବିମୂଢ଼ ଭାବେ ସ୍ତମ୍ଭୀଭୂତ ହୋଇଗଲା। ଶେଷରେ ଜଗତର ମଙ୍ଗଳ ନିମନ୍ତେ ମହାନ ତ୍ୟାଗୀ ଶିବ ଏହି ହଳାହଳ ବିଷ ପାନ କରି ସଂପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ଏହି ବିଷପାନରେ ଶିବଙ୍କ କଣ୍ଠ ନୀଳକଣ୍ଠ ହୋଇଗଲା। ତେଣୁ ସେ ନୀଳକଣ୍ଠ ରୂପେ ପରିଚିତ ହେଲେ। ବିଷଜ୍ୱାଳାର ଉପଶମ ହେବା ପାଇଁ ମସ୍ତକର ଜଟା ମଧ୍ୟେ ଗଙ୍ଗା, ଭାଲରେ ଶୀତଳ କିରଣ ପ୍ରଦାନ କରୁଥିବା ଚନ୍ଦ୍ର, ଗଳାରେ ସର୍ପ ଶୋଭିତ ହେଲା। କଟିରେ ବ୍ୟାଘ୍ର ଚର୍ମ, ନୀଳବର୍ଣ୍ଣ କାନ୍ତିଯୁକ୍ତ ଶରୀର, କପାଳରେ ଶ୍ମଶାନ ଭସ୍ମ, ସ୍କନ୍ଧରେ ଯଜ୍ଞପବୀତ, ହସ୍ତରେ ତ୍ରିଶୂଳ ଓ ଡମ୍ବରୁ, ଗଳାରେ ରୁଦ୍ରାକ୍ଷମାଳା, ହସ୍ତରେ କମଣ୍ଡଳୁ ଓ ଆଶାବାଡ଼ି, ପଦଯୁଗଳରେ କଠଉ, କର୍ଣ୍ଣରେ କୁଣ୍ଡଳ, ବୃଷଭବାହନ, ବାମରେ ପ୍ରିୟତମା ପତ୍ନୀ ପାର୍ବତୀ, ପୁତ୍ର ଗଣେଶ ଓ କାର୍ତ୍ତିକ ସହ ପ୍ରକୃତି ରୂପକ କୈଳାସ ପର୍ବତରେ ଅବସ୍ଥାନ କରି ସର୍ବଦା ଧ୍ୟାନମଗ୍ନ ରହନ୍ତି। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି। ଦେବଦେବ ମହାଦେବ ରୂପେ ସେ ଖ୍ୟାତ। ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ। ଜ୍ୟୋତିଷାଚାର୍ଯ୍ୟମାନଙ୍କ ମତରେ ଶିବ ଦେବ ମଣ୍ଡଳ, ଗ୍ରହମଣ୍ଡଳ ଓ ଜୀବମଣ୍ଡଳର ଅଧୀଶ୍ୱର ଅଟନ୍ତି। ଶିବ ପ୍ରକୃତି ତଥା ଜଗତର ପ୍ରତୀକ ହେତୁ ସେ ଜଗତ ବ୍ୟାପୀ ଏବଂ ଜଗତମୟ। ସେ ନବଗ୍ରହଙ୍କ ଅଧିଷ୍ଠାତ୍ର ଅଟନ୍ତି।

+ପିସି ସରକାର ଲେନ୍,
କଟକ,
ମୋ ୯୪୩୭୦୩୧୨୫୩

## ମହାଶିବରାତ୍ରି

**ଜୟଶ୍ରୀ ପଟ୍ଟନାୟକ**

ଧର୍ମ ସଂସ୍କୃତିକୁ କେନ୍ଦ୍ର କରି ଆମ ଓଡିଶାରେ ଅନେକ ପର୍ବପର୍ବାଣି ଓ ଓଷାବ୍ରତ ଅନୁଷ୍ଠିତ ହୁଏ । ଏହି ପର୍ବ ପର୍ବାଣି ଯୁଗ ଯୁଗ ଧରି ଆମର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ସମୃଦ୍ଧ କରି ଆସିଛି । ଏହି ପରିପ୍ରେକ୍ଷୀରେ ଆମ ଉତ୍କଳୀୟ ଧର୍ମଧାରାରେ ପ ଂଚଦେବତାଙ୍କ ଉପାସନା କରାଯାଏ । ତେଣୁ ଗଣେଶ, ବିଷ୍ଣୁ, ଶିବ, ଦୁର୍ଗା ଓ ସୂର୍ଯ୍ୟଙ୍କୁ କେନ୍ଦ୍ରକରି ବର୍ଷସାରା ଅନେକ ପର୍ବପର୍ବାଣି ହୋଇଥାଏ । ଏହା ମଧ୍ୟରୁ ପ୍ରାକ୍ ବୈଦିକ ଯୁଗରୁ ଶୈବ ଚେତନାର ଅଧୀଶ୍ୱର ଶିବଙ୍କୁ କେନ୍ଦ୍ର କରି ଉତ୍କଳରେ ତଥା ସାରା ଭାରତରେ ହେଉଥିବା ତାଙ୍କର ପ୍ରିୟ ଚତୁର୍ଦ୍ଦଶୀ ମଧ୍ୟରୁ ଫାଲ ଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିଟି ମହାଶିବରାତ୍ରି ନାମରେ ବିଦିତ । ଏହିଦିନ ଶିବ ବ୍ରତ କରୁଥିବା ନରନାରୀ ମାନେ ସଂଯମ ଓ ନିଷ୍ଠାର ସହ ରାତିସାରା ଉଜାଗର ରହି ମହାଯୋଗୀ ଶିବଙ୍କର ଉପାସନା କରିଥାନ୍ତି ଏବଂ ରାତିରେ ଉଜାଗର ରହି ଜାଗର ଯାତ୍ରା ପାଳିଥାନ୍ତି ତେଣୁ ଏହାର ଅନ୍ୟନାମ ଜାଗର ଯାତ୍ରା । ଶିବରାତ୍ରିରେ ଉପବାସ ହିଁ ପ୍ରଧାନ କର୍ମ । ସ୍ନାନ, ଦାନ, ବସ୍ତ୍ର, ଧୂପ, ଦୀପରେ ଓ ପୁଷ୍ପଦ୍ୱାରା ପୂଜାକଲେ ଶିବ ପ୍ରୀତ ଯେତିକି ହୋଇ ନ ଥାନ୍ତି ଉପବାସରେ ତତୋଧିକ ପ୍ରୀତ ରହିଥାନ୍ତି ଓ ମଣିଷର ମଙ୍ଗଳ କାମନା କରି ବର ଦିଅନ୍ତି । ଏହି ଶିବ ପୂଜାରେ ଦଧି, ଘୃତ, ଲହୁଣୀ, ଦୁଗ୍ଧ ମଧୁ ଓ ବିଲ୍ୱପତ୍ରରେ , ଦୁଦୁରା, ଗୟସ , ଓ ଅରଖ ଫୁଲରେ ପୂଜା କଲେ ଶିବ ସନ୍ତୁଷ୍ଟ ହୁଅନ୍ତି ଶିବଙ୍କ ଲିଙ୍ଗରେ ଜଳଲାଗି ମଧ୍ୟ କରାଯାଏ । ନୈବେଦ୍ୟ ପାଇଁ ଫଳମୂଳ, ଘୃତ ଓ ମିଷ୍ଟାନ୍ନ ଆବଶ୍ୟକ ହୁଏ । ଏକାମ୍ର ଚନ୍ଦ୍ରିକା, ଶିବପୁରାଣ, ଲିଙ୍ଗପୁରାଣ ଆଦି ଶୈବଗ୍ରନ୍ଥ ମାନଙ୍କରୁ ଏକଥା ସ୍ପଷ୍ଟ ଯେ ଶିବ ରାତ୍ରି ସର୍ବ ପାପନାଶକ, ପୁଣ୍ୟବର୍ଦ୍ଧକ ଓ ସର୍ବଜନବିଦିତ । ମନୁଷ୍ୟ ଏହି ବ୍ରତ ପାଳନ କଲେ ସର୍ବ ପାପରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଶିବଲୋକ ପ୍ରାପ୍ତି ହୋଇଥାଏ । ଶିବରାତ୍ରି ବସନ୍ତ ଋତୁ ଓ ଫାଲ ଗୁନ ମାସରେ ପଡିଥାଏ । ଏହାର ତାତ୍ତ୍ୱିକ ତଥା ସାମାଜିକ ମୂଲ୍ୟବୋଧ ହେଉଛି ବସନ୍ତ ଋତୁରେ ମଣିଷ ମନରେ ଉନ୍ମାଦନା ଭରିଥିବାରୁ ମନ ଉଶୃଙ୍ଖଳ ଥାଏ ତେଣୁ ଏହି ବ୍ରତ ପାଳନ ଦ୍ୱାରା ମନକୁ ସଂଯମିତ କରାଯାଏ । ଶିବ ହେଉଛନ୍ତି ମହାଯୋଗୀ, ସେ ଆଶୁତୋଷ , ଶ୍ମଶାନ ନିବାସୀ, ଗଙ୍ଗାଧର, ଗଳାରେ ସର୍ପବେଷ୍ଟିତ ହୋଇ ସୁନ୍ଦରୀ ପାର୍ବତୀଙ୍କୁ ଅର୍ଦ୍ଧାଙ୍ଗରେ ଧାରଣ କରି ସେ ନିର୍ବିକାର । ତାଙ୍କର ବାହାନ ବୃଷଭ ଧର୍ମର ପ୍ରତୀକ । ତାଙ୍କର ଯୋଗ ଭଙ୍ଗ ହେଲେ ସେ ରୁଦ୍ର ଭୈରବ ରୂପ ଦେଖାନ୍ତି ଓ ତାଣ୍ଡବ ନୃତ୍ୟ କରନ୍ତି । ତେଣୁ ତାଙ୍କର ସନ୍ତୋଷ ବିଧାନ ନିମନ୍ତେ କାମ ଉଦ୍ଦୀପକ ବସନ୍ତ ଋତୁ ହେଉଛି ଯଥାର୍ଥରେ ସଂଯମର ପର୍ବ । ଯୋଗେଶ୍ୱର ଶିବ ଏହି ଶିବରାତ୍ରିରେ ସମସ୍ତ କାମନାକୁ ଜଳାଂଜଳି ଦେଇ ସଂଯମ ବ୍ରତ ଆଚରଣ କରି ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଶିତଳଷଷ୍ଠୀରେ ସତୀ ପାର୍ବତୀଙ୍କୁ ବିବାହ ପରେ ଶାନ୍ତ ହୋଇଥିଲେ । ମହାଯୋଗୀ ଶିବ ଗରଳ ପାନକରି ନୀଳକଣ୍ଠ ହେଲେ ହେଁ ପରମ ଶାନ୍ତ କଲ୍ୟାଣ କର, ମଙ୍ଗଳକର । ତେଣୁ କୁହାଯାଇଛି ସେ କୋପେ ବର କି ତପେ ବର । ସେ ଦେବ ଦେବ ମହାଦେବ ଭାବରେ , ଗ୍ରହ ଶାନ୍ତ ନାଶକ, ମଙ୍ଗଳକାରକ ଭାବରେ ସକଳ କାମନା, ବାସନା ଓ ମୋହଠାରୁ ଉର୍ଦ୍ଧ୍ୱରେ ସେ ମହାଯୋଗୀ । ଶିବରାତ୍ରି ହେଉଛି ଯୋଗରାତ୍ରି । ତେଣୁ ଶିବରାତ୍ରିରେ ଅଖଣ୍ଡ ଦୀପ ଜାଳି ଶିବାର୍ଚ୍ଚନା କରାଯାଇ ଅଜ୍ଞାନ ଅନ୍ଧକାର ଓ କାମନା ବାସନାକୁ ବିନାଶ କରାଯାଏ । ଦେବ ଦେବ ମହାଦେବ ଙ୍କର ଅତିପ୍ରିୟ କେତକୀ ଫୁଲ ତେଣୁ ଶିବରାତ୍ରିରେ ଉପବାସ କରି ରାତିରେ ଦୀପ ଜାଳି କେତକୀ ଫୁଲ ଅର୍ପଣ କରି ଶିବ ପ ଂଚାକ୍ଷର ମନ୍ତ୍ରରେ ପ ଂଚ ଉପଚାର ପୂଜା କରିବା ଦ୍ୱାରା ପୁଣ୍ୟ ଅର୍ଜନ ହୁଏ । ଦେବ ଦେବ ମହାଦେବଙ୍କ କଣ୍ଠରେ ଗରଳ, ମସ୍ତକରେ ମନ୍ଦାକିନୀ ବା ଗଙ୍ଗା, ବାମାଙ୍ଗରେ ପାର୍ବତୀ କଟିଦେଶରେ ବ୍ୟାଘ୍ରଚର୍ମ ସୁଶୋଭିତ ସେ ସଂସାରୀ ହୋଇ ବି ମହାଯୋଗୀ । ଶିବ ଅର୍ଥ ମଙ୍ଗଳ । ସେ ସତ୍ୟ, ଶିବ, ସୁନ୍ଦରର ପ୍ରତୀକ । ପୁରାଣ ଅନୁସାରେ ଏହିଦିନ ତାଙ୍କର ଜନ୍ମୋତ୍ସବ ପାଳନ ହୁଏ । ଶିବରାତ୍ରି ପୂର୍ବରୁ ପ୍ରତ୍ୟେକ ଶିବ ମନ୍ଦିର ଧଉଳା ଯାଇ ରଙ୍ଗ ହୁଏ । ଆଲୋକମାଳାରେ ସଜ୍ଜିକରଣ କରାଯାଏ । ଶିବ ସ୍ତୋତ୍ର ପାଠ କରାଯାଏ ମନ୍ଦିରରେ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମେ । ପୂଜକ ଜଳ, ଦୁଧ, ନବାତ, କର୍ପୂର ମିଶାଇ ସୁବାସିତ ଜଳରେ ସ୍ନାନ କରାନ୍ତି । ଚନ୍ଦନ, ଫୁଲ, କର୍ପୂର, ବେଲପତ୍ର, ଦୁଦୁରା ଫୁଲ, ଗୟସ ଫୁଲରେ ଲିଙ୍ଗକୁ ସଜାଇ ଦିଅନ୍ତି ତାପରେ ଭୋଗରାଗ ହୁଏ । ଇଶାନ ସଂହିତା ଅନୁସାରେ ଶିବଲିଙ୍ଗ ରୂପରେ କୋଟି ସମ ତେଜ ଶିବ ଫାଲ ଗୁନ ଚତୁର୍ଦ୍ଦଶୀରେ ପ୍ରକଟ ହୋଇଥିଲେ ଶାସ୍ତ୍ରାନୁସାରେ ଫାଲ ଗୁନ ଚତୁର୍ଦ୍ଦଶୀରେ ଚନ୍ଦ୍ରମା ସୂର୍ଯ୍ୟଙ୍କର ନିକଟତର ହୋଇଥାନ୍ତି ଏବଂ ସେହି ସମୟରେ ଜୀବନ ରୂପୀ ଚନ୍ଦ୍ରମାଙ୍କ ସହିତ ଶିବରୂପୀ ସୂର୍ଯ୍ୟଙ୍କ ସହିତ ମିଳନ ହୋଇଥାଏ । ସୂର୍ଯ୍ୟଙ୍କର ଉତରାୟଣ ଗତି ହୋଇ ଥିବାରୁ ଋତୁ ପରିବର୍ତନ ହୁଏ କୁହାଯାଏ ଯେ ସୃଷ୍ଟିର ପ୍ରାରମ୍ଭରୁ ଏହିଦିନ ଅର୍ଦ୍ଧରାତ୍ରିରେ ଶିବଙ୍କର ନିରାକାରରୁ ସାକାର ତଥା ବ୍ରହ୍ମରୁ ରୁଦ୍ର ରୂପରେ ଅବତୀର୍ଣ୍ଣ ହୋଇଥିଲା । ପ୍ରଳୟ କାଳରେ ଏହିଦିନ ପ୍ରଦୋଷରେ ତାଣ୍ଡବ ନୃତ୍ୟକରି ତୃତୀୟ ନୟନରେ ବ୍ରହ୍ମାଣ୍ଡକୁ ଭସ୍ମୀଭୂତ କରିଥିଲେ । ସେ ପଶୁ ମାନଙ୍କର ଦେବତା ତେଣୁ ତାଙ୍କ ନାମ ପଶୁପତି । ଗଙ୍ଗାକୁ ଜଟାରେ ଧାରଣ କରିଥିବାରୁ ଗଙ୍ଗାଧର, ତାଙ୍କ ମଥା ଉପରେ ଦ୍ୱୀତୀୟା ଚନ୍ଦ୍ର ଥିବାରୁ ତାଙ୍କ ନାମ ଚନ୍ଦ୍ରଚୂଡ, ଚନ୍ଦ୍ରଶେଖର । ତାଙ୍କର ତିନୋଟି ନେତ୍ର ତେଣୁ କୁହାଯାଏ ତ୍ରୟମ୍ବକମ । ହସ୍ତରେ ଡମ୍ବରୁ ତେଣୁ ସେ ଡମ୍ବରୁଧର ଗଳାରେ ଅନନ୍ତ ବାସୁକୀ ନାଗ ତେଣୁ ସେ ନାଗେଶ୍ୱର । ସେ ପୁଣି ଉମାପତି ତାଙ୍କ ସାଥିରେ ଥାଏ ବାସୁଆ ବଳଦ କଣ୍ଠରେ ରୁଦ୍ରାକ୍ଷ । ବ୍ୟାଘ୍ରଚର୍ମ ପରିବେଷ୍ଟିତ ସଂସାରୀ ଯୋଗୀ । ଶିବରାତ୍ରି ଦିନଉପବାସ ଓ ରତ୍ରିରେ ଜାଗର ଯାତ୍ରା ହେଉଛି ମୁଖ୍ୟ ଆକର୍ଷଣ । କୁହାଯାଏ ଯେ ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ବିଷକୁ ଦେବ ଦେବ ମହାଦେବ ପିଇ ନୀଳକଣ୍ଠ ସାଜିଥିଲେ ତେଣୁ ସେ ନିଦ୍ରାରୁ ଜଗ୍ରତ ହେବା ପର୍ଯ୍ୟନ୍ତ ସମସ୍ତେ ରାତି ଉଜାଗର ରହି ତାଙ୍କୁ ଜାଗ୍ରତ ଅବସ୍ଥାରେ ଦେଖିଲା ପରେ ଉପବାସ ଭାଙ୍ଗିଥିଲେ । ଅର୍ଥାତ ଆମ ମାନଙ୍କର ଅଜ୍ଞାନ ରୂପୀ ଅନ୍ଧକାରକୁ ଦୂର କରି ଆଲୋକର ଚେତନା ଜାଗ୍ରତ କରିବା ପାଇଁ ଜାଗର ଯାତ୍ରାର ଅଭିପ୍ରାୟ । ତେଣୁ ରାତିସାରା ଉଜାଗର ରହି ପ୍ରଭୁ ନିଦ୍ରାରୁ ଜାଗ୍ରତ ହେବା ପର୍ଯ୍ୟନ୍ତ ପାଳନ ହୁଏ ଜାଗର ଯାତ୍ରା । ମନ୍ଦିରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଚାଲିଥାଏ ଭଜନ କୀର୍ତନ । ମହାଦୀପ ଉଠିଲେ ଠାକୁରଙ୍କୁ ଦର୍ଶନ କରିସାରିଲା ପରେ ଖାଦ୍ୟ ଗ୍ରହଣ କରାଯାଏ । ଶିବ ହେଉଛନ୍ତି ଅଖଣ୍ଡ ବରଦାୟକ ଗ୍ରହରିଷ୍ଟ ଖଣ୍ଡନ ଦେବ । ତେଣୁ ଜଳାଭିଷେକ, ରୁଦ୍ରାଭିଷେକ କରାଯାଏ ଗ୍ରହରିଷ୍ଟ ଖଣ୍ଡନ ପାଇଁ । ଈଶ୍ୱରୀୟ ପ୍ରଜାପତି ଭକ୍ତମାନେ ଶିବଙ୍କୁ ଆରାଧ୍ୟ ଦେବତା ବୋଲି ମାନିଥାନ୍ତି । କୁମାରୀ କନ୍ୟାମାନେ ଭଲ ବର ପାଇବା ସକାଶେ କରିଥାନ୍ତି ଶିବପୂଜା । ଆମ ଓଡିଶାର ପ୍ରସିଦ୍ଧ ଶୈବପୀଠ ଯଥା ଭୁବନେଶ୍ୱରର ଲିଙ୍ଗରାଜ, ଢ଼େଙ୍କାନାଳର କପିଳାସ, ମୁକ୍ତେଶ୍ୱରର ଅଷ୍ଟଶମ୍ଭୂ , ଭଦ୍ରଖ ଆରଡି ସ୍ଥିତ ଆଖଣ୍ଡଳମଣି, ପୁରୀ ଲୋକନାଥ, କୋରାପୁଟର ଗୁପ୍ତେଶ୍ୱର, କଟକ ଧବଳେଶ୍ୱର, ନୟାଗଡ ଲଡୁକେଶ୍ୱର, ବାଲେଶ୍ୱରର ଚନ୍ଦନେଶ୍ୱର ଆଦି ଶୈବପୀଠ ମାନଙ୍କରେ ମହାଶିବରାତ୍ରି ଓ ଜାଗରଯାତ୍ରା ଅନୁଷ୍ଠିତ ହୁଏ ଏବଂ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ମନ୍ଦିରରେ ଭଜନ, କୀର୍ତନରେ ମଜ୍ଜି ରହିଥାନ୍ତି । ମହାଦୀପ ଉଠିବା ପରେ ଶିବପ୍ରସାଦ ସେବନ କରି ଜଳଯୋଗ କରନ୍ତି।

+ଗଙ୍ଗନଗର, ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪

CMYK

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୂଟନୈତିକ ବିଜୟ...

ତୁର୍କୀ ଓ ସିରିୟାରେ ସଂଘଟିତ ପ୍ରଳୟଙ୍କରୀ ଭୂକମ୍ପ ପରବର୍ତ୍ତୀ ଧ୍ୱଂସଲୀଳା ଏବଂ ସେଥିରେ ମୃତାହତ ଲୋକମାନଙ୍କୁ ସହାୟତା କରିବା ସକାଶେ ଉଭୟ ରାଷ୍ଟ୍ରକୁ ଭାରତ ବଢ଼ାଇଥିବା ହାତ ମୋଦି ସରକାରଙ୍କ ପାଇଁ ସମଗ୍ର ବିଶ୍ୱର ଅଜସ୍ର ସାଧୁବାଦ ସାଉଁଟିଛି । 'ଅପରେସନ ଦୋସ୍ତ' ମାଧ୍ୟମରେ ଏବେସୁଦ୍ଧା ଜାରି ରହିଥିବା ଏହି କାର୍ଯ୍ୟକୁ ସ୍ୱୟଂ ତୁର୍କୀ ସରକାର କୃତଜ୍ଞତାର ସହ ଭୂୟସୀ ପ୍ରଶଂସା କରିଛନ୍ତି। ତୁର୍କୀ ରାଷ୍ଟ୍ରପତି ରେସେପ ତୟିପ୍ ଏଡୋଗାନଙ୍କ ଠାରୁ ନେଇ ସେ ଦେଶର ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ଏବେ କେବଳ ଭାରତର ପ୍ରଶଂସା ହିଁ ଶୁଣିବାକୁ ମିଳୁଛି । ଭୟଙ୍କର ଭୂକମ୍ପ ଯେ ବିଶ୍ୱ କୂଟନୀତିରେ ଏଭଳି ଏକ ଆକସ୍ମିକ ପରିବର୍ତ୍ତନ ଆଣିଛି ତାହା ସଭିଏଁ ସ୍ୱୀକାର କରିଛନ୍ତି । ଉଲ୍ଲେଖ ନିଷ୍ପ୍ରୟୋଜନ, କେବଳ ଭାରତ ନୁହେଁ ଏବେ ବିଶ୍ୱର ପ୍ରାୟ ଚାଳିଶରୁ ଅଧିକ ରାଷ୍ଟ୍ର ତୁର୍କୀ ଆଡ଼କୁ ସହାୟତାର ହାତ ବଢ଼ାଇଛନ୍ତି । କିନ୍ତୁ ଭାରତ ଏହି କାର୍ଯ୍ୟରେ ସର୍ବାଗ୍ରେ ରହିଛି । ଗତ ଫେବ୍ରୁଆରୀ ୬ ତାରିଖ ଦିନ ଭୀଷଣ ଭୂକମ୍ପରେ ସେ ଦେଶର ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟିବାର ମାତ୍ର ଚବିଶି ଘଣ୍ଟା ନପୂରୁଣୁ ଭାରତ ସରକାର ସେଠାକୁ ଏନଡିଆରଏଫ ସହିତ ପର୍ଯ୍ୟାପ୍ତ ରିଲିଫ ଓ ସହାୟତା ଉପକରଣ ପଠାଇବା ଓ ଏପର୍ଯ୍ୟନ୍ତ ଖାଦ୍ୟ, ଔଷଧ, ମେଡିକାଲ ଯନ୍ତ୍ରାଂଶ, ପୋଷାକ, ଚିକିତ୍ସା ସୁବିଧା ଏବଂ ଉଦ୍ଧାରକାରୀ ଦଳଙ୍କୁ ପଠାଇ ହଜାର ହଜାର ଲୋକଙ୍କୁ ଉଦ୍ଧାର କରିବା, ସେମାନଙ୍କୁ ଚିକିତ୍ସା ସହିତ ଥଇଥାନ କରିବା ବାସ୍ତବିକ ଅଭୂତପୂର୍ବ। ନିଜ ଅଭିଜ୍ଞତାରୁ ଏଭଳି ଆପାତ ସ୍ଥିତିର ମୁକାବିଲା ସଂସାଧନର ଅଧିକାରୀ ଭାରତ ଇତିପୂର୍ବରୁ ମଧ ସମଗ୍ର ବିଶ୍ୱରେ ଅନୁରୂପ କାର୍ଯ୍ୟ ସଂପାଦନ କରିଆସିଛି। କିନ୍ତୁ ତୁର୍କୀ ଘଟଣା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଭାରତ ପ୍ରତି ନିକଟ ଅତୀତରେ ଖୋଲାଖୋଲି ଭାବେ ଅସୂୟା ଭାବ ପୋଷଣ କରିଆସିଥିବା ତୁର୍କୀ ଭାରତର ଏହି ବଦାନ୍ୟତାକୁ ସ୍ୱୀକାର ପୂର୍ବକ 'ଭାରତ ତୁର୍କୀର ବିପଦ ବେଳର ବାସ୍ତବ ବନ୍ଧୁ' ବୋଲି କହିଛି । ନୂଆଦିଲ୍ଲୀ ଠାରେ ଅବସ୍ଥାପିତ ତୁର୍କୀ ରାଷ୍ଟ୍ରଦୂତ ଫିରାତ ସୁନେଲ ତାଙ୍କ ଟୁଇଟରରେ ପୋଷ୍ଟ କରିଛନ୍ତି। ଉଭୟ ହିନ୍ଦୀ ଓ ତୁର୍କୀ ଭାଷାରେ 'ଦୋସ୍ତ' ଏକ ବୋଧଗମ୍ୟ ଓ ବନ୍ଧୁତାର ଶବ୍ଦ, ଯାହାର ପରିଭାଷା ଏବେ କାର୍ଯ୍ୟରେ ପ୍ରତିଫଳିତ ହୋଇଛି । ଯଦିଚ ଉଭୟ ରାଷ୍ଟ୍ର ମଧ୍ୟରେ ସଭ୍ୟତା ଓ ସଂସ୍କୃତିକ ସମ୍ପର୍କ ନିବିଡ଼, ତଥାପି ନିକଟ ଅତୀତରେ ମଞ୍ଚରେ ବିରୋଧ କରିଆସୁଥିଲେ। ଏହା ମୁଖ୍ୟତଃ ସେ ଦେଶର ପାକିସ୍ତାନ ପ୍ରତି ଓ ଆତଙ୍କବାଦକୁ ସମର୍ଥନକୁ ନେଇ । କିନ୍ତୁ ଭୁକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସେ ମତଭେଦକୁ ଦୂରେଇଦେଇଛି । ଭାରତର ନିଃସର୍ତ୍ତ ମାନବୀୟ ସହାୟତା କେବଳ ତୁର୍କୀକୁ ନୁହେଁ, ସମଗ୍ର ବିଶ୍ୱକୁ ବିସ୍ମିତ କରିଛି। ଭାରତ ସରକାରଙ୍କ ସହାୟତା ଦେଶର ମୂଳଭୂତ ସଂସ୍କୃତିର ଆଧାରଶୀଳା ଭାବେ ପ୍ରମାଣିତ ହୋଇଛି । କୂଟନୀତି ହୁଏତ ଉଭୟ ରାଷ୍ଟ୍ରଙ୍କୁ ପରସ୍ପର ଠାରୁ ଦୂରେଇ ନେଇଥିଲା। କିନ୍ତୁ ବିପର୍ଯ୍ୟୟ ସମୟରେ ଭାରତ ତାହା ଭୁଲି ନିଜର କର୍ତ୍ତବ୍ୟ ସଂପାଦନ କରିଚାଲିଛି। ଏବେ ଉଭୟ ଭାରତ ଓ ତୁର୍କୀ ସରକାର ଘନିଷ୍ଠ ସହଯୋଗର ସହ ଉଦ୍ଧାର, ରିଲିଫ, ଚିକିତ୍ସା ଓ ତୁର୍କୀ ଓ ସିରିୟାରେ ସେ ଦେଶର ସରକାର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ଓ ସହଯୋଗ ଯୋଗୁଁ ହିଁ ଏହା ସମ୍ଭବପର ହୋଇପାରିଛି । ଏଭଳି ସମନ୍ୱୟ ଅଚିନ୍ତନୀୟ । କଥାରେ ଅଛି, ବିପଦ ହିଁ ମଣିଷକୁ ପରସ୍ପରର ନିକଟତର କରାଇଥାଏ । ସଦ୍ୟ ସଂଘଟିତ ଭୂକମ୍ପ ଘଟଣା କରାଇଛି। ଏକବିଂଶ ଶତାବ୍ଦୀ ପାଇଁ ଏହା ଏକ ଅନୁକରଣୀୟ ସମାଜ ପ୍ରତି ଯେଉଁ ବିପଦ ସୃଷ୍ଟି କରିଛି, ତାହାର ମୁକାବିଲା ସକାଶେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ସହଯୋଗ ହିଁ ଏଥିରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ । ସେହି କର୍ତ୍ତବ୍ୟରେ ଭାରତ ଏବେ ସହାୟତାର ବୈଜୟନ୍ତି ଧରି ସର୍ବସମକ୍ଷରେ ବିଦ୍ୟମାନ । ଏକବିଂଶ ଶତାବ୍ଦୀରେ ଯେଉଁ ନୂତନ ବାସ୍ତବତା ବିଶ୍ୱ ସମ୍ମୁଖରେ ଉଭା ହୋଇଛି ସେଥିରେ ଜନସଂଖ୍ୟା ବୃଦ୍ଧି ସତ୍ତ୍ୱେ ମାନବ ସମାଜକୁ ଏକ ପରିବାର ଭଳି ଚଳିବାକୁ ପଡ଼ିବ ଏବଂ ସକଳ ପ୍ରକାର ବିପଦକୁ ସହଭାଗୀ ଓ ସହଯୋଗୀ ମନୋଭାବର ସହିତ ମୁକାବିଲା କରିବାକୁ ପଡ଼ିବ। ସେଥିରେ ରାଷ୍ଟ୍ର ଓ ଶାସନମୁଖ୍ୟମାନେ କେବଳ ସହାୟକର ଭୂମିକା ହିଁ ନିର୍ବାହ କରିବେ ।



# ମମ ଭୂତ ମହେଶ୍ୱରମ୍

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ, ହିନ୍ଦୁ ବା ମୁସଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ ?

୧୩୨୧ ସାଲ ୧୯୧୪ ମସିହା ଭାବାବେଶରେ ମତୁଆଲା ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯେତେବେଳେ କୀର୍ତ୍ତନ କରୁଥିଲେ ସେ ସମୟରେ ସେ ନୃତ୍ୟର ଦୈବୀ ବିଭଙ୍ଗ ଯେପରି ଅନିର୍ବଚନୀୟ ତାହା ଏକ ଅମାନବୀୟ ପ୍ରତିଭାର ନିଦର୍ଶନ। ସଙ୍ଗରେ ଥାଆନ୍ତି ପଞ୍ଚସଖା - ଅନନ୍ତ, କିଶୋରୀ, ଗୋସାଇଁ, କୃଷ୍ଣପ୍ରସନ୍ନ, ସୁଶୀଳଚନ୍ଦ୍ର, ଏତଦ୍‌ବ୍ୟତୀତ କୀର୍ତ୍ତନ ପ୍ରେମୀ ଖୋକନ, ତରଣୀ, ନପଂର ଘୋଷ... ଇତ୍ୟାଦି। ସେ ଏକ ଅପୂର୍ବ ଅନିର୍ବଚନୀୟ ଅଭୂତପୂର୍ବ ଦୃଶ୍ୟ - ଯାହା ଅବ୍ୟକ୍ତ, କୀର୍ତ୍ତନର ଭାବାବସ୍ଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କେତେବେଳେ ଦୁଇ ବାହୁ ଟେକି ନାଚି କୁଦି ସମସ୍ତଙ୍କୁ ପ୍ରେମ ବିହ୍ୱଳ କରି ଟୋଳୁ ଥିଲେ ତ କେତେବେଳେ ଉତ୍ତାଳ ଭାବର ଆତିଶଯ୍ୟରେ ପ୍ରେମାଲିଙ୍ଗନରେ ସମସ୍ତଙ୍କୁ ବୁକୁରେ ଜାବୁଡ଼ି ଧରୁଥିଲେ ତ ପୁଣି କାହାକୁ କାନ୍ଧରେ ବସାଉ ଥିଲେ। କେତେବେଳେ ବା କାହା କାନ୍ଧ ଉପରକୁ ଚଢ଼ି ଯାଉଥିଲେ। କେତେବେଳେ ବା ନିବିଡ଼ ଭାବରେ ବୁକୁରେ ଜାବୁଡ଼ି ଧରି ପ୍ରେମାଲିଙ୍ଗନ ପୂର୍ବକ ଚୁମା ଖାଉଥିଲେ। ସେ ଭାବ ରାଜ୍ୟର ଦୃଶ୍ୟ ମର୍ତ୍ତ୍ୟରେ ସମ୍ଭବ ନୁହେଁ, ସ୍ୱର୍ଗରେ। ଜୀବନରେ ଶ୍ରୀଶ୍ରୀ ଠାକୁର ନିଜେ କୌଣସି ଆସନର ଅଭ୍ୟାସ ନକରି ଥିବା ସ୍ଥଳେ କୀର୍ତ୍ତନାବସ୍ଥାରେ ଏତାଦୃଶ୍ୟ ସମସ୍ତଙ୍କ ମାନସ ରାଜ୍ୟରେ ଏକ ଦୁର୍ଭେଦ୍ୟ, ବିସ୍ମୟ ଅମୀମାଂସିତ ରହସ୍ୟ ହୋଇ ରହିଯାଇଛି - ଅଦ୍ୟାବଧି। ଗୀତାରେ ସେହି ମହାନ ବାଣୀ, - 'ଅବ ଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍, ପରଂ ଭାବ ମଜାନନ୍ତୋ ମମ ଭୂତ ମହେଶ୍ୱରମ୍।।'

ଯେ ନିଜର ହୃଦୟ କ୍ଷେତରେ ପ୍ରେମର ଫସଲ ଉପୁଜାଏ ସେ ହିଁ ପ୍ରକୃତ ଖ୍ରୀଷ୍ଟିୟାନ୍, ଶିଖ, ହିନ୍ଦୁ ବା ମୁସଲମାନ। ବସ୍ତୁତଃ ଯିଏ ହୃଦୟରେ ପ୍ରେମଭାବ ପୋଷଣା କରେ ସେ ହିଁ ପ୍ରକୃତ ମାନବ। ପ୍ରେମ ମଣିଷର ପ୍ରାଣବାୟୁ ଅଟେ। ପ୍ରେମ ହିଁ ସକଳ ଜୀବ ମଧ୍ୟରେ ଦିବ୍ୟ ଚେତନା। ପ୍ରେମ ହିଁ ଜୀବନର ଲକ୍ଷ୍ୟ। ମାନବ ଜୀବନ ପ୍ରେମ ଦ୍ୱାରା ରସମୟ ହୋଇଥାଏ। ଏହି ନିତ୍ୟ ଶୁଦ୍ଧ ପ୍ରେମତତ୍ତ୍ୱକୁ ବୁଝି ନପାରି ମଣିଷ ନାନାବିଧ ଦୈହିକ ତଥା ସାଂସାରିକ ଅଶାନ୍ତି ଓ ଉଦ୍‌ବେଗରେ ହନ୍ତସନ୍ତ ହେଉଛି। ଆଜିକାଲି ଲୋକମାନଙ୍କ ମଧ୍ୟରେ ପ୍ରେମଭାବ କମିଯିବାର ଦେଖାଯାଉଛି। ପ୍ରେମଶୂନ୍ୟ ମାନବ ଦାନବ ସହ ସମାନ। ଦାନବ ପ୍ରବୃତ୍ତିଯୁକ୍ତ ମଣିଷ ଆଜି ପଶୁ ଭଳି ବ୍ୟବହାର କରୁଛି। ଭଗବାନ ଜୀବମାନଙ୍କୁ ଭୂତ, ପ୍ରେତ ବା ପିଶାଚ କରି ସୃଷ୍ଟି କରି ନଥାନ୍ତି। ଏଗୁଡ଼ିକ ମଣିଷର ସୃଷ୍ଟି। ପ୍ରତ୍ୟେକଙ୍କୁ ନାମ ଓ ପ୍ରେମ ପ୍ରଚାର ପାଇଁ ଗଠନ କର। ପ୍ରେମ ହିଁ ସ୍ୱର୍ଗ ଓ ସ୍ୱର୍ଗ ହିଁ ପ୍ରେମ - ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପବିତ୍ର ପୁଣ୍ୟପୋଥିରେ ଅମୃତ ପାବନ ଉଦ୍‌ଘୋଷଣ ଦେଇ ସତ୍‌ସଙ୍ଗୀମାନଙ୍କୁ ଆଶୀର୍ବଚନ କରି କହିଛନ୍ତି - 'ନିଃସ୍ୱାର୍ଥପର ଭାବରେ ଭଲ ପାଇ ଦେଖ। ଭଲପାଇ ଦେଖ। ଭଲ ପାଇବା ପାଇଁ ମନ ଭିତରେ କୌଣସି ପ୍ରକାର ଗୋଳମାଳ ରଖ ନାହିଁ। ଦେଖ, ମନ ହିଁ ସବୁ କରେ।' 'ପ୍ରାଣ ଧରିବାକୁ ଗଲେ ପ୍ରେମ ହିଁ ଔଷଧ। ଜଗତରେ ଯେତେ ବେଶୀ ଲୋକଙ୍କୁ ଭଲପାଇ ପାରିବୁ ଜଡ଼ ଚେତନକୁ ଯେତେ ଭଲପାଇ ପାରିବୁ, - ଈଶ୍ୱରଙ୍କୁ ସେତେ ଭଲ ପାଇପାରିବୁ। ଯଦି ମୋତେ ପାଇବାକୁ ଚାହଁ, ଭଲପାଅ। ସମସ୍ତ ଜୀବକୁ ଭଲପାଅ। ଭଲପାଅ, ପ୍ରାଣକୁ ଭଲପାଅ, ଜଗତକୁ ଭଲପାଅ, ତା'ହେଲେ ମୋତେ ପାଇବ।'

ନିଜ ହୃଦୟରେ ପ୍ରେମଭାବ ପରିପୁଷ୍ଟ କରୁଥିବା ବ୍ୟକ୍ତି ହିଁ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ, ଶିଖ୍, ହିନ୍ଦୁ ବା ମୁସ୍‌ଲମାନ ହୋଇପାରେ। ଦୁର୍ଭାଗ୍ୟବଶତଃ ଆଜି କେହି ହେଲେ ସେମାନଙ୍କର ହୃଦୟ କ୍ଷେତରେ ପ୍ରେମର ବୀଜ ବପନ କରୁ ନାହାନ୍ତି। ତେବେ ତୁମେ ପ୍ରେମର ଶସ୍ୟ ଅମଳ କରିବ ବୋଲି କିପରି ଭାବୁଛ? ଯାହା ମଧ୍ୟରେ ପ୍ରେମଭାବ ନାହିଁ ସେ ମଣିଷ ହେବ କିପରି? ଶ୍ରୀ ଶ୍ରୀ ଠାକୁର ଆହୁରି ମଧ୍ୟ କହିଛନ୍ତି - 'ଭଗବାନଙ୍କୁ ଭଲପାଏ କି ନା ଠିକ୍ କରିବାକୁ ହେଲେ ଆଗେ ଦେଖିବାକୁ ହୁଏ ମୁଁ ଜଗତକୁ ଭଲ ପାଏ କି ନାହିଁ। ଦେଖ, ଯଦି ଜଗତର ପ୍ରତ୍ୟେକ ଜୀବକୁ ଭଲପାଉ, ପ୍ରତ୍ୟେକ ବସ୍ତୁକୁ ଭଲପାଉ ସେତେବେଳେ ବୁଝିବୁ ମୁଁ ଭଗବାନଙ୍କୁ ଭଲପାଏ, ଏହିପରି ଭାବିବା ହିଁ ଭଲ।' ଭଲପାଇବାଟା ହିଁ ସ୍ୱର୍ଗ। ଭଲପାଇବା ହିଁ ନରକରେ ସ୍ୱର୍ଗ ସ୍ଥାପନ କରିଥାଏ। ଦେଖ, ଅନ୍ତରରେ ଭଲପାଇବା ନଥିଲେ ମଧ ବାହାରେ ଭଲ ପାଇବାକୁ ହୁଏ। ଦେଖ, ଜଣେ କୁଷ୍ଠ ରୋଗୀ ଯଦି ରାସ୍ତାରେ ବସି 'ଗୋଟାଏ ପଇସା ଦିଅ, ଗୋଟାଏ ପଇସା ଦିଅ' କହେ, ତୁ ସେତେବେଳେ ମନକୁ ପଚାରିବୁ 'ମନ! ତୁ ଏହାକୁ ଭଲପାଇ ପାରିବୁ?' ମନ ଯଦି ଅସ୍ୱୀକାର କରିବ, ତେବେ ମନ ବିପକ୍ଷରେ ଛିଡ଼ା ହେବୁ.... 'ଦେଖ, ପାରିବୁ ନାହିଁ ବୋଲି କହୁଛୁ କାହିଁକି?' ଏଇ ପରପାଇଁ ଯେତେବେଳେ ତୁ ତୋର ଗଳାଟା କାଟି ଦେଇ ପାରିବୁ, ସେତେବେଳେ ଜାଣିବୁ ତୁହିଁ ଭଗବାନଙ୍କୁ ଭଲ ପାଉଛୁ। ପ୍ରକୃତ ହିନ୍ଦୁ, ମୁସଲ୍‌ମାନ ବା ଖ୍ରୀଷ୍ଟିୟାନ ପ୍ରେମସ୍ୱରୂପ ହେବା ଆବଶ୍ୟକ। ମୁସଲମାନମାନେ ପ୍ରାର୍ଥନା କରିଥାନ୍ତି, 'ଆଲ୍ଲା ହୋ ଆକବର୍' ଅର୍ଥାତ୍ ଈଶ୍ୱର ହିଁ ମହାନ୍। ଇସ୍‌ଲାମର ଅର୍ଥ ହେଲା ଶାନ୍ତି। ତେଣୁ ଯିଏ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରେ ସେ ପ୍ରକୃତ ମୁସଲମାନ। ଏକ ପ୍ରେମପୂର୍ଣ୍ଣ ହୃଦୟରୁ ଶାନ୍ତି ବିକଶିତ ହୁଏ। ପ୍ରେମ ବିନା ଜଣେ ଶାନ୍ତି ପାଇ ପାରେନା, ତେଣୁ ଯେ କୌଣସି ଜାତି, ଧର୍ମ ବା ମତବାଦ ପାଇଁ ମୂଳ ହେଲା ପ୍ରେମ। ପ୍ରେମ ହିଁ ଶିବ, ପ୍ରେମ ହିଁ ମଙ୍ଗଳ, ପ୍ରେମ କାହାକୁ କଷ୍ଟ ଦିଏନା। ଯାହା କଷ୍ଟ ଦିଏନା ତାହା ହିଁ ଶିବ। ପ୍ରେମଶୂନ୍ୟ ମାନବକୁ ଶବ, ପ୍ରେମଯୁକ୍ତ ମାନବକୁ ଶିବ କହିବା ଠିକ୍ ହେବ।


ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: : ୯୪୩୭୦୫୧୯୫୭




# ପ୍ରେମ ପାଇଁ ପ୍ରେମ ହିଁ ଶାଶ୍ୱତ

## ପ୍ରଶାନ୍ତ ଦାସ

ମାନବୀୟ ସମ୍ବନ୍ଧ ଆଧାରରେ ପ୍ରେମ ଓ ଆତ୍ମୀୟତା ବୃଦ୍ଧିପାଏ । ସବୁକିଛିକୁ ସୁନ୍ଦର କରାଇଦିଏ ପ୍ରେମ । ସମ୍ବେଦନଶୀଳତା ଓ କୃତଜ୍ଞତା ଚିନ୍ତା ଦୁଇଟି ଓ ପ୍ରେମ ଭୟ ଚେତନା ଦୁଇଟି ମଣିଷକୁ ମଣିଷ ଭାବେ ଗଢ଼ି ତୋଳିବାର ମାର୍ଗ ପ୍ରଦର୍ଶନ କରିଥାଏ ।

ପ୍ରେମ ଦୁଇଟି ଅକ୍ଷର । ଗୋଟିଏ ଛୋଟ ଶବ୍ଦ । ସଂଜ୍ଞା କିନ୍ତୁ ତାର ବିରାଟରୁ ବିରାଟତର । ଅନନ୍ତ, ଅସୀମ, ଶାଶ୍ୱତ, ପବିତ୍ର। ଛୁଆଁ ତା'ର ମାଟିରୁ ଆକାଶଯାଏଁ । ଜଡ଼ରୁ ଜୀବନଯାଏ । ପ୍ରେମ ଆମ ଜୀବନର ସମସ୍ତ ଅନୁଭୂତିର କେନ୍ଦ୍ରବିନ୍ଦୁ, ଜୀବନର ଅମୃତମୟ ସ୍ପର୍ଶ । ଯେଉଁଠି ପ୍ରେମ ଅଛି ସେଇଠି ଶ୍ରଦ୍ଧା ଅଛି, ସମର୍ପଣ ଅଛି, ବିଶ୍ୱାସ ଅଛି ଓ ସେବା ଅଛି । ପ୍ରେମ ଦ୍ୱାରା ସଞ୍ଚିତ ହୃଦୟରେ ସଚ୍ଚା ମାନବିକତା ବାସ କରେ । ଆତ୍ମାକୁ ଶରୀର ସହିତ ଓ ଶବ୍ଦକୁ ଶୂନ୍ୟ ସହିତ ଯୋଡ଼ିଦିଏ ପ୍ରେମ । ପ୍ରେମ ମଧ ସୃଜନାତ୍ମକତାର ଶିଖରରୁ ଏପାରିକୁ ସେପାରି ସହିତ ଯୋଡ଼ିବାର ସେତୁ ।

ସାକାରାତ୍ମକ ଭାବନା ଜୀବନରେ ଆଶା ଓ ପ୍ରକାଶ ଭରିଦିଏ ଓ ପ୍ରେମର ଅଙ୍କୁରଣ କରେ । ପ୍ରେମର ଅନୁଭୂତିର ବଳୟ ଭିତରେ ପ୍ରେମୀ ସମ୍ପୂର୍ଣ୍ଣ ମିଳେଇ ଯାଏ ବେଳେବେଳେ। ପ୍ରେମ ମହାଶୂନ୍ୟ ଓ ମହାମୃତ୍ୟୁ ଅଟେ । ହଜିବାର ଆକୁଳତା ଭିତରେ ପ୍ରେମ ଆତ୍ମ ନିଖୋଜର ପଥ । ପ୍ରେମ ହଜିବାର ଶୂନ୍ୟତା ଭିତରେ ଅନନ୍ତ ଆନନ୍ଦର ମହା ସ୍ରୋତରେ ବେଳେବେଳେ ସାମିଲ ହୁଏ । ପ୍ରେମ ଯେତିକି ଗଭୀର ହୁଏ, ମୌନତା ସେତିକି ପ୍ରଗାଢ଼ ହୁଏ । ପ୍ରେମର ଆଧ୍ୟାତ୍ମିକତା ରୂପାନ୍ତରଣ ହେଲେ ଭଗବାନ ବି ଧରା ଦେଇଥାନ୍ତି ।

ମାନବୀୟ ସମ୍ବନ୍ଧ ଆଧାରରେ ପ୍ରେମ ଓ ଆତ୍ମୀୟତା ବୃଦ୍ଧିପାଏ । ସବୁକିଛିକୁ ସୁନ୍ଦର କରାଇଦିଏ ପ୍ରେମ । ସମ୍ବେଦନଶୀଳତା ଓ କୃତଜ୍ଞତା ଚିନ୍ତା ଦୁଇଟି ଓ ପ୍ରେମ ଭୟ ଚେତନା ଦୁଇଟି ମଣିଷକୁ ମଣିଷ ଭାବେ ଗଢ଼ି ତୋଳିବାର ମାର୍ଗ ପ୍ରଦର୍ଶନ କରିଥାଏ । ମଣିଷକୁ ଚିରକାଳ ପ୍ରେମ ଉପହାର ଦେଇଥାଏ ସରଳ ଜୀବନ ଓ ଉଚ୍ଚ ବିଚାର । ପ୍ରେମ ମଣିଷକୁ ବିକାଶ ଆଡ଼କୁ ନେଇ ମୁଖ ଶାନ୍ତି ପ୍ରଦାନ କରେ । ତାକୁ ସମଗ୍ର ଜଗତ ନିଜର ଲାଗେ ଓ ସମସ୍ତେ ତାକୁ ନିଜର କରିନିଅନ୍ତି ।

ଜୀବନର ଆଧାର ଓ ଆତ୍ମାର ଆହାର ପ୍ରେମ । ତେଣୁ ସେ ଅସୀମ । ସମସ୍ତ ସୀମା ଓ ବଂଧନରୁ ମୁକ୍ତ । ପ୍ରେମର ପ୍ରଗାଢ଼ ଅନୁଭବରେ ନିଜର ଅସ୍ତିତ୍ୱ ହଜିଯାଏ । ପ୍ରେମପୂର୍ଣ୍ଣ ବ୍ୟକ୍ତିର ଉପସ୍ଥିତି ହିଁ ଅନ୍ୟମାନଙ୍କୁ ଆନନ୍ଦ ପ୍ରଦାନ କରେ ।

ଯୋଗୀ ଅରବିନ୍ଦ କହିଲେ ପ୍ରେମ ରହିବ । ପ୍ରଥମ ପ୍ରେମ ଏକ ପୃଷ୍ଠଭୂମି ଧୀରେ ଧୀରେ ତାହା ଉଚ୍ଚରୁ ଉଚ୍ଚତର ଆଡ଼କୁ ଗତି କରିବ ଓ ମଣିଷର ମନକୁ ସେହି ମାର୍ଗରେ ନେଇଯିବ। ଶେଷରେ ମଣିଷକୁ ସେ ତାର ପ୍ରକୃତ ପରିଚୟ ଓ ପରିଭାଷା ଉପଲବ୍ଧି କରାଇବ । ବ୍ୟକ୍ତି ପ୍ରେମରୁ ନେଇ ବିଶ୍ୱ ପ୍ରେମ ସହ ଯୋଡ଼ିବ । ମଣିଷକୁ ନେଇ ଭଗବତ୍ ପ୍ରେମରେ ସେ ଲୀନ ହୋଇଯିବ। ଶେଷରେ ଜଗତ ମଣିଷ ଆଖିରେ ପ୍ରେମମୟ ହୋଇଯିବ । ଶାଶ୍ୱତ ପ୍ରେମ ଭିତରେ ଅସୀମ ସ୍ପର୍ଦ୍ଧା ଓ ଅନନ୍ତ ଶକ୍ତି ଲୁକ୍‌କାୟିତ ଥାଏ। ପ୍ରେମକୁ ନିଜ ଭିତରେ ଖୋଜି ପାଇବା ପାଇଁ ଓ ଧରି ରଖିବା ପାଇଁ ଯଦି ମଣିଷ ନିଜର ସାମର୍ଥ୍ୟ ଓ ଦକ୍ଷତା ବୃଦ୍ଧି କରିପାରେ ତାହେଲେ ସେ ପ୍ରେମର ଅଲୌକିକ ଶକ୍ତିକୁ ଅନୁଭବ କରିପାରେ । ପ୍ରେମ ଆତ୍ମାର ବିସ୍ତାର କରେ । ଆତ୍ମା ବିକାଶ କରି ଅନୁଭବ ମାଧ୍ୟମରେ ସୁଖଶାନ୍ତି ପ୍ରଦାନ କରିଥାଏ ।

ପ୍ରେମର ସ୍ପର୍ଶରେ ମଣିଷ ମଧ୍ୟରେ ଯେଉଁ ଚେତନା ବିକାଶ ହୁଏ ସେହି ଚେତନା ଜଗତର ଅନନ୍ତ ଶାଶ୍ୱତ ମହାଚେତନାକୁ ଛୁଏଁ ଓ ମଣିଷଟିଏ ନିଜେ ପ୍ରେମ ହୋଇଯାଏ । ଦୃଷ୍ଟି କୋଣର ଭିନ୍ନତାରେ ବଦଳିଯାଏ ପ୍ରେମର ସ୍ୱରୂପ । ପ୍ରେମ ଦିବସ ପାଳନ ଅବସରରେ ଆମେ ସମସ୍ତେ ପ୍ରେମର ସେ ସ୍ୱରୂପକୁ ଜାଣି ଚିହ୍ନି ଯଦି ବ୍ୟକ୍ତି ପ୍ରେମରୁ ଯାଇ ବିଶ୍ୱ ପ୍ରେମର ଅଂଶ ବିଶେଷଟିଏ ହୋଇପାରିବା ତାହେଲେ ପ୍ରେମର ପ୍ରକୃତ ସଂଜ୍ଞା ଓ ପରିଭାଷା ଜାଣିପାରିବା ।


ମଣିଷଘର, ବାଗବୃନ୍ଦାବନ, ବାଲେଶ୍ୱର
ମୋ: ୯୯୩୭୯୩୨୫୭୦





## ଓମ୍ ନମଃ ଶିବାୟ

### ଦିବାକର ନାୟକ



ଦୁଃଖ ଯାତନାରେ ନିତି ହେଉଛି ମୁଁ ଅଥୟ
ତୁମକୁ ସମର୍ପି ସବୁ ମାଗୁଛି ମୁଁ ଅଭୟ
ଆଉ ଭୁଲିବି ନାହିଁ
ନିତି ଜପିବି ମୁହିଁ
ଓମ୍ ନମଃ ଶିବାୟ.. ଓମ୍ ନମଃ ଶିବାୟ ।

ହୃଦୟ ମୋ ପୂଜା ଥାଳି ଭାବ ବେଲପତ୍ର ତୁଳ
ଚିତ୍ତ ଅରଖ ଗଇସ ଭକତି ମୋ ଚମ୍ପା ଫୁଲ
ତୁମେ ଶିବ ଶଙ୍କର
ମୁଁଯେ ତୁମ କିଙ୍କର
ତୁମ ଗୁଣ ଯଶ ଗୀତି କାଳକାଳ ଅକ୍ଷୟ..
ଓମ୍ ନମଃ ଶିବାୟ.. ଓମ୍ ନମଃ ଶିବାୟ ।

ମୋ ଲୁହ ଜାହ୍ନବୀ ନିତି ତୁମ ଶିରେ ଝରୁଥିବ
କାମ କ୍ରୋଧ ଜଳିଯାଇ ତୁମ ଅଙ୍ଗେ ଭସ୍ମ ହେବ।
ମୋ ଭଳି ନିସ୍ୱର
ତୁମେ ତ ଈଶ୍ୱର
ମୋ ଗୁହାରି ଶୁଣିବାକୁ ହୁଅ ଥରେ ସଦୟ..
ଓମ୍ ନମଃ ଶିବାୟ-ଓମ୍ ନମଃ ଶିବାୟ ।


+ ପାଟପୁର କନିସି ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


## ପବିତ୍ର ମହାଶିବରାତ୍ରି ମହିମା

### ବିନୟ କୁମାର ସାମଲ

ଧରାପୃଷ୍ଠେ ବିଜେ ଅତି ମନୋହର
କୁସୁମାକର ବସନ୍ତ,
ଫଗୁଣ ଆସିଛି ଫୁଲ ସବାରୀରେ
ତୋଳିବା ପାଇଁ ସ୍ୱାଗତ ।
ରସାଳ ଶାଖାରେ ମହୁଆ ନିଶାରେ
ପିକ ରଚେ ନବ ରାସ,
ଆମ୍ବ ବଉଳର ମିଠା ମିଠା ବାସ
ମହକଇ ଚଉପାଶ ।
ବୃକ୍ଷଲତା ଯୁଥ ନବ ପଲ୍ଲବିତ
ପ୍ରକୃତି ବି ଆହ୍ଲାଦିତ,
ହରପାର୍ବତୀଙ୍କ ଦର୍ଶନେ ଜାଗରେ
ନରନାରୀ ଉତ୍କଣ୍ଠିତ ।
ଫଗୁଣର କୃଷ୍ଣ ଚତୁର୍ଦ୍ଦଶୀ ଆଜି
ଶିବଙ୍କ ପର୍ବ ଜାଗର,
ଚତୁର୍ଦ୍ଦଶ ଯାତ୍ରା ମଧ୍ୟେ ଶ୍ରେଷ୍ଠ ବୋଲି
ସର୍ବେ ଉତ୍ସବ ମୁଖର ।
ଶିବାଳୟେ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼
ପୂଜିବାକୁ ଉମାହର,
ବ୍ରତ ଉପବାସ ପାଳନ୍ତି ଭକତ
ରାତ୍ରେ ରହି ଉଜାଗର ।
ପ୍ରଭାତରୁ ଭକ୍ତ ନଦୀ ଜଳେ ସ୍ନାନ
ସାରି ପାଳେ ଉପବାସ,
ସାୟଂକାଳେ ପୁଣି ସ୍ନାନ ସମାପନେ
ପିନ୍ଧିଥାନ୍ତି ଶ୍ୱେତବାସ ।
ଅରଖ, ଦୁଦୁରା, କେତକୀ, ଚମ୍ପକ
ବଉଳର ମାଳା ଗୁନ୍ଥି,
ଗଙ୍ଗାଜଳ ଶହେ ଆଠ ବେଲପତ୍ର
ଶିବଲିଙ୍ଗେ ଅରପନ୍ତି ।
ଗନ୍ଧ ଧୂପ ଦୀପ ପୂଜା ଉପହାର
ପୂଜି ଉମା ମହେଶ୍ୱର,
ଖଣ୍ଡଖଜା ଭୋଗ ନଇବେଦ୍ୟ ଦେଇ
ଉଚ୍ଚାରନ୍ତି ଷଡ଼ାକ୍ଷର ।
ଉଜାଗର ରହି ଜାଳନ୍ତି ଜାଗର
ପ୍ରଥମ ଚାରି ପ୍ରହର,
ହୃଦୟ ମନ୍ଦିରେ ଓଁ ନମଃ ଶିବାୟ
ଜପି ମାଗିଥାନ୍ତି ବର ।
ଉତ୍ସବର ଅନ୍ତକାଳେ ମହାଦୀପ
ଦଧିନଉତିକୁ ଉଠେ,
ସାରା ରାତି ଦୀପ ପ୍ରଜ୍ୱଳିତ ରହେ
ଭକତଙ୍କ ସୁଅ ଛୁଟେ ।
ଏକାଗ୍ର ଭକତି ଚିତ୍ତେ ଏଇ ବ୍ରତ
ପାଳନ୍ତି ଯେଉଁ ଭକତ,
ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁବର୍ଗ
ଫଳ ହିଁ ହୁଏ ପ୍ରାପତ ।


+ ଗ୍ରାମ/ପୋ- ବେତାପଡ଼ା
ଜିଲ୍ଲା- ଢେଙ୍କାନାଳ -୭୫୯୦୧୯
ମୋ: ୯୩୩୭୨୪୯୦୬୮




## ପୁଣ୍ୟ ତିଥିରେ ଜାଗର ଜାଳିବି ଶିବ ପ୍ରୀତିରେ

### ନୂତନ କୁମାର ବେହେରା

ପୁଣ୍ୟ ତିଥିରେ
ଜାଗର ଜାଳିବି ଶିବ ପ୍ରୀତିରେ
ଜାଗର ଜାଳିବି ଶିବ ପ୍ରୀତିରେ,
ଏକ ଧ୍ୟାନରେ
ଲୟ ରଖି ତାଙ୍କୁ ମନ ପ୍ରାଣରେ
ଜାଗର ଜାଳିବି ଶିବ ପ୍ରୀତିରେ ।

ଝଡ଼ ଆସେରେ
ପାରୁନି ରହି ମୁଁ ମୋ ଭରସାରେ
ପାରୁନି ରହି ମୁଁ ମୋ ଭରସାରେ,
ଭବ ସାଗରେ
ଜୀବନ ଭେଳା ମୋ ବୁଡ଼ି ଯାଏରେ,
ଜାଗର ଜାଳିବି ଶିବ ପ୍ରୀତିରେ ।

ଆଶା ଆଶାରେ
ମୋହ ମାୟା ସୁଅ ଟାଣି ନିଏରେ
ମୋହ ମାୟା ସୁଅ ଟାଣି ନିଏରେ,
ଘନ ଅନ୍ଧାରେ
ପଥ ଦିଶେ ନାହିଁ ଆଖି ଆଗରେ
ଜାଗର ଜାଳିବି ଶିବ ପ୍ରୀତିରେ।

ଉପବାସରେ
ବ୍ରତ ପାଳି ମୁଁ ଥିବି ସେବାରେ
ବ୍ରତ ପାଳି ମୁଁ ଥିବି ସେବାରେ,
ପ୍ରଭୁ କୃପାରେ
ଦୁଃଖ ଦୂର ହେବ ଭକ୍ତି ବଳରେ
ଜାଗର ଜାଳିବି ଶିବ ପ୍ରୀତିରେ ।

ଶିବ ରାତ୍ରିରେ
ରହି ଉଜାଗର ଚତୁର୍ଦ୍ଦଶୀରେ
ରହି ଉଜାଗର ଚତୁର୍ଦ୍ଦଶୀରେ,
ବସି ମନ୍ଦିରେ
ପୂଜିବି ଶଙ୍କର ଏକ ନିଷ୍ଠାରେ
ଜାଗର ଜାଳିବି ଶିବ ପ୍ରୀତିରେ ।

ମିଛ ମିଛରେ
ପାର୍ଥିବ କାମନା ବିବଶ କରେ
ପାର୍ଥିବ କାମନା ବିବଶ କରେ,
ସତ୍ୟ ଜ୍ଞାନରେ
ପାପ କ୍ଷୟ ହେବ ପ୍ରଭୁ ଦୟାରେ
ଜାଗର ଜାଳିବି ଶିବ ପ୍ରୀତିରେ ।


+ ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨








କାର୍ତ୍ତିକ ସାଇଁ

# ମିନା ଅପାଙ୍କ ରାମାୟଣ ଟୁର୍ଙ୍ଗି (୭୬)

## କୁମ୍ଭକର୍ଣ୍ଣ ବଧ(୨)



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ରାବଣ ଜାଣିଥିଲା, କୁମ୍ଭକର୍ଣ୍ଣକୁ ତାର ଶୋଇବା ଅବଧି ଭିତରେ ଉଠାଇବା ଅର୍ଥ ତା ଲାଗି ମୃତ୍ୟୁକୁ ଡାକି ଆଣିବା। ନିଜ ଅହଂକାର ଓ ସ୍ୱାର୍ଥପରତା ରାବଣକୁ ବାଧ୍ୟ କରିଥିଲା କୁମ୍ଭକର୍ଣ୍ଣକୁ ଛ'ମାସ ନପୂରୁଣୁ ଉଠାଇବାକୁ ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

"କୁମ୍ଭକର୍ଣ୍ଣ ଜ୍ୟେଷ୍ଠ ଭ୍ରାତା ରାବଣଠାରୁ ସମସ୍ତ ବୃତ୍ତାନ୍ତ ଶୁଣିଲା।" ରାମ ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କରି ତାଙ୍କୁ ମାରି ତୁମେ ସୀତାଙ୍କୁ ଆଣିଥାନ୍ତ। ତାଙ୍କୁ ଚୋରିକରି ଆଣିବା ଠିକ୍ କରିନ। ତେବେ ଯାହା ହେଉ, ମୁଁ ବଂଚିବା ଯାଏ ତୁମପ୍ରତି କିଛି ବିପଦ ନାହିଁ। ମୋତେ ଯୁଦ୍ଧକୁ ଯିବାକୁ ଅନୁମତି ଦିଅନ୍ତୁ" କୁମ୍ଭକର୍ଣ୍ଣ ଯୁଦ୍ଧକୁ ଯିବାକୁ ଅନୁମତି ମାଗିଲା।

ରାବଣଠାରୁ ଅନୁମତି ପାଇ କୁମ୍ଭକର୍ଣ୍ଣ ଯୁଦ୍ଧ ଭୂମିକୁ ଗଲା। ସେ ଜଣେ ବଡ଼ ବୀର ଥିଲା ଓ ତାର ମୃତ୍ୟୁ ସହଜ ନଥିଲା। ତାକୁ ଦେଖି ବାନର ଓ ଭଲ୍ଲୁକ ସେନା ନିର୍ଶିତ ଡରି ଯାଇଥିଲେ। ସାମ୍ନାକୁ ଯେ କେହି ବି ଆସୁଥିଲେ, କୁମ୍ଭକର୍ଣ୍ଣ ସେମାନଙ୍କୁ ମାରି ତାଙ୍କର ରୁଧିର ପାନ କରୁଥିଲା। ପୁରାଣ ଯୁଗରେ ଯୁଦ୍ଧର କିଛି ନିୟମ ଥିଲା ଯାହାକୁ ଯୁଦ୍ଧ କରୁଥିବା ଦୁଇ ଦଳ ମାନୁଥିଲେ। କୁମ୍ଭକର୍ଣ୍ଣ ସାଂଗରେ ହନୁମାନ, ଅଙ୍ଗଦ, ନଳ, ନୀଳ, ସୁଗ୍ରୀବ ଓ ଲକ୍ଷ୍ମଣ ଏକଥରକେ ଯୁଦ୍ଧ କରିପାରିଥାନ୍ତେ। ମାତ୍ର ତାହା ଯୁଦ୍ଧର ନିୟମ ବିରୋଧରେ ଥିଲା। ତେଣୁ କୁମ୍ଭକର୍ଣ୍ଣ ସହିତ ଶ୍ରୀରାମଙ୍କ ସେନାର ଜଣେ ଜଣେ ବୀର ଯୁଦ୍ଧ କରିଥିଲେ।

କୁମ୍ଭକର୍ଣ୍ଣ ଯୁଦ୍ଧଭୂମିରେ ପ୍ରବେଶ କରି ପ୍ରଥମେ ବାନର ସେନାଙ୍କ ସହିତ ଯୁଦ୍ଧ ଆରମ୍ଭ କଲା। ସେ ଅତି ସହଜରେ ବାନର ସେନାକୁ କ୍ଷତବିକ୍ଷତ କଲା ଓ ଅନେକ ବାନର ସେନାଙ୍କୁ ମାରି ପକାଇଲା। କୁମ୍ଭକର୍ଣ୍ଣ ଡରରେ ବାନର ସେନା ପଛଘୁଂଚା ଦେଲେ। ଏହା ଦେଖି ବଳଶାଳୀ ବାନର ସେନା ଦ୍ୱିବିନ୍ଦ କୁମ୍ଭକର୍ଣ୍ଣକୁ ଆକ୍ରମଣ କଲା। କୁମ୍ଭକର୍ଣ୍ଣ ଅତି ସହଜରେ ଦ୍ୱିବିନ୍ଦକୁ ଯୁଦ୍ଧରେ ହରାଇ ଦେଲା ଓ ଦ୍ୱିବିନ୍ଦ ପ୍ରାଣ ଭୟରେ ଯୁଦ୍ଧ କ୍ଷେତ୍ର ଛାଡ଼ି ପଳାଇଲା।



ଏସବୁ ଦେଖି ହନୁମାନ ଓ ଅଙ୍ଗଦ ଜଣକ ପରେ ଜଣେ କୁମ୍ଭକର୍ଣ୍ଣ ସହିତ ଯୁଦ୍ଧ କଲେ। କୁମ୍ଭକର୍ଣ୍ଣ ବୀର ହନୁମାନ ଓ ଅଙ୍ଗଦଙ୍କ ସହିତ ଘୋର ଯୁଦ୍ଧ କଲା। ଅତି କମ ସମୟରେ ହନୁମାନ ଓ ଅଙ୍ଗଦକୁ ପରାଜିତ କଲା।

କୁମ୍ଭକର୍ଣ୍ଣ ଜନ୍ମରୁ ବେଶ୍ ବଳଶାଳୀ ଥିଲା। ସେ ବି କିଛି ଅଦଭୂତ ଗୁଣନେଇ ଜନ୍ମ ହୋଇଥିଲା। ଯାହାଫଳରେ ତାକୁ ଯୁଦ୍ଧରେ ପରାସ୍ତ କରିବା ସହଜ ନଥିଲା।

ହନୁମାନଙ୍କୁ ପରାଜିତ ହୋଇ ମୂର୍ଚ୍ଛା ଯିବାର ଲକ୍ଷ୍ମଣ ଦେଖିଲେ। ବାନରସେନା କୁମ୍ଭକର୍ଣ୍ଣକୁ ଡରି ଏଣେ ତେଣେ ଇତସ୍ତତଃ ହୋଇ ପଳାଇବାର ଦେଖାଗଲା। ଭ୍ରାତା ଶ୍ରୀରାମଙ୍କ ଅନୁମତି ନେଇ ଲକ୍ଷ୍ମଣ କୁମ୍ଭକର୍ଣ୍ଣ ସାମ୍ନାକୁ ଆସିଲେ ଓ ତା ସହିତ ଯୁଦ୍ଧ ଆରମ୍ଭ କଲେ।

କୁମ୍ଭକର୍ଣ୍ଣ ସହିତ ଲକ୍ଷ୍ମଣଙ୍କର ଭୟଙ୍କର ଯୁଦ୍ଧ ହେଲା। ଲକ୍ଷ୍ମଣ କୁମ୍ଭକର୍ଣ୍ଣର ସବୁ କୌଶଳକୁ ପରାହତ କଲେ। କୁମ୍ଭକର୍ଣ୍ଣ କିନ୍ତୁ ହାର ମାନିବାର ରାକ୍ଷସ ନଥିଲା। ସେ ରାମଙ୍କ ସହିତ ଯୁଦ୍ଧ କରି ତାକୁ ନିହତ କରିବାକୁ ଚାହୁଁଛି ବୋଲି ଲକ୍ଷ୍ମଣଙ୍କୁ କହିଲା। ଲକ୍ଷ୍ମଣ ହସିଲେ ଓ କହିଲେ- ଠିକ୍ ଅଛି, ତୋର ମୃତ୍ୟୁ ଭାଇ ଶ୍ରୀରାମଙ୍କ ହାତରେ ହେବ। ସେ କୁମ୍ଭକର୍ଣ୍ଣକୁ ଶ୍ରୀରାମ ଥିବା ଜାଗାକୁ ଦେଖାଇଦେଲେ।

କୁମ୍ଭକର୍ଣ୍ଣ ଭୟଙ୍କର ରୂପ ଧରି ଶ୍ରୀରାମଙ୍କ ସହିତ ଯୁଦ୍ଧ ଲାଗି ତାଙ୍କ ଆଗରେ ଛିଡ଼ା ହୋଇଗଲା। ଶୀରାମ କୁମ୍ଭକର୍ଣ୍ଣର ବଳ ଦେଖି ସାରିଥିଲେ। ଯିଏ ହନୁମାନ ଓ ଅଙ୍ଗଦ ପରି ମହାବୀରଙ୍କୁ ପରାଜିତ କରିପାରେ ସେ ସାମାନ୍ୟ ବୀର ନୁହେଁ।

ଶ୍ରୀରାମ ଓ କୁମ୍ଭକର୍ଣ୍ଣଙ୍କ ଯୁଦ୍ଧ ଆରମ୍ଭ ହୋଇଗଲା। ପ୍ରଥମେ ଶ୍ରୀରାମ କୁମ୍ଭକର୍ଣ୍ଣର ସବୁ ଉପାୟକୁ ପ୍ରତିହତ କରିଥିଲେ। କୁମ୍ଭକର୍ଣ୍ଣ ରାମଙ୍କ ସହିତ ଯୁଦ୍ଧ କରିବା ସମୟରେ ବି ଅନେକ ବାନର ସେନାଙ୍କୁ ମାରୁଥିଲା। ଶ୍ରୀରାମ ଏହାକୁ ସହ୍ୟ କରି ପାରିଲେ ନାହିଁ। ସେ ପ୍ରତି ଆକ୍ରମଣ ଆରମ୍ଭ କରିଦେଲେ। ଶ୍ରୀରାମ ବାୟବ୍ୟ ଓ ଇନ୍ଦ୍ର ଅସ୍ତ୍ର ପ୍ରୟୋଗକରି କୁମ୍ଭକର୍ଣ୍ଣର ଦୁଇ ହାତକୁ କାଟିଦେଲେ। ସେ ଭୂପତିତ ହୋଇ ଗଡ଼ି ଗଡ଼ି ବାନରମାନଙ୍କୁ ମାରିବାକୁ ଲାଗିଲା ଓ ଶ୍ରୀରାମଙ୍କ ଆଡ଼କୁ ଅଗ୍ରସର ହେଲା। ଶେଷକୁ ଶ୍ରୀରାମ ଏକ ଶକ୍ତିଶାଳୀର ଶର ପଠାଇ ତାର ଶରୀରକୁ ଖଣ୍ଡ ଖଣ୍ଡ କରି ଦେଲେ। ବିଶ୍ୱାସ କରାଯାଏ, ତାର ଖଣ୍ଡ ଖଣ୍ଡ ଶରୀର ମଧ୍ୟ ଯୁଦ୍ଧ କରୁଥିଲା। ଶେଷକୁ ଶ୍ରୀରାମ ଶର ପ୍ରୟୋଗ କରି ତାର ଶରୀରର ଅଂଶକୁ ବିଭିନ୍ନ ଯାଗାକୁ ନିକ୍ଷେପ କଲେ। କୁମ୍ଭକର୍ଣ୍ଣର ମୃତ୍ୟୁ ହେଲା। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ଧଳାଭାଲୁ



ନଗେନ୍ଦ୍ରନାଥ ପଟ୍ଟନାୟକ



ସାତ ବର୍ଷର ପିଲା ରିଙ୍କୁ। ଘରେ ବସି ଟେଲିଭିଜନ ଦେଖୁଥାଏ। ଆଖିରେ ଯେମିତି ତା'ର ପଲକ ପଡୁନଥାଏ। ହଠାତ୍ ସେ ବଡ ପାଟିରେ କହିପକାଇଲା -ପାପା ! ହେଇ ଦେଖ ଭାଲୁ। ରିଙ୍କୁ ଟି.ଭି ଆଡେ ଇସାରା କରିବାରୁ ସେଆଡେ ବାପାଙ୍କର ନଜର ଲାଖିଗଲା। ଆରେ ହଁ,ଏକଦମ୍ ସତକଥା। ପାପା ! ଏ ଟେଲିଭିଜନ ପରଦା ଉପରେ ଟିକେ ଅନା ନା। ଅବୁଝା ଆଖିରେ ରିଙ୍କୁ କହିଲା। 'ପାପା ,ଏ କ'ଣ ବରଫରେ ରହିକି ଧଳା ହୋଇଯାଇଚି. . . . ?। ବାପା ,ଟିକେ ବୁଝାଇ କହନା।' 'ଆରେ କହୁଛି ପରା,ଏତେ ଅଥୟ ହେଉଚୁ କାଇଁକି ?'

ଏବେ ପାପା ରିଙ୍କୁକୁ କୋଳରେ ବସାଇ ଧଳାଭାଲୁ ବିଷୟରେ କହିବା ଆରମ୍ଭ କରିଦେଲେ। ପୁଅ ! ଆମର ଏ ଯୋଉ ପୃଥିବୀ ଅଛି ନା ତା'ର ଦୁଇଟି ମେରୁ,ପ୍ରଥମଟି ଉତରମେରୁ ଆଉ ଆରଟି ଦକ୍ଷିଣମେରୁ। ଉତର ମେରୁରେ ଆର୍କାଟିକ ଆଉ ଦକ୍ଷିଣ ମେରୁରେ ଅଂଟାର୍କଟିକା। ଆଛା ବାପା,ଉତରରେ ଆର୍କାଟିକ ଓ ଦକ୍ଷିଣରେ ଅଂଟାର୍କଟିକ . . . .।

ପୁଅ ! ଅଂଟାର୍କଟିକ୍‌ରେ ପେଙ୍ଗୁଇନ ବାସ କରେ ଆଉ ଆର୍କଟିକରେ ରହେ ଭାଲୁ. . . ଧଳାଭାଲୁ। ଆଛା ବାପା, ଧଳାଭାଲୁ . . . ମାନେ ପୋଲାର ବିଅର। ତମେ ଠିକକଥା କହିଚ ପାପା। ପାପା,ଏ ପୋଲାର ବିଅର ବାବାଦରେ ଆଉ କିଛି ଅଜଣା କଥା କହନା। ଆଉ ତୁ ଜାଣୁଚୁ ନା ଏମାନଙ୍କ ଶରୀରରେ ଯୋଡ଼ ଚମଡ଼ା ଅଛି ନା ତାହା ମୋଟେ ଧଳା ନୁହେଁ। ଏକଦମ୍ କଳା ମଚମଚ। ରିଙ୍କୁ ବିସ୍ମୟଭରା ଆଖିରେ ପ୍ରଶ୍ନକଲା - କିନ୍ତୁ ବାପା ତା' ରୁମଗୁଡିକ ଏତେ ସଫା କାଇଁକି ? ପୁଅ ! ତା ଦେହରେ ଏ ଧଳା ଫୁରଫୁର ଲୋମ ତ ପ୍ରକୃତିର ଯାଦୁ। ଯାହାଫଳରେ ଧଳା ବରଫ ଭିତରେ ରହି ସେ ନିଜ ଶତ୍ରୁକୁ ଚକମା ଦେଖାଇପାରେ। ଓହୋ ! ଇଏ ତ ଏତେ ଲମ୍ବା ଚଉଡା . . . ତା'ହେଲେ ପୁଣି।

ବାପା ପୁଣି ଆରମ୍ଭ କଲେ - ଛୁଆବେଳେ ଏମାନଙ୍କର ଓଜନ ସେତେ ବେଶି ନୁହେଁ। ଘରେ ଖାଇବା ଟେବୁଲ ଉପରେ ଯୋଉ ଧଳା କୋବିଟି ଥୁଆ ହୋଇଛି ସେଟାକୁ ନେଇଆ। ଠିକଅଛି କହି ରିଙ୍କୁ ଚଟ୍‌କିନା ଧଳା କୋବିଟିକୁ ନେଇ ଆସିଲା। ପୁଣି ତାଟକା ହୋଇ କହିଲା -ବାପା ,ଏ ଧଳାକୋବି ସହିତ ଭାଲୁର କି କାମ। ରିଙ୍କୁ ! ହେଇ ଦେଖ ଏ କୋବିଟି ତୋ ହାତକୁ ଆସିଯାଇଚି। ହଁ ପୁଅ,ଏ ମେରୁ ଭାଲୁ ଯେତେବେଳେ ଜନ୍ମ ହୁଏ ଏ ଧଳା କୋବିଟି ଆକାରରେ ଯେତେ୍ ବଡ ଇଏ ସେତିକି ହୋଇଥାଏ . . .। ରିଙ୍କୁ ଏବେ ବାରମ୍ବାର କୋବିଟିକୁ ଆଖି ପୂରେଇ ଦେଖିବାକୁ ଲାଗିଲା। କହିଲା -ଠିକଅଛି ବାବା . . .। ଏଟା ବଡ ହେଲେ ତିନିଶହରୁ ଛଶହ କିଲୋଗ୍ରାମ ଓଜନ ବିଶିଷ୍ଟ ହୋଇଯିବ। . . . ରିଙ୍କୁ ପୁଣି ଜାଣିବାକୁ ଆଗ୍ରହ କଲା। ପଚାରିଲା -ପାପା ! ଏ ଏତେ ଶକ୍ତିଶାଳୀ କେମିତି ? ଇଏ କଣ ରୁଟି ତରକାରି ଖାଉଛି ? ଆରେ ନା, ଇଏ ତ ବରଫାବୃତ ଇଲାକାରେ ଥିବା ମାଛକୁ ଶିକାର କରି ଖାଏ . . . .। ସିଲମାଛ ଖାଦ୍ୟ ଏମାନଙ୍କ ଭିତରେ ବହୁତ ଶକ୍ତି ଭରିଦିଏ। ବାପା ଆଉ ପାଦେ ଆଗକୁ ଯାଇ କହିଲେ -ତୁ ରିଙ୍କୁ ଜାଣଚୁ ନା ଏ ଦୁଇ କିଲୋମିଟର ଦୂରରୁ ବି ମାଛର ବାସ୍ନା ବାରିପାରେ . . . .। ଆଉ ତତେ ଜଣାଅଛି ନା ଇଏ ଖୁବ୍ ଭଲ ଭାବରେ ପହଁରିପାରେ ବୋଲି। ଘଂଟାଘଂଟା ଧରି ପହଁରି ପାରୁଥିବାରୁ ଏ ଖୁବ୍ ଶକ୍ତିଶାଳୀ। ଇଏ ହେଉଛି ଆମର ଅନୁପମ ପ୍ରକୃତିର ଉପହାର। ପିଙ୍କୁ କୋବିଟିକୁ ପାପାଙ୍କ ହାତକୁ ନେଇ ଖାଇବା ଟେବୁଲ ଉପରେ ଥୋଇଦେଲା। କହିଲା -ପାପା ! ଆଜି ମତେ ଖୁବ୍ ମଜାଳିଆ ଅଜଣା କଥା ଶିଖିବାକୁ ମିଳିଲା। ବାପା ତା କଅଁଳ ମୁଣ୍ଡକୁ ଆଉଁଶି ଦେଲେ। ପ୍ରଶଂସା କରି କହିଲେ -ସାବାସ୍ ପିଙ୍କୁ, ତୁ ଏବେ ଅନୁଶାସିତ ହୋଇଯାଇଛୁ।


+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮




କବିତା
ତୁମ ପାଇଁ

## ମୁଁ ଏକ ଟିକି ପ୍ରଜାପତି

### ଶୁଭଦର୍ଶିନୀ ଦାଶ

ମୁଁ ଏକ ଟିକି ପ୍ରଜାପତି
ଉଡ଼ିବୁଲୁଥାଏ ଏ ଫୁଲରୁ ସେ ଫୁଲକୁ
ଫୁଲ ମୋହର ସାଥି,
ରଙ୍ଗ ବେରଙ୍ଗ ମୋହର ଡେଣା
ଜାତି ଅଜାତି ମୋତେ ଅଜଣା
ଫୁଲ ମେଳେ ଯାଏ ମୁଁ ମିସି
ମୁଁ ଏକ ଟିକି ପ୍ରଜାପତି,
ଦାନ୍ତ ନାହିଁ ମୋର ଛୋଟିଆ ଶୁଣ୍ଢଟେ ଅଛି
କରେନାହିଁ ମୁଁ କାହାରି କ୍ଷତି,
କୁନା, କୁନି କଲେ ଅଝଟ
ମା'ମୋତେ ଦେଖାଇ ଖୁଆଇ ଦିଅନ୍ତି ଭାତ
ସଭିଙ୍କର ମୁଁ ଆଦର ଅତି
ମୁଁ ଏକ ଟିକି ପ୍ରଜାପତି,
କୁନା, କୁନିଙ୍କୁ ମୁଁ ଦିଏନାହିଁ ଧରା
ପଙ୍ଖକୁ ଛିଣ୍ଡାଇ
ମ୍ୟାଚିସ ଖୋଳରେ ମୋତେ ଦିଅନ୍ତି ପୁରାଇ,
ତମେ ଯେବେ ମୋ ସହ ମିତ ବସିବ
ନମାରି ମୋତେ,ମୋର ରକ୍ଷା କରିବ
ଦେଉଛି କଥା, ତମ ନାତିନାତୁଣୀଙ୍କୁ ବି
ଉଡି ଉଡି କରାଇବି ଖୁସି,
ନହେଲେ ଚାଲିଯିବଟି ରଷି
ଛବି ଦେଖାଇ କହିବ ତାଙ୍କୁ
ହେଇ ଦେଖ ଟିକି ପ୍ରଜାପତି।


+ ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦


## ଗାଆରେ କୋଇଲି ଗା'

### ନୀଳମଣି ଚାନ୍ଦ

ସାରା ବରଷ କେଉଁଠି ଥିଲା, ଆସିଛି ଏବେ ଫେରି
ଲାଗୁଛି ଆମ୍ବବଉଳ ଦେଖି କଲାନି ଆଉ ଡେରି
ମଳୟ ଧୀରେ ବହେ
ନାଇଁରେ ମାଘ ଶୀତର ଡର କିଏ ଯେମିତି କହେ।

ଜାଣିଛୁ ସିଏ ବସନ୍ତ ମିତ ତା'ଲାଗି ଗାଏ ଗୀତ
ତା କୁହୁକୁହୁ ତାନ ଶୁଣିଲେ ତୋଷ ହୁଅଇ ଚିତ
ପୋକଜୋକ ସେ ଖାଏ
କାହାଠୁଁ ଶିଖି ଏମିତି ମିଠା ସ୍ୱରରେ ଗୀତ ଗାଏ।

କହନ୍ତି ଆଇ କାଉଟି ପରି ରଙ୍ଗ ଯେ କଳା ତା'ର
ମିଠାଗଳାଟି ପାଇଛି ବୋଲି ପକ୍ଷୀ ଭିତରେ ସାର
ନିଜର ବସା ନାଇଁ
କାଉ ବସାରେ ଅଣ୍ଡା ସେ ଦିଏ କହନ୍ତି ପରା ମାଈଁ।

ବିଦେଶୀ ପକ୍ଷୀ ନାଇଟିଙ୍ଗେଲ ପରି ତା ଗୀତ ମିଠା
ନିରିହ ଭାରି ମାରନି ଢେଲା, ଫାପଡ଼, କୁନି ଇଟା
ଯେବେ ସେ କୁ' କରେ
ଆମ ଆହାନ୍ ହସିହସିକି ପଛରେ ପାଳି ଧରେ।

ପକ୍ଷୀଟି ହୋଇ ଗୀତ ସେ ଗାଇ ସଭିଙ୍କୁ ଖୁସି କରେ
ତା ସାଥେ ଆଉ ହୁଏନି ଦେଖା ବସନ୍ତ ଗଲା ପରେ
ଗା' କୋଇଲି ଗା'
ଋତୁରାଜକୁ ପାଛୋଟି ନେବୁ କହିବୁ ଶୀତ ଯା'।


+ ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭


## ଆହାକି ସୁନ୍ଦର ଦିଶେ

### କୀର୍ତ୍ତନ ସାହୁ

ଚାରିଆଡେ ଗଛ ଭରି ରହିଥିବ
ଫୁଲ ଫୁଟି ଭାରି ଶୋଭା ପାଉଥିବ
ବାସ ଯେବେ ଛୁଟି ଆସେ
ଆହାକି ସୁନ୍ଦର ଦିଶେ ।

ଧାନ ବିଲ କ୍ଷେତ ହସି ଉଠୁଥିବ
ଚାଷୀ ଭାଇ ମନ ନାଚି ଉଠୁଥିବ
ଲକ୍ଷ୍ମୀ ଆଗମନ ଆଶେ
ଆହାକି ସୁନ୍ଦର ଦିଶେ ।

ଥିରି ଥିରି ବାଆ ବହି ଯାଉଥିବ
ଶୀତଳ ପବନ ଦେହେ ବାଜୁଥିବ
ମନ ଜିଣି ହୃଦ ତୋଷେ
ଆହାକି ସୁନ୍ଦର ଦିଶେ ।

ପୂଜା ପରବରେ ଘର ପୂରୁଥିବ
ପିଠା ପଣା ବାସ ଛୁଟି ଆସୁଥିବ
ଝୋଟି ଚିତା ପରିବେଶେ
ଆହାକି ସୁନ୍ଦର ଦିଶେ ।

ଉଷୁମ ଉଷୁମ ଖିଆ ପିଆ ଥିବ
କେତେ କେତେ ଚିଜ ମିଶି ରହିଥିବ
କେଡ଼େ ମଜା ସତେ ଆସେ
ଆହାକି ସୁନ୍ଦର ଦିଶେ ।

ସବୁ ସତର୍କତା ମାନି ଚଳୁଥିବା
ଅଳସ ନ ରଖି କାମ କରୁଥିବା
ମନରେ ସରାଗ ଆସେ
ଆହାକି ସୁନ୍ଦର ଦିଶେ ।


+ ମିଶ୍ର କଲୋନୀ
ଶାଳପଡା, କେନ୍ଦୁଝର - ୨୦
ମୋ - ୯୪୩୮୪୧୪୭୦୧


## ତୁଳି ନୁହେଁ ତୋ କଡି !

### ଅଶୋକ କୁମାର ପ୍ରଧାନ

ଟିକି ଟିକି ତୋର ଡେଣା ଯୋଡିକରେ
ଯାଉ କେତେ ଦୂର ଉଡି
ବିଲ ବାଡି ବନ ଉଡି ବୁଲୁ ସିନା
ଯାଇନୁ ଠିକଣା ହୁଡି।

ଭଳି ଭଳି ରଙ୍ଗ ଆଣି ତୋ ଦେହରେ
ମାଖିଛି କେ ତୋତେ, କହ
ଫୁଲରୁ ଫୁଲକୁ ଉଡି କେତେ ନାଚୁ
ଦେଖିବି ମୁଁ, ଟିକେ ରହ।

ଏଡିକି ଟିକିଏ ଶରୀରରେ ତୋର
କେ ଦେଇଛି ଏତେ ବଳ
ତୋ ପରଶ ପାଇ କେମିତି କେଜାଣି
ଫୁଲ ପାଲଟଇ ଫଳ।

ଫୁଲରେ ବସି ତୁ କେମିତି ତା' ଠାରୁ
ନେଉ ମହୁତକ ଟାଣି
ମଧୁମକ୍ଷୀ ତୋର କଥା ସିନା ଭାବେ
ହେଲେ , ମୁଁ ପାରେନା ଜାଣି।

ଏତେ ସାରା ମହୁ ଶୋଷି ଯେବେ ନେଉ
ସାଇତି ରଖୁଛୁ କାହିଁ ?
ତୋ ସାଇତା ମହୁ କିଏ ନେଇଯିବ
ସେ ଡର ତୋର କି ,ନାହିଁ।

ତୋ ସଂଚିବା ମହୁ ନେଇ ଗଲେ କିଏ
ହେବୁନି କି ତୁ ଦୁଃଖୀ
ଗୁଣୁ ଗୁଣୁ ହୋଇ କହିଲୁ ତୁ ମୋତେ
କେ ନେଲେ, ମୁଁ ହୁଏ ସୁଖୀ।

ମୋ ସାଇତା ଧନ ଆନ ହିତେ ଲାଗୁ
ନୁହେଁ ତା'ଲୋଡା, ମୋ ପାଇଁ
ଆନ ହିତ କଲେ ଯେଉଁ ଶାନ୍ତି ମିଳେ
ତାହା ଜାଣିଛୁ ନା ନାହିଁ ?

ମୋ ଟିକି ଜୀବନ ବିଭୁଙ୍କର ଦାନ
ନୁହେଁ ଏକା ମୋ ପାଇ
ଜଗତର ହିତେ ଜୀବନ ଦେବାକୁ
କହିଛନ୍ତି ମୋତେ ସାଇଁ।

ତା କଥା ଶୁଣି ମୁଁ ହସିକି କହିଲି
କେଡେ ଭଲ ତୋର ମତି
ଶିଶୁଟି ସିନା ମୁଁ କେଉଁ ଭଲ ଗୁଣେ
ତୁଳି ନୁହେଁ !ତୋ କଡି !

ମଧୁମକ୍ଷୀ ତୋତେ କଥା ଦେଉଛି ମୁଁ
କରିବି ଜଗତ ହିତ
ଦୁଃଖୀରଙ୍କୀ ସେବା ଆଦରି ମୁଁ ନେବି
ଗାଇ ଖୁସି ଭରା ଗୀତ।


+ରୋହିଗାଁ ,ଗଞ୍ଜାମ
ମୋ-୮୨୪୯୧୧୯୧୩୦


## ଆସିଗଲା ପିଲେ ପରୀକ୍ଷା ବେଳ

### ଶରତ କୁମାର ଦାସ

ଆସିଗଲା ପିଲେ ପରୀକ୍ଷା ବେଳ
ବହି ଖାତା ସବୁ କରରେ ମେଳ
ମନଦେଇ ପଢ ଲେଖ,
ପରୀକ୍ଷାରେ ତମେ କରିଲେ ଭଲ
ଅନେକରେ ହେବ ଏକ ।

ପଢା ଘରେ ବସ ସକାଳ ସଂଜେ
ମନେରଖ ପାଠ ପଢିକି ଖଂଜେ
ଚଗଲାମୀ କରନାହିଁ,
ଜଟିଳ ପାଠକୁ ଭଲରେ ବୁଝ
ଅଳସୁଆ ହୁଅ କାହିଁ !

ସକାଳେ କଷିବ ଗଣିତ ଯେତେ
ସମାଧାନ ବାଟ ଫିଟିବ ସେତେ
ସାହିତ୍ୟ ପଢିବ ହସି,
ହିନ୍ଦୀ କି ସଂସ୍କୃତ ଭାରି ବଢିଆ
ମନକୁ ନେବରେ ରସି ।

ଇଂରାଜୀ ପାଠକୁ ଦେବଟି ଧ୍ୟାନ
ଅରଜିବ ତମେ ଅନେକ ଜ୍ଞାନ
ପାଇବଟି ପରା ମଜା,
ଫଟାଫଟ୍ ଯଦି ଦି'ପଦ କୁହ
ଭାବିବ ନିଜକୁ ରଜା ।

ପାହାନ୍ତା ପାହାନ୍ତା ଛାଡରେ ଶେଯ
ବିଜ୍ଞାନ ପାଠକୁ ଟିକିଏ ହେଜ
ମନ ସ୍ଥିର କରି ଆଗେ,
ଭୂଗୋଳ ପାଠକୁ ନିଅ ଆଦରି
ଇତିହାସ ପଢ ବାଗେ ।

ପଢିବଟି ଯାହା ଲେଖିବ ତାହା
ନ ଲେଖିଲେ ପଢା ହେବନି ସାହା
ଭୁଲିବନି ଜମା କେବେ,
ଘୋଷିକି ପଢିଲେ ମିଳେନି ଲାଭ
ବୁଝିକି ପଢିବ ତେବେ ।

ପରୀକ୍ଷା କେବଳ ପାଠରେ ନାହିଁ
ଜୀବନ ଟା ସାରା ପରୀକ୍ଷା ଛାଇ
ଡାକିଛି ମୂଳରୁ ଶେଷ,
ସାହାସ,ଶକତି,ଧଇର୍ଯ୍ୟ ବଳେ
ଲଭିବଟି ସିନା ଯଶ ।


+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଶିବରାତ୍ରୀର ପୌରାଣିକ କଥା

## କସ୍ତୁରୀ ଚରଣ ରାଉତ



ମହାଶିବରାତ୍ରୀ ହେଉଛି ଭଗବାନ ଶିବଙ୍କର ସବୁଠାରୁ ଶୁଭ ଦିନ, ଯାହା ଫାଲଗୁନ୍ ମାସରେ କୃଷ୍ଣ ଚତୁର୍ଦ୍ଦଶୀ ଦିବସରେ ପାଳନ କରାଯାଏ । ଏହି ଦିନ ସମସ୍ତ ଶିବ ଭକ୍ତମାନେ ଉପବାସ ରୁହନ୍ତି ଏବଂ ସକାଳୁ ସ୍ନାନସାରି ମନ୍ଦିରକୁ ଯାଆନ୍ତି। ଏହି ଦିନ ପାଳନର ଅନେକ ପୌରାଣିକ କଥା ରହିଛି । ସେଥିରୁ ଗୋଟିଏ ସଂପର୍କରେ ଏବେ ଆଲୋଚନା କରିବା । ଏକଦା ଚିତ୍ରାଭାନୁ ନାମକ ଜଣେ ଶିକାରୀ ଥିଲା । ସେ ପଶୁ ଶିକାର କରି ନିଜ ପରିବାର ପାଳୁଥିଲା । ଜଣେ ସାହୁକାର ନିକଟରୁ ଆଣିଥିବା ଋଣ ଠିକ୍ ସମୟରେ ଫେରସ୍ତ କରି ନ ଥିବାରୁ କ୍ରୋଧିତ ସାହୁକାର ତାକୁ ଏକ ଶିବମଠରେ ବନ୍ଦୀ କରି ରଖିଥିଲା । ସୌଭାଗ୍ୟବଶତଃ ସେଦିନଟି ଶିବରାତ୍ରୀ ଥିଲା ।

ବନ୍ଦୀ ଅବସ୍ଥାରେ ଶିକାରୀ ଶିବଙ୍କ ସହ ଜଡିତ ଧାର୍ମିକ କଥାସବୁ ଶୁଣିବାକୁ ଲାଗିଲା, ଯେଉଁଠାରେ ସେ ଶିବରାତ୍ରୀ ବ୍ରତ କଥା ମଧ ଶୁଣିଥିଲା । ସନ୍ଧ୍ୟାରେ ସାହୁକାର ତାକୁ ଡାକି ଋଣ ପରିଶୋଧ କରିବାକୁ କହିଥିଲା । ଶିକାରୀ ପରଦିନ ପୁରା ଋଣ ଫେରସ୍ତ କରିବାକୁ କଥା ଦେଲା । ସାହୁକାର ତା' କଥା ମାନି ତାକୁ ଛାଡି ଚାଲିଗଲା । ଶିକାରୀ ଜଙ୍ଗଲରେ ଶିକାର କରିବାକୁ ବାହାରିଲା। କିନ୍ତୁ ଦିନସାରା ବନ୍ଦୀ ଥିବାରୁ ସେ ଭୋକ ଓ ଶୋଷରେ ଛଟପଟ ହେଉଥିଲା।

ସୂର୍ଯ୍ୟାସ୍ତ ପରେ ସେ ଏକ ଜଳାଶୟକୁ ଯାଇ କିଛି ପାଣି ପିଇଲା ଓ କୂଳରେ ଥିବା ଏକ ଗଛରେ ଚଢି ଶିକାର ପାଇଁ ପ୍ରତୀକ୍ଷା କଲା । ସେ ନିଶ୍ଚିତ ଥିଲା ଯେ କୌଣସି ନା କୌଣସି ପଶୁ ଶୋଷ ମେଣ୍ଟାଇବାକୁ ଏଠାକୁ ଆସିବ। ସେ ଗଛଟି ବେଲ ଗଛ ଥିଲା ଏବଂ ଗଛ ତଳେ ଏକ ଶିବଲିଙ୍ଗ ମଧ ଥିଲା ଯାହା ଶୁଖିଲା ବେଲପତ୍ର ଦ୍ୱାରା ଆବୃତ ହେତୁ ଦୃଶ୍ୟମାନ ହେଉ ନଥିଲା । ସେଥିପାଇଁ ସେ ବିଷୟରେ ଶିକାରୀଟି ଜାଣିପାରି ନ ଥିଲା ।ଭୋକ ଓ ଶୋଷରେ କ୍ଳାନ୍ତ ହୋଇ ସେ ଗଛରେ ବସିଥିଲା ।

ରାତିର ପ୍ରଥମ ପ୍ରହର ବିତିବା ପରେ ଏକ ଗର୍ଭବତୀ ମୃଗୁଣୀ ପୋଖରୀରେ ପାଣି ପିଇବାକୁ ଆସିଲା । ଶିକାରୀ ଧନୁରେ ଏକ ତୀର ଯୋଖି ଗୁଣକୁ ଟାଣିବା ମାତ୍ରେ କିଛି ପତ୍ର ଏବଂ କିଛି ବୁନ୍ଦା ପାଣି ତଳେ ଥିବା ଶିବଲିଙ୍ଗ ଉପରେ ପଡିଲା ଏବଂ ଅଜାଣତରେ ଶିକାରୀଟିଦ୍ୱାରା ଶିବଙ୍କର ପ୍ରଥମ ପ୍ରହରର ପୂଜା ହେଇଗଲା।

ଶିକାରୀକୁ ଦେଖି ମୃଗୁଣୀଟି କହିଲା, ମୁଁ ଗର୍ଭବତୀ, ମୁଁ ଶୀଘ୍ର ପ୍ରସବ କରିବି। ତୁମେ ଏକାସାଙ୍ଗରେ ଦୁଇଟି ଜୀବକୁ ହତ୍ୟା କରିବା ଠିକ୍ ନୁହେଁ । ମୁଁ ଏକ ସନ୍ତାନ ଜନ୍ମ ଦେବା ପରେ ଶୀଘ୍ର ତୁମ ସମ୍ମୁଖରେ ଉପସ୍ଥିତ ହେବି । ତା'ପରେ ମୋତେ ହତ୍ୟା କରିବ। ଶିକାରୀଟି ତୀର ନମାରି ହରିଣଟିକୁ ଛାଡ଼ିଦେଲା ଏବଂ ସେ ବଣୁଆ ବୁଦା ଭିତରେ ଅଦୃଶ୍ୟ ହୋଇଗଲା ।

କିଛି ସମୟ ପରେ ସେଠାକୁ ଆଉ ଏକ ହରିଣ ଆସିଲା। ଶିକାରୀ ମୁହଁରେ ହସ ଫୁଟି ଉଠିଲା। ନିକଟତର ହେବା ପରେ ସେ ଧନୁରେ ତୀର ରଖିଲାବେଳେ କିଛି ବେଲପତ୍ର ଶିବଲିଙ୍ଗ ଉପରେ ପଡ଼ିଗଲା ଏବଂ ଶିକାରୀର ଦ୍ୱିତୀୟ ପ୍ରହର ପୂଜା ବି ଅନାୟାସରେ ସଂପନ୍ନ ହେଲା ।

ସେତିକିବେଳେ ହରିଣୀଟି ତାକୁ ଦେଖି ବିନମ୍ରତା ପୂର୍ବକ ଅନୁରୋଧ କଲା ଯେ , ମୁଁ କିଛି ସମୟ ପୂର୍ବରୁ ମାସିକ ଋତୁସ୍ରାବରୁ ଅବସର ନେଇଛି । ମୁଁ କାମାତୁରା ବିରହିଣୀ । ମୋର ପ୍ରିୟଙ୍କ ସନ୍ଧାନରେ ବୁଲୁଛି । ମୋ ସ୍ୱାମୀଙ୍କୁ ଭେଟିବା ପରେ ମୁଁ ଶୀଘ୍ର ତୁମ ପାଖକୁ ଆସିବି । ଶିକାରୀ ତାକୁ ମଧ ଯିବାକୁ ଦେଲା।

ଦୁଇଥର ଶିକାର ହରାଇବା ପରେ ସେ ଚିନ୍ତିତ ହେଇ ପଡ଼ିଲା । ଏହା ରାତିର ତୃତୀୟ ପ୍ରହର ଥିଲା । ସେତିକିବେଳେ ନିଜ ପିଲାଙ୍କ ସହିତ ସେଠାରେ ଆଉ ଏକ ହରିଣୀ ବାହାରିଲା। ଶିକାରୀ ଯେତେବେଳେ ତୀର ମାରିବାକୁ ଯାଉଥିଲା ମୃଗୁଣୀଟି କହିଲା, ମୁଁ ମୋର ପିଲାମାନଙ୍କୁ ସେମାନଙ୍କ ବାପାଙ୍କୁ ହସ୍ତାନ୍ତର କରିବା ପରେ ଫେରିବି । ଏବେ ମୋତେ ହତ୍ୟା କର ନାହିଁ ।

ଶିକାରୀ ହସି ହସି କହିଲା, ସମ୍ମୁଖକୁ ଆସିଥିବା ଶିକାରକୁ ଛାଡିଦେବି, ସେପରି ମୂର୍ଖ ମୁଁ ନୁହେଁ। ପୂର୍ବରୁ ଦୁଇଥର ଶିକାର ହରାଇଛି। ମୋର ପିଲାମାନେ ଭୋକ ଓ ଶୋଷରେ ଛଟପଟ ହେଉଥିବେ ।ଏହାର ଉତ୍ତରରେ, ମୃଗୁଣୀଟି ପୁନର୍ବାର କହିଛି, ଯେପରି ତୁମେ ତୁମର ପିଲାମାନଙ୍କର ବିଷୟରେ ଚିନ୍ତିତ, ସେହିପରି ମୁଁ ମଧ ମୋ ପିଲାଙ୍କ ପାଇଁ ଚିନ୍ତିତ, ତେଣୁ ମୋ ପିଲାମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ମୁଁ କିଛି ସମୟ ପାଇଁ ଜୀବନ ମାଗୁଛି । ମୋତେ ବିଶ୍ୱାସ କର, ମୁଁ ସେମାନଙ୍କୁ ସେମାନଙ୍କ ପିତାଙ୍କ ପାଖରେ ଛାଡି ତୁରନ୍ତ ଫେରିବାକୁ ପ୍ରତିଜ୍ଞା କରୁଛି । ମୃଗୁଣୀର କାକୁତି ମିନତି ଶୁଣି ଶିକାରୀ ମନରେ ଦୟା ଆସିଲା। ସେହି ମୃଗୁଣୀଟିକୁ ମଧ ସେ ଯିବାକୁ ଦେଲା ।

ଯେତେବେଳେ ସକାଳ ହେବାକୁ ଯାଉଥିଲା, ଠିକ୍ ସେତିକିବେଳେ ଏକ ଶକ୍ତିଶାଳୀ ମୃଗ ଆସିଲା । ଶିକାରୀ ଭାବିଲା ଯେ ସେ ନିଶ୍ଚୟ ତାର ଶିକାର କରିବ । ଶିକାରୀ ତୀର ମାରିବାକୁ ଉଦ୍ୟତ ହେବା ଦେଖି ମୃଗଟି କରୁଣ ସ୍ୱରରେ କହିଲା ଭାଇ ! ଯଦି ତୁମେ ପୂର୍ବରୁ ତିନୋଟି ମୃଗୁଣୀ ଏବଂ ସେମାନଙ୍କର ଛୋଟ ପିଲାମାନଙ୍କୁ ମାରି ଦେଇଛ, ତେବେ ମୋତେ ମଧ ମାରିବାରେ ବିଳମ୍ବ କର ନାହିଁ, ଯାହା ଦ୍ୱାରା ମୋତେ ସେମାନଙ୍କଠାରୁ ବିଚ୍ଛେଦ ହେବାର କଷ୍ଟ ଭୋଗିବାକୁ ପଡିବ ନାହିଁ । ମୁଁ ସେହି ମୃଗୁଣୀମାନଙ୍କର ସ୍ୱାମୀ ଅଟେ। ଯଦି ତୁମେ ସେମାନଙ୍କୁ ଜୀବନ ଦେଇଛ, ତେବେ ଦୟାକରି ମୋତେ ବି କିଛି ମୁହୂର୍ତ୍ତର ଜୀବନ ଦାନ ଦିଅ । ସେମାନଙ୍କୁ ଭେଟିବା ପରେ ମୁଁ ତୁମ ସମ୍ମୁଖରେ ଉପସ୍ଥିତ ହେବି ।

ମୃଗ କଥା ଶୁଣିବା ପରେ ଶିକାରୀ ସବୁ ଘଟଣା ବୁଝିଗଲା । ତା'ପରେ ମୃଗଟି କହିଲା, ମୋର ତିନି ପତ୍ନୀ ଯେପରି ଫେରିବାକୁ ପ୍ରତିଜ୍ଞା କରି ଯାଇଛନ୍ତି, ମୋର ମୃତ୍ୟୁ ପରେ ସେମାନେ ସେମାନଙ୍କର ଧର୍ମ ପାଳନ କରିପାରିବେ ନାହିଁ। ତେଣୁ, ତୁମେ ଯେପରି ସେମାନଙ୍କୁ ବିଶ୍ୱାସ କରି ଛାଡିଛ, ମୋତେ ମଧ ଯିବାକୁ ଦିଅ । ମୁଁ ସମସ୍ତଙ୍କୁ ସାଥୀରେ ଧରି ଶୀଘ୍ର ତୁମ ସମ୍ମୁଖରେ ଉପସ୍ଥିତ ହେବି ।

ଉପବାସ, ରାତି ଉଜାଗର ଏବଂ ଶିବଲିଙ୍ଗ ଉପରେ ବେଲପତ୍ର ପ୍ରଦାନ କରି ଶିକାରୀର ହିଂସାତ୍ମକ ହୃଦୟ ଶୁଦ୍ଧ ଓ ପବିତ୍ର ହୋଇ ଯାଇଥିଲା। ତା' ହୃଦୟରେ ଭଗବତ ଶକ୍ତି ବୃଦ୍ଧି ପାଇଥିଲା । ସେ ଧନୁ ଓ ତୀର ଫିଙ୍ଗିଦେଇ ହରିଣକୁ ଯିବାକୁ ଦେଲା । କିଛି ସମୟ ପରେ ହରିଣଟି ସପରିବାର ଶିକାରୀ ସମ୍ମୁଖରେ ଉପସ୍ଥିତ ହେଲା । ବଣୁଆ ଜନ୍ତୁମାନଙ୍କର ଏପରି ସତ୍ୟବାଦିତା, ଧର୍ମପରାୟଣତା ଏବଂ ସାମୂହିକ ପ୍ରେମ ଦେଖି ଶିକାରୀ ନିଜକୁ ଦୋଷୀ ମନେ କଲା। ତା' ଆଖିରୁ ଧାର ଧାର ଲୁହ ଝରିବାକୁ ଲାଗିଲା। ସେହି ହରିଣ ପରିବାରକୁ ହତ୍ୟା ନକରି ଶିକାରୀ ନିଜର କଠିନ ହୃଦୟ ପରିତ୍ୟାଗ କରି ପଶୁ ଶିକାର ସବୁଦିନ ଛାଡ଼ିଦେଲା ।

ଦେବଲୋକରୁ ଦେବଗଣ ଏହି ଘଟଣାକୁ ଦେଖୁଥିଲେ। ଏପରି କରିବା ଦ୍ୱାରା ଭଗବାନ ଶିବ ପ୍ରସନ୍ନ ହେଲେ ଏବଂ ସଙ୍ଗେ ସଙ୍ଗେ ଶିକାରୀକୁ ଦର୍ଶନ ଦେଇ ସୁଖ ଏବଂ ସମୃଦ୍ଧି ପ୍ରଦାନ କରିଥିଲେ ।


ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ
ବଲାଙ୍ଗିର
ମୋ: ୮୯୧୭୩୯୭୩୪୮


# ହିନ୍ଦୁ ପରଂପରାରେ ମହାଶିବରାତ୍ରି

## ଡକ୍ଟର ଲକ୍ଷ୍ମଣ ସାହୁ

ଫାଲଗୁନ୍ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରି ପାଳନ କରାଯାଏ । ଏହି ଦିନ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହ ପର୍ବ ଭାବରେ ପାଳନ କରାଯାଏ । ଭଗବାନ ଶିବଙ୍କ ପୂଜାର ବେଲପତ୍ର ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ବେଲପତ୍ର ବିନା ଭୋଲେ ନାଥ ଶିବଙ୍କ ପୂଜା ଅସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଧାର୍ମିକ ବିଶ୍ୱାସ ଅନୁଯାୟୀ ଭଗବାନ ଶିବଙ୍କୁ ବେଲପତ୍ର ଉତ୍ସର୍ଗ କରି ଖୁସି ହୁଅନ୍ତି ଓ ଏହା ଶିବଙ୍କ ମସ୍ତକରେ ରହିଥାଏ ।

ବିଶ୍ୱାସ କରାଯାଏ ଯେ ମହାଶିବରାତ୍ରୀ ଦିନ ଭଗବାନ ଭୋଲେନାଥ ପୃଥିବୀରେ ଉପସ୍ଥିତ ଥିବା ସମସ୍ତ ଶିବଲିଙ୍ଗରେ ରୁହନ୍ତି । ସେଥିପାଇଁ ମହାଶିବରାତ୍ରୀ ଦିନ ଶିବଙ୍କ ପୂଜା ଅନେକ ଗୁଣ ଅଧିକ ଫଳାଫଳ ଦେଇଥାଏ। ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହର ଏହି ଶୁଭ ଦିନ ଶିବ-ପାର୍ବତୀଙ୍କ ଆଶୀର୍ବାଦ ପାଇବା ପାଇଁ ସର୍ବୋତ୍ତମ ଦିନ ବୋଲି ବିବେଚନା କରାଯାଏ । ପଣ୍ଡିତ ମାନଙ୍କ କହିବାନୁସାରେ, ପ୍ରତ୍ୟେକ ଚତୁର୍ଦ୍ଦଶୀ ତିଥି ଉପରେ ଶିବରାତ୍ରି ପାଳନ କରାଯାଏ । କିନ୍ତୁ ଫାଲଗୁନ୍ ମାସର କୃଷ୍ଣ ଚତୁର୍ଦ୍ଦଶୀ ତିଥିର ବିଶେଷ ମହତ୍ତ୍ୱ ରହିଛି । ଶିବପୁରାଣ ଅନୁଯାୟୀ ଭଗବାନ ଶିବ ପ୍ରଥମେ ମହାଶିବରାତ୍ରି ଦିନ ଶିବଲିଙ୍ଗ ଆକାରରେ ଦେଖାଦେଇଥିଲେ । ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କ ଜ୍ୟୋତିର୍ଲିଙ୍ଗ ସେହି ଦିନ ପ୍ରକାଶ ପାଇଥିଲା । ତେଣୁ ମହାଶିବରାତ୍ରି ପ୍ରତିବର୍ଷ ଫାଲଗୁନ୍ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନରେ ପାଳନ କରାଯାଏ ।

ଏହା ବ୍ୟତୀତ ଫାଲଗୁନ୍ ଚତୁର୍ଦ୍ଦଶୀ ତାରିଖରେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହ ଯୋଗୁଁ ମହାଶିବରାତ୍ରି ପାଳନ କରାଯାଏ । ବିଶ୍ୱାସ ଅଛି ଯେ ମହାଶିବରାତ୍ରିରେ ଉପବାସ ରଖି ଭଗବାନ ଶିବ ଓ ମାତା ପାର୍ବତୀଙ୍କୁ ପୂଜା କରିବା ଦ୍ୱାରା ଦାମ୍ପତ୍ୟ ଜୀବନର ସବୁ ସମସ୍ୟା ଦୂର ହୋଇଥାଏ । ଶିବଙ୍କ ଉପାସନାରେ ବ୍ୟକ୍ତିର ଦାମ୍ପତ୍ୟ ଜୀବନ ସଫଳ ହୁଏ।

ପୌରାଣିକ ମତ ଅଛି ଶିବଙ୍କୁ ପ୍ରସନ୍ନ ରଖିପାରିଲେ ମଣିଷ ସର୍ବ ଶକ୍ତିମାନ, ସର୍ବ ସୁଖ, ଐଶ୍ୱର୍ଯ୍ୟ , ଶକ୍ତିଶାଳୀ ଓ ଶେଷରେ ଶିବଙ୍କୁ ପ୍ରାପ୍ତି ହୋଇଥାଏ । ତେଣୁ ଶିବଙ୍କୁ ପ୍ରସନ୍ନ କରିବା ନିମନ୍ତେ ଦଶଗୋଟି ବ୍ରତ ଅଛି ବୋଲି ମୁନି ସନତ କୁମାର ମତ ଦେଇଛନ୍ତି । ସେ ମଧ୍ୟରୁ ଶିବରାତ୍ରି ବ୍ରତ ସର୍ବଶ୍ରେଷ୍ଠ ଓ ସର୍ବକାମପ୍ରଦ ଅଟେ ବୋଲି ସାଧାରଣରେ ବିଶ୍ୱାସ ରହିଛି । ଜାବାଳି ଶ୍ରୁତି ଅନୁସାରେ ଦଶ ଶୈବ ବ୍ରତ ମଧ୍ୟରେ ଏହି ଶିବରାତ୍ରି ବ୍ରତ ଅତ୍ୟନ୍ତ ସିଦ୍ଧିଦାୟକ । ଅନ୍ୟ କେତେକ ଶ୍ରୁତି ଅନୁସାରେ ପୁଣ୍ୟ ମାଘ ମାସର 'ମାଘସ୍ନାନ' ବ୍ରତ ମଧ୍ୟରେ କୃଷ୍ଣ ଚତୁର୍ଦ୍ଦଶୀ ତିଥିକୁ ଏକ ଶିବରାତ୍ରି ବ୍ରତ ପାଳନ କରାଯାଏ ବୋଲି ବର୍ଣ୍ଣନା ଥିଲେ ମଧ ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଉଥିବା ଶିବରାତ୍ରି ବ୍ରତକୁ ସର୍ବଶ୍ରେଷ୍ଠ ଭାବେ ଗ୍ରହଣ କରାଯାଇଥାଏ । ଭାରତର ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ରରେ ଏହି ଶିବରାତ୍ରି ପର୍ବ ବେଶ ଭକ୍ତି ଓ ଉଲ୍ଲାସର ସହ ପାଳନ କରାଯାଏ।

ପୌରାଣିକ ଭିତ୍ତିଭୂମିକୁ ଦେଖିଲେ ଦେବଦେବ ମହାଦେବଙ୍କଦ୍ୱାରା ଏହି ଦିନ ସଂସାର ପ୍ରକଟ ହୋଇଥିଲା ବୋଲି ଲୋକେ ବିଶ୍ୱାସ ଅଛି । ପୁରାଣର ଅନ୍ୟଏକ ଆଖ୍ୟାନ ଅନୁସାରେ, ଦେବ ଓ ଅସୁରମାନଙ୍କଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ସମସ୍ତ ବିଷକୁ ଶିବ ପାନକରି ଧରାକୁ ଏକ ଆସନ୍ନ ବିପଦରୁ ଉଦ୍ଧାର କରିଥିଲେ । ଏହି ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ । ତାଙ୍କର ସଂଜ୍ଞା ନ ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ । ସେହିଦିନକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥାନ୍ତି । ଏହାକୁ ଅନେକ ଜାଗର ପର୍ବ ବୋଲି କହିଥାନ୍ତି । ସାରା ରାତି ଉଜାଗର ରହି ଦୀପ ଜାଳି ଭଗବାନ ଶିବଙ୍କୁ ପ୍ରସନ୍ନ ହେବାକୁ ପ୍ରାର୍ଥନା କରନ୍ତି । ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଶିବ ଲିଙ୍ଗ ଭାବରେ ଆବିର୍ଭୂତ ହୋଇଥିବାରୁ ପ୍ରତିବର୍ଷ ଏହି ଦିନକୁ ମହାଶିବରାତ୍ରି ଭାବରେ ପାଳନ କରାଯାଏ ।

ଶିବରାତ୍ରର ମହିମା ସମ୍ପର୍କରେ ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ଅଛି ଯେ ପିତାମହ ଭୀଷ୍ମ ଶରଶଯ୍ୟାରେ ଥାଇ ଧର୍ମୋପଦେଶ ଦେଲାବେଳେ ମହାଶିବରାତ୍ରି ପାଳନ ସମ୍ପର୍କରେ ଇକ୍ଷାକୁ ବଂଶର ରାଜା ଚିତ୍ରଭାନୁଙ୍କ କାହାଣୀ ଉଦ୍ଧାର କରିଥିଲେ । ଏକଦା ଜମ୍ବୁଦ୍ୱୀପର ରାଜା ଚିତ୍ରଭାନୁଙ୍କ ସ୍ତ୍ରୀ ଥରେ ଶିବରାତ୍ରି ଉପବାସ ପାଳନ କରିଥିଲେ । ସେ ସମୟରେ ଋଷି ଅଷ୍ଟବକ୍ର ରାଜଦରବାରକୁ ଆସି ରାଜାଙ୍କୁ ଏହି ଦିବସ ପାଳନର କାରଣ ପୁଚ୍ଛାକରିଥିଲେ । ରାଜା ଜାତିସ୍ମର ଥିବାରୁ ନିଜ ପୂର୍ବଜନ୍ମର କାହାଣୀ ବର୍ଣ୍ଣନା କରି କହିଥିଲେ- ' ପୂର୍ବଜନ୍ମରେ ସୁସ୍ୱର ନାମରେ ସେ ଜଣେ ଶିକାରୀ ଥିଲେ । ଦିନେ ବଣରେ ବୁଲୁବୁଲୁ ସନ୍ଧ୍ୟା ହେଲା । ନିଜ କୁଟୀରକୁ ଫେରି ନ ପାରି ରାତିରେ ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷାପାଇବା ପାଇଁ ସେ ନିକଟରେ ଥିବା ବେଲଗଛ ଉପରକୁ ଚଢ଼ିଗଲେ ।



ରାତିସାରା ବେଲପତ୍ର ଛିଣ୍ଡାଇ ତଳକୁ ପକାଇବା ସହ ନିଜ ପରିବାର କଥା ଭାବି ଲୁହ ଝରାଇବାକୁ ଲାଗିଲେ । ତାଙ୍କ ଅଜାଣତରେ ସେହି ଲୁହ ଓ ପତ୍ର ବିଲ୍ୱ ବୃକ୍ଷର ପାଦଦେଶରେ ଥିବା ଶିବଲିଙ୍ଗ ଉପରେ ପଡୁଥାଏ । ସକାଳ ହେବାରୁ ସେ ଶିକାର ଧରି ଘରକୁ ଫେରିଲେ । ପ୍ରଥମେ ଜଣେ ଭିକ୍ଷୁକୁ କିଛି ଖାଦ୍ୟ ଦାନକରି ନିଜେ ଖାଦ୍ୟଗ୍ରହଣ କଲେ । କିଛି ବର୍ଷ ପରେ ତାଙ୍କ ମୃତ୍ୟୁ ହେବାରୁ ସେ ଶୈବଲୋକ ପ୍ରାପ୍ତ ହେଲେ । ଅଜ୍ଞାତରେ ସେ ଶିବରାତ୍ରି ଦିନ ଉପବାସ ରହି ଶିବଲିଙ୍ଗ ଉପରେ ବେଲପତ୍ର ଓ ଲୋତକ ସମର୍ପଣ କରିଥିବାରୁ ସେ ଶିବଙ୍କ ପାଖରେ ରହିବାର ସୁଯୋଗ ଲାଭ କରି ପରଜନ୍ମରେ ଚିତ୍ରଭାନୁ ରୂପରେ ରାଜଗାଦି ଭୋଗ କଲେ । ଶାନ୍ତି ପର୍ବରେ ଥିବା ଏଭଳି ଆଖ୍ୟାନ ଜନ ବିଶ୍ୱାସକୁ କେବଳ ବଳିଷ୍ଠ କରିନାହିଁ ବେଲପତ୍ରର ମାହାତ୍ମ୍ୟ ସଂପର୍କରେ ସୂଚେଇ ଦେଇଛି ।

ଯାହା ଫଳରେ ସମଗ୍ର ଓଡ଼ିଶାର ବିଭିନ୍ନ ଶୈବପୀଠ, ବିଶେଷ କରି ଆରଡ଼ି, କପିଳାସ, ଗୁପ୍ତେଶ୍ୱର, ବେଦବ୍ୟାସ, ଭୁବନେଶ୍ୱର, ମହେନ୍ଦ୍ରଗିରି, ହରିଶଙ୍କର, ହୁମାରେ ଏହି ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶିବରାତ୍ରି ପାଳନ କରିଥାନ୍ତି । ଶିବଙ୍କ ପୂଜା ଉପାସନା ନିମନ୍ତେ ସୋମବାର, ପ୍ରତ୍ୟେକ ପକ୍ଷର ଚତୁର୍ଦ୍ଦଶୀ ତିଥି ଓ ଶିବରାତ୍ରି ସର୍ବୋତ୍କୃଷ୍ଟ । ଅନ୍ୟ ଦେବତାଙ୍କ ପୂଜା ଦିନରେ ହେଉଥିବାବେଳେ ଏହି ପର୍ବରେ ଭଗବାନ ଶିବଙ୍କର ପୂଜା ରାତିରେ ହେଇଥାଏ । ବ୍ରତାଚାରୀମାନେ ସେହି ଦିନରେ ନିର୍ଜଳା ଉପବାସ ରହନ୍ତି । ସନ୍ଧ୍ୟାରେ ଶିବ ମନ୍ଦିର ଯାଇ ଅଖଣ୍ଡ ଦୀପ ଜାଳି ଉଜାଗର ରହନ୍ତି। ସେହି ରାତ୍ରିର ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ପୂଜା ସହିତ ନାମ ଜପ କରାଯିବାର ବିଧି ରହିଛି । ଗୁରୁଦତ୍ତ ନାମ ଜପର ବିଧି ରହିଛି। ଯେଉଁମାନେ ଗୁରୁ କରିନଥିବେ ସେମାନେ ଶିବଙ୍କର ଅଷ୍ଟନାମ ଯଥା- ଭବ, ଶର୍ବ, ରୁଦ୍ର, ପଶୁପତି, ଉଗ୍ର, ମହାନ ଭୀମ, ଈଶାନ ମଧ୍ୟରୁ ଯେକୌଣସି ନାମ କିମ୍ବା ' ଓଁ ନମଃ ଶିବାୟ' ପଞ୍ଚାକ୍ଷର ମନ୍ତ୍ର ଜପ କରି ଶିବଙ୍କ କୃପା ଲାଭ କରିଥାନ୍ତି ।

ଶିବରାତ୍ରିକୁ ଚାରୋଟି ପ୍ରହରରେ ସମ୍ପନ୍ନ କରାଯାଏ । ପ୍ରତ୍ୟେକ ପ୍ରହରର ସମୟ ତିନି ଘଟିକା । ପ୍ରଥମ ପ୍ରହର ବା ସନ୍ଧ୍ୟା ସମୟରେ ଶିବଲିଙ୍ଗଙ୍କୁ ଦୁଗ୍ଧରେ ଅଭିଷେକ କରାଯାଏ । ଦ୍ୱିତୀୟ ପ୍ରହର ବା ସନ୍ଧ୍ୟାର ପରବର୍ତ୍ତୀ ସମୟରେ ଲିଙ୍ଗଙ୍କୁ ଦହିରେ ଅଭିଷେକ କରାଯାଏ । ତୃତୀୟ ପ୍ରହର ବା ଘୋର ରାତ୍ର ସମୟରେ ଶିବଲିଙ୍ଗଙ୍କୁ ମହୁରେ ଅଭିଷେକ କରାଯାଏ । ରାତ୍ରର ଶେଷ ପ୍ରହର ସମୟରେ ଶିବ ମନ୍ଦିରର ଶୀର୍ଷରେ (ଚୂଡ଼ାଦେଶକୁ) ମହାଦୀପ ଉଠାଯାଏ । ସାରା ସଂସାରରୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂରକରି ନବୀନ ଆଲୋକ ପ୍ରଦାନ କରିବା ହେଉଛି ମହାଦୀପ ଉଠାଣର ଉଦ୍ଦେଶ୍ୟ । ରାତ୍ରର ପ୍ରତ୍ୟେକ ପ୍ରହରରେ ଶିବଲିଙ୍ଗଙ୍କୁ ପୁଷ୍ପ, ପତ୍ର ଓ ଫଳ ଆଦି ପ୍ରଦାନ କରାଯାଇ ଉପାସନା କରାଯାଏ। ସେହି ଦିନ ଭଗବାନ ଶିବଙ୍କ ଉପରେ କେତକୀଫୁଲ ଚଢ଼ାଯିବାର ବିଧି ରହିଛି। ହିନ୍ଦୁ ନରନାରୀ ଶୁଦ୍ଧପୂତ ଭାବରେ ଉପବାସ ପୂର୍ବକ ଅଖଣ୍ଡ ଦୀପ ଜାଳି ରାତ୍ରି ଉଜାଗର ରହି ବ୍ରତ ପାଳୁଥିବାରୁ ଏହାକୁ ଜାଗର ଓଷା ବା ଜାଗର ବ୍ରତ ମଧ କୁହାଯାଇଥାଏ । ଆତ୍ମ କଲ୍ୟାଣର ପଥକୁ ଶୁଦ୍ଧ ପବିତ୍ର କରିବାପାଇଁ ଅଖଣ୍ଡ ସଜାଗତା ଓ ଜ୍ଞାନର ଆଲୋକ ଆବଶ୍ୟକତା ଥିବା ଏହି ପର୍ବ ଶିକ୍ଷା ଦିଏ । ମଧ ରାତିରେ ମନ୍ଦିରର ଶିଖରକୁ ବିଶାଳ ମହାଦୀପ ଉଠେ । ଭକ୍ତମାନେ ହରିବୋଲ ହୁଳହୁଳି ଦେଇ ମହାଦୀପ ଦର୍ଶନ କରି ଭାବ ବିହ୍ୱଳ ହୁଅନ୍ତି । ପରଦିନ ସ୍ନାନାଦି ସମାପନ କରି ଭକ୍ତମାନେ ସେମାନଙ୍କ ଉପବାସ ଭଙ୍ଗ କରନ୍ତି ଓ ଦେବଦେବ ମହାଦେବଙ୍କ ପରମ କୃପା ଲାଭ କରିଥାନ୍ତି ।


+ଅଧ୍ୟକ୍ଷ, ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦୧୫ ୧୪୭୫


# ଶିବ ଆରାଧନା ଓ ଏହାର ସିଦ୍ଧାନ୍ତ

## ନେତାଜୀ ତାପସ କୁମାର ସାହୁ

'ନାଗେନ୍ଦ୍ର ହାରାୟ ତ୍ରିଲୋଚନାୟ ଭସ୍ମାଙ୍ଗ ରାଗାୟ ମହେଶ୍ୱରାୟ
ନିତ୍ୟାୟ ଶୁଦ୍ଧାୟ ଦିଗମ୍ବରାୟ ତସ୍ମୈ 'ନ' କାରାୟ ନମଃ ଶିବାୟ'

ଦେବ ଦେବ ମହାଦେବଙ୍କ ଜୀବନଚର୍ଯ୍ୟା ଯାହାକି ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ତାହା ସମଗ୍ର ଜୀବ ଜଗତପାଇଁ ପ୍ରେରଣାପ୍ରଦ ତଥା ସମୟର ଆହ୍ୱାନ କ୍ରମେ ଏହାର ବିଶେଷ ଗୁରୁତ୍ୱ ରହିଛି କ୍ଷ ଶିବଙ୍କ ଆରାଧନା ଆଦିମ କାଳରୁ ଆଜି ଯାଏ ପ୍ରଚଳିତ, ସେ ଜୀବସତ୍ତା ଉତ୍ପତ୍ତିର ମୁଖ୍ୟ କାରଣ ଯେଉଁଥିପାଇଁ ସେ ସଂହାରକର୍ତ୍ତା ରୂପେ ପରିଚିତ । କେବଳ ସେତିକି ନୁହ ଭଗବାନ ଶଙ୍କର ତଥା ତାଙ୍କ ପରିବାରର ପ୍ରତିଟି ସଦସ୍ୟଙ୍କ ସରଳ, ସାଧାରଣ ଓ ଶୃଙ୍ଖଳିତ ଜୀବନ ଯାପନ ଏବଂ ସମାଜର ହିତ ପାଇଁ ଉତ୍ସର୍ଗୀକୃତ ଉଚ୍ଚ ମନୋଭାବନା ଯୋଗୁଁ ସମସ୍ତେ ସର୍ବତ୍ର ପୂଜିତ । ଶଙ୍କର ଭଗବାନଙ୍କ ମସ୍ତକରେ ଚନ୍ଦ୍ର ଏବଂ ଗଙ୍ଗା ବିରାଜିତ । ଚନ୍ଦ୍ର ଶାନ୍ତ ଓ ଶୀତଳତାର ପ୍ରତୀକ ହୋଇଥିଲା ବେଳେ ଗଙ୍ଗା ହେଉଛନ୍ତି ପତିତ ପାବନୀ । ତେଣୁ ଅଜ୍ଞାନ ରୂପୀ ଅନ୍ଧକାରକୁ ବିନାଶ ନିମନ୍ତେ ବିଚଳିତ କିମ୍ବା କ୍ରୋଧିତ ନ ହୋଇ ଚନ୍ଦ୍ର କିରଣ ପରି ଶାନ୍ତ ଓ ଶୀତଳତା ପୂର୍ବକ ଗଙ୍ଗା ରୂପୀ ଶୁଦ୍ଧ ଜ୍ଞାନର ପ୍ରବାହ କରିଲେ ପ୍ରତିଟି କ୍ଷେତ୍ରରେ ମନୁଷ୍ୟ ସଫଳତା ହାସଲ କରିପାରିବ । ଶିବଙ୍କ ତୃତୀୟ ନେତ୍ରକୁ ଆଧୁନିକ ବିଜ୍ଞାନ ଭାଷାରେ ମନୁଷ୍ୟ ଶରୀରରେ ଥିବା ପିନିଏଲ୍ ଗ୍ରନ୍ଥି କୁହାଯାଉଥିବା ବେଳେ ଯୋଗ ଶାସ୍ତ୍ର ଅନୁସାରେ ଏହାକୁ ଆଜ୍ଞା ଚକ୍ର କୁହାଯାଏ, ଯାହାକି ବିଭିନ୍ନ ବିଷୟକୁ ତର୍ଜମା କରିବା ସହ ବ୍ୟକ୍ତିକୁ ବିବେକାନୁମୋଦିତ କାର୍ଯ୍ୟ ପାଇଁ ନିର୍ଦ୍ଦେଶିତ କରିଥାଏ । ସାଗର ମନ୍ଥନରୁ ଉତ୍ପନ୍ନ ହୋଇଥିବା ହଳାହଳ ବିଷ ପ୍ରକୋପରୁ ସମଗ୍ର ସୃଷ୍ଟିକୁ ରକ୍ଷା କରିବା ପାଇଁ ଶିବ ବିଷପାନ କରି ନୀଳକଣ୍ଠ ନାମ ଧାରଣ କରିଛନ୍ତି କ୍ଷ ତେବେ ଗଳାରେ ଥିବା ବିଶୁଦ୍ଧି ଚକ୍ରରେ ସର୍ପ ଆଭୂଷଣ ମୁଖ୍ୟତଃ ବ୍ୟକ୍ତିକୁ ପ୍ରତିଟି ବିଷୟରେ ଶୁଦ୍ଧ ଅନ୍ତଃ କରଣ ସହ ବିଚାର ତଥା ଆତ୍ମ ନିୟନ୍ତ୍ରଣ ଦ୍ୱାରା ସମାଜର ହିତ ସାଧନ ସମ୍ଭବ ବୋଲି ସୂଚାଇବା ସହ ତମୋ ଗୁଣ ନାଶ ଏବଂ କୁଣ୍ଡଳିନୀ ଶକ୍ତି ଜାଗରଣର ବାର୍ତ୍ତା ମଧ୍ୟ ଦେଇଥାଏ । ବକ୍ଷ ଦେଶରେ ଧାରଣ କରିଥିବା ମୁଣ୍ଡମାଳା ସୂଚାଇଥାଏ ବ୍ୟକ୍ତି ଯେତେ ସୁନ୍ଦର, ଅସୁନ୍ଦର, ଧନୀ, ଗରିବ ହୋଇଥିଲେ ସୁଦ୍ଧା ମୃତ୍ୟୁ ପରେ ସବୁକିଛି ସମାନ ହିଁ ଦେଖା ଯାଏ । ତେଣୁ ସଂସାର ରେ ମୋହ ମାୟା, ଗର୍ବ ଅହଙ୍କାରର ବଶବର୍ତ୍ତୀ ନ ହୋଇ ସମାଜର ହିତ ପାଇଁ କାର୍ଯ୍ୟ କରିବା ଉଚିତ, ଯାହାକି ମୃତ୍ୟୁପରେ ସେ ଲୋକକୁ ଅମର କରି ରଖିବ । ଯେଉଁ ଶ୍ମଶାନର ନାମ ଶୁଣିଲେ ଲୋକ ଭୟଭୀତ ହୋଇଥାନ୍ତି, ମହାଦେବ ସେଠାରେ ଶ୍ମଶାନବାସୀ ରୂପେ ବାସ କରୁଥିବା ବେଳେ ସଂପୂର୍ଣ୍ଣ ଶରୀରରେ ଭସ୍ମ ଲେପନ କରିଥାନ୍ତି । ଏହା ମାନବ ଜାତିକୁ ମୃତ୍ୟୁ ରୂପକ ଚିରନ୍ତନ ସତ୍ୟ , ବ୍ୟକ୍ତିର ଶେଷ ଠିକଣା ଏବଂ ଖାଲି ହାତରେ ଆସୁଥିବା ଲୋକ ପୁଣି ଖାଲି ହାତରେ ହିଁ ଫେରିଥାଏ ବୋଲି ସୂଚୀତ କରିଥାଏ । ମହାଦେବଙ୍କ ହାତରେ ତ୍ରିଶୂଳ ଓ ଡମ୍ବରୁ ଶୋଭା ପାଇଥାଏ । ଯୋଗ ବିଜ୍ଞାନ ଅନୁସାରେ ତ୍ରିଶୂଳ ମଣିଷ ଶରୀରରେ ଥିବା ଇଡ଼ା, ପିଙ୍ଗଳା ଓ ସୁଷମନା ନାଡିକୁ ସୂଚୀତ କରୁଥିବା ବେଳେ ତ୍ରିଗୁଣର ପ୍ରତୀକ ରୂପେ ରୂପେ ମଧ୍ୟ ଗ୍ରହଣ କରାଯାଇଛି । ସେହିପରି କିମ୍ବଦନ୍ତୀ ଅନୁସାରେ ଶଙ୍କର ଭଗବାନ ୧୪ ଥର ଡମ୍ବରୁ ବାଦନ ପରେ ସେଥିରୁ ଉତ୍ପନ୍ନ ଧ୍ୱନିରୁ ସଂସ୍କୃତ, ବ୍ୟାକରଣ ଓ ସଙ୍ଗୀତର ସାତଟି ସ୍ୱର ସୃଷ୍ଟି ହୋଇଥିବା କୁହାଯାଏ କ୍ଷ ଖାଲି ସେତିକି ନୁହେଁ ନିଜେ ଡମ୍ବରୁ ବଜାଇ ମଧ୍ୟ ନୃତ୍ୟ କରିଥିବାରୁ ସେ ନଟରାଜ ରୂପେ ପୂଜିତ । ତେଣୁ କଳା, ଯୋଗ, ସାହିତ୍ୟ ଓ ନୃତ୍ୟର ଆଦିଦେବ ହେଉଛନ୍ତି ମହାଦେବ । ହିମାଳୟରେ ଅବସ୍ଥାନ କରୁଥିବା ଶିବ ଭଗବାନ ଏହି ବାର୍ତ୍ତା ଦେଇଥାନ୍ତି ଜୀବନର ସଂଘର୍ଷ ପଥରେ ହାରି ନଯାଇ ଏକନିଷ୍ଠ ହୋଇ ଲକ୍ଷ୍ୟସ୍ଥଳ ପ୍ରାପ୍ତ କର, ଯାହାକି ତୁମକୁ ଶୀର୍ଷ ସ୍ଥାନରେ ନିଶ୍ଚିତ ରୂପେ ପହଁଞ୍ଚାଇବ । ପଶୁପତି ରୂପେ ପରିଚିତ ମହାଦେବ ପ୍ରତିଟି ବ୍ୟକ୍ତି ପାଇଁ ପାଶବିକ ଆଚରଣ ଠୁ ଉର୍ଦ୍ଧ୍ୱକୁ ଉଠି ମନୁଷ୍ୟ ଜନ୍ମର ସାର୍ଥକତା ନିମନ୍ତେ ଉତ୍ତମ ବିଚାରଧାରା ଗ୍ରହଣ କରିବା ସହ ଏହାକୁ ଜଗତ କଲ୍ୟାଣ ନିମନ୍ତେ ବିନିଯୋଗ କରିବାର ସନ୍ଦେଶ ଦେଇଥାନ୍ତି । ସେହିପରି ବୃଷଭ ନନ୍ଦୀ ହେଉଛନ୍ତି ସାତ୍ୱିକ ଶକ୍ତି ଓ ବଳର ପ୍ରତୀକ, ଯିଏକି ମହାଦେବଙ୍କ ବାହାନ । ଶଙ୍କର ଭଗବାନ ବାଘଛାଲ ପିନ୍ଧିବା ସହ ଏହା ଉପରେ ଉପବିଷ୍ଟ ହୋଇଥାନ୍ତି କ୍ଷ ବାଘ ହେଉଛି ଶକ୍ତି ଓ ସତ୍ତାର ପ୍ରତୀକ । ତେଣୁ ଶକ୍ତି ଓ ସତ୍ତା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ତଥା ବିଜୟ ଲାଭ କରିଲେ ହିଁ ମନୁଷ୍ୟ ମୋକ୍ଷ ପ୍ରାପ୍ତି କରିପାରିବ । ପତିପତ୍ନୀର ସମ୍ପର୍କ ତଥା ଶାଶ୍ୱତ ପ୍ରେମର ଜ୍ୱଳନ୍ତ ପ୍ରତୀକ ହେଉଛି ଶିବ ପାର୍ବତୀଙ୍କ ସମ୍ପର୍କ । ଶିବଙ୍କ ଅପମାନ ସହି ନ ପାରି ଦକ୍ଷ ଯଜ୍ଞରେ ନିଜକୁ ସତୀ ଆହୁତି ଦେବା ହେଉ କିମ୍ବା ସତୀଙ୍କ ମୃତଶରୀରକୁ ଧରି ନିଜକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଶିବ ସମଗ୍ର ବିଶ୍ୱ ଭ୍ରମଣ କରିବା, ପୁଣି କାଳ କାଳ ଧରି ତପସ୍ୟା କରି ଉଭୟେ ପୁଣି ଫେରିପାଇବା ହିଁ ଏହା ସୂଚାଏ ପ୍ରେମର ବାସ୍ତବିକ୍ ପରିଭାଷା । ଯେଉଁଥି ପାଇଁ ଗୋସ୍ୱାମୀ ତୁଳସୀ ଦାସ ରାମାୟଣର ପ୍ରାରମ୍ଭରେ ଶିବ ପାର୍ବତୀଙ୍କୁ ଶ୍ରଦ୍ଧା ଓ ବିଶ୍ୱାସର ପ୍ରତୀକ ରୂପେ ବର୍ଣ୍ଣନା କରିଛନ୍ତି

' ଭବାନୀଶଙ୍କରୌ ବନ୍ଦେ ଶ୍ରଦ୍ଧାବିଶ୍ୱାସରୂପିଣୌ
ଯାଭ୍ୟାଂ ବିନା ନ ପଶ୍ୟନ୍ତି ସିଦ୍ଧାଃ ସ୍ୱାନ୍ତଃସ୍ଥମୀଶ୍ୱରମ୍'

ରାମାୟଣର ଏହି ଶ୍ଳୋକ ବାର୍ତ୍ତା ଦେଉଛି ପ୍ରତିଟି ବ୍ୟକ୍ତି ଯେଉଁ ବିଷୟ ପ୍ରତି ଶ୍ରଦ୍ଧା ତଥା ବିଶ୍ୱାସ ପୂର୍ବକ କାର୍ଯ୍ୟ କରିବ, ସେ ସଫଳ ନିଶ୍ଚିତ ଭାବେ ହୋଇପାରିବ ।ଶିବଙ୍କ ପରିବାରରେ ଶୃଙ୍ଖଳା ହେଉଛି ଏକ ବଡ ଶିକ୍ଷା । ଖାଦ୍ୟ ଖାଦକ ସମ୍ପର୍କରେ ସିଂହ - ମୂଷା - ସାପ - ବୃଷଭ - ମୟୂର ବନ୍ଧା ହୋଇଥିଲେ ସୁଦ୍ଧା ସମସ୍ତେ ନିଜର ପାଶବିକ ଆଚରଣ ଠୁ ଉର୍ଦ୍ଧ୍ୱରେ କ୍ଷ ସଂସାର ହିତ ପାଇଁ ସମୁଦ୍ର ମନ୍ଥନ ଠୁ ଦେବାସୁର ସଂଗ୍ରାମ ହେଉ କିମ୍ବା ଦେବକୂଳ ଓ ମାନବ କଲ୍ୟାଣ ନିମନ୍ତେ ସମ୍ପୂର୍ଣ୍ଣ ଶିବ ପରିବାରର କାର୍ଯ୍ୟ ହିଁ ତାଙ୍କୁ ଆଦର୍ଶ ପରିବାରର ପରିଚୟ ପ୍ରଦାନ କରିଛି ।


+ବାଲେଶ୍ୱର ତଥା ଛାତ୍ର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡିଶା
ମୋ : ୮୨୬୦୩୫୬୧୧୩

# ମୟୂରଭଞ୍ଜ-୧ ବିଜୁ ମହିଳା ଜନତା ଦଳ ପୁନର୍ଗଠିତ

ବାରିପଦା, ୧୭/୦୨ (ନି.ପ୍ର): ବିଜୁ ଜନତା ଦଳର ସଭାପତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅନୁଦାନ କ୍ରମେ ବିଜୁ ମହିଳା ଜନତା ଦଳର ସଭାପତି ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଦ୍ୱାରା ଏବଂ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ବିଧାୟକ ଏବଂ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ମହିଳା ପର୍ଯ୍ୟବେକ୍ଷକ ଉର୍ମିଳତା ଦାସ, ସହ-ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଜନ୍ମେଜୟ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ରଙ୍କ ସହଯୋଗରେ ବିଜୁ ମହିଳା ଜନତା ଦଳ ମୟୂରଭଞ୍ଜ-୧ ଜିଲ୍ଲା କମିଟି ଘୋଷଣା କରାଯାଇଅଛି। ଏହି କମିଟିରେ କାର୍ଯ୍ୟକାରୀ ସଭାପତି ଭାବେ ସବିତା ହାଁସଦାଃ, ୧୨ ଜଣ ଉପ-ସଭାପତି, ଦ୍ରୌପଦୀ ସାହୁ, ସରପତୀ ଟୁଡୁ, କାଜଲ ମାର୍ଣ୍ଡି, ପ୍ରେମଲତା ଜେନା, କଳ୍ପନା ଗିରି, ସୁଲୋଚନା ରାଉତ, ଗୀତାରାଣୀ ବେହେରା, ସାଳତୀ ମୁର୍ମୁ, ନିବେଦିତା ସାହୁ, ଭାନୁମତୀ ଦାସ, ବବିତା ଦାସ, ରସ୍ମିତା ମହାପାତ୍ର, ୧୧ ଜଣ ସାଧାରଣ ସମ୍ପାଦକ- ମୁର୍ଚ୍ଛନା ମହାନ୍ତି, ରଞ୍ଜିତା ମହାନ୍ତ, ମିନାକ୍ଷି ସୋରେନ, ସୁକୁମାରୀ ବାସ୍କେ, ମଳୟ ପତି, ଅଞ୍ଜଳି ଦାସ, ମଧୁସ୍ମିତା କୁଅଁରବାବୁ, ବାସନ୍ତୀ ଖଣ୍ଡେଇ, ସୁଭଦ୍ରା ବିନ୍ଧାଣୀ, ମନାଲୀକା ରାଉତ୍, ଲଳିତା ବିଶୋଇ, ୧୮ଜଣ ସମ୍ପାଦକ- ଜ୍ୟୋତ୍ସ୍ନା ବିନ୍ଧାଣୀ, ପାର୍ବତୀ ସିଂ, ନମିତା ଦେବାବୁ, ଆରତୀ ସି, ଫୁଲମଣୀ ଟୁଡୁ, କାପୁରାମଣି ହାଁସଦା, ଗୀତିକା ଦଣ୍ଡପାଟ, ପାର୍ବତୀ ହେମ୍ବ୍ରମ, ପୁଷ୍ପଲତା ମାର୍ଣ୍ଡି, ଜାପାନୀ ମାଝି, ସଂଯୁକ୍ତା ପାତ୍ର, ଲାବଣ୍ୟବତି ମହାନ୍ତ, ରେବତୀ ବେହେରା, ଭାରତୀ ବାରିକ୍, ବାସା ବାସ୍କେ, ଡଲି ହାଁସଦାଃ, ସୁମିତ୍ରାରାଣୀ ଜେନା, ରାଜଲକ୍ଷ୍ମୀ ସାହୁ, ୧୧ଜଣ ସହ-ସମ୍ପାଦକ- ଇନ୍ଦୁମତି ଗଛାୟତ, ରେଣୁକା ବିନ୍ଧାଣୀ, ଜ୍ୟୋତ୍ସ୍ନା ହାଁସଦାଃ, ପ୍ରତିଭା କର, ଉର୍ମିଳା ନାଏକ, ସବିତା ମହାନ୍ତ, ଶ୍ରାବଣୀ ଲେଙ୍କା, ସାଗରିକା ଭଞ୍ଜ, ବାସନ୍ତୀ ବେହେରା, ଶାନ୍ତିଲତା ରାଉତ୍, ବାସନ୍ତୀ ମୁର୍ମୁ, କାବେରୀ ବେହେରା, ଶାନ୍ତିଲତା ପରିଡା, କୁନ୍ତଳା ମହାନ୍ତ, ଭାରତୀ ଦାସବାବୁ, ଶକୁନ୍ତଳା ଧଳ, ପୂର୍ଣ୍ଣିମା ନାଏକ, ମୀରାବାଳା ମହାରଣା, କାର୍ଯ୍ୟାଳୟ ସମ୍ପାଦକ ଭାବେ ସଂଧ୍ୟାରାଣୀ ଦାସ, କକ୍ଷାଧକ୍ଷ ଫିରଜା ବେଗମ୍, ଗଣମାଧ୍ୟମ ସଂଯୋଜକ ସିଲୁପମା ସାହୁ ଏବଂ ମାନି ଗିରି, ବ୍ଲକ ସଭାପତି ଭାବେ ଅନିମା ବେହେରା (ବାଙ୍ଗିରିପୋଷି) ନନ୍ଦିନୀ ମହାନ୍ତ (କୁଳିଅଣା), ଗୀତାଞ୍ଜଳୀ ସିଂ (ଶ୍ୟାମାଖୁଣ୍ଟା), ଉଜ୍ଜଇନୀ ବେହେରା (ରାସଗୋବିନ୍ଦପୁର), ବିଦ୍ୟୁତ୍ ପ୍ରଭା ବେହେରା (ମୋରଡା), ସୁମିତ୍ରା ବାରିକ୍ (ଶୁଳିଆପଦା), ଲକ୍ଷ୍ମୀ ସିଂ (ବଡସାହି), ସ୍ନେହଲତା ପାଣୀ (ବେତନଟୀ), କବିତା ସିଂ (ବାରିପଦା), ଲୀପିନା ଦାସ (ଖୁଣ୍ଟା), ସସ୍ମିତା ବାରିକ୍, (କପ୍ତିପଦା), ବିଷ୍ଣୁପ୍ରିୟା ପଣ୍ଡା (ଉଦଳା), ଜୟନ୍ତୀ ପଣ୍ଡା (ଜି.ବି.ନଗର), ବାରିପଦା ମୁନିସିପାଲିଟି ପାଇଁ ସୁରଭି ଦାସ ଏବଂ ଉଦଳା ଏନ.ଏ.ସି. ପାଇଁ ବିଜୟା ବାରିକ୍, କାର୍ଯ୍ୟକାରୀ ସଭାପତି ଭାବେ ମଧୁସ୍ମିତା ଚୋବେ (ରାସଗୋବିନ୍ଦପୁର), ମମତା ମହାନ୍ତ (ବଡସାହି), ଜଳିରାଣୀ ମହାନ୍ତି (ଜି.ବି.ନଗର) ମନୋନିତ ହୋଇଛନ୍ତି। ନୂତନ ଭାବରେ ଦାୟୀତ୍ୱ ପ୍ରାପ୍ତ ମୟୂରଭଞ୍ଜ-୧ ଜିଲ୍ଲା କମିଟି ବିଜୁ ମହିଳା ଜନତା ଦଳର ବି.ଜେ.ଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ମୋରଡା ବିଧାୟକ, ରାଜକିଶୋର ଦାସ, ମୟୂରଭଞ୍ଜ ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ.ଦେବାଶିଷ ମାର୍ଣ୍ଡି, ଉପାଧ୍ୟକ୍ଷ କମଳା ତିରିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଭାରତୀ ହାଁସଦା. ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଭାଦବ ହାଁସଦାଃ, ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର ପ୍ରମୁଖ ସାଦର ଶୁଭେଚ୍ଛା ସହ ଅଭିନନ୍ଦନ ଜ୍ଞାପନ କରିଛନ୍ତି ଏବଂ ବିଜୁ ମହିଳା ଜନତା ଦଳ ତୃଣ ମୂଳ ସ୍ତରରେ ଅଧିକ ଦୃଢ ହେବ ଆଶା ପ୍ରକଟ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅରୂପ ପଟ୍ଟନାୟକଙ୍କ ବିରୋଧରେ....

ଦାବି କରିଛନ୍ତି। ସୂଚନାଥାଉ କି, ଗତକାଲି ବିଏମସି କାର୍ଯ୍ୟାଳୟ ନିକଟରେ ଆୟୋଜିତ ହୋଇଥିବା ଦଳୀୟ ସଭାରେ ବିଜେଡି ଦଳର ନେତା ତଥା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ସଭାରେ ଯୋଗ ଦେଇ ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ରଙ୍କ ସାମ୍ବିଧାନିକ ଗାରିମା, ମାନସମ୍ମାନ ଓ ପଦମର୍ଯ୍ୟାଦାକୁ ଭୃକ୍ଷେପ ନକରି ତାଙ୍କୁ ଭାଷଣ ମାଧ୍ୟମରେ ଅପମାନ ଓ ଧମକ ଦେଇଥିଲେ। ଅରୂପ ପଟ୍ଟନାୟକ ରାଜ୍ୟ ସରକାରଙ୍କ ପୋଷା ଗୁଣ୍ଡାଭଳି ଧମକ ଦେବା ଗଣତନ୍ତ୍ର ପ୍ରତି ବିପଦ। ଅରୂପ ପଟ୍ଟନାୟକଙ୍କ ଏଭଳି ମନ୍ତବ୍ୟକୁ ନେଇ ଭାରତୀୟ ଜନତା ପାର୍ଟି ଦୃଢ଼ ନିନ୍ଦା କରିବା ସହ ତାଙ୍କ ନାଁରେ କ୍ୟାପିଟାଲ ଥାନାରେ ଆଜି ଏତଲା ଦାୟର କରିଛି। ଏହି ଘଟଣାର ସଠିକ୍ ତଦନ୍ତ କରିବା ସହ ଅରୂପ ପଟ୍ଟନାୟକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଜେପି ବିଧାୟକ ଦଳ ଦାବି କରିଛନ୍ତି। ଏନେଇ ଯଦି କାର୍ଯ୍ୟାନୁଷ୍ଠାନ ନହୁଏ ତାହାଲେ ଆଗାମୀ ବିଧାନସଭାରେ ଏକଥାକୁ ଭାରତୀୟ ଜନତା ପାର୍ଟି ପ୍ରସଙ୍ଗ କରିବ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି। ଏହି ଅବସରରେ ବିଧାୟକ ମୁକେଶ ମହାଲିଙ୍ଗଙ୍କ ସହ ବିରୋଧୀ ଦଳର ମୁଖ୍ୟସଚେତକ ବିଧାୟକ ମୋହନ ମାଝି, ସୁକାନ୍ତ ନାୟକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁବାଷ ପାଣିଗ୍ରାହୀ, ନାଉରୀ ନାୟକ, ଶଙ୍କର ଓରାମ, ନିତ୍ୟାନନ୍ଦ ଗଣ୍ଡ, ସନାତନ ବିଜୁଳି, ଗଣେଶରାମ ଖୁଂଟିଆ, ଭାସ୍କର ମଢ଼େଇ, ପ୍ରକାଶ ସୋରେନ, ଡ. ବୁଧାନ ମୁର୍ମୁ, ନବଚରଣ ମାଝି, ସୂରଜ ସୂର୍ଯ୍ୟବଂଶୀ ସ୍ମିତପ୍ରଜ୍ଞ, ଓବିସିମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ସହମୁଖ୍ୟ ସୁଜିତ କୁମାର ଦାସ ଓ ସିଦ୍ଧାର୍ଥ ଶଙ୍କର ପତି ପ୍ରମୁଖ ଉପସ୍ଥିତ ଥିଲେ।

### ମଞ୍ଚରେ ବସିଥିଲେ ପଞ୍ଚାୟତିରାଜ....

ମହିଳାଙ୍କ ବିକାଶ ପାଇଁ ମିଶନ ଶକ୍ତି ଭଳି ଯୋଜନା କାର୍ଯ୍ୟକାରୀ ହେଉଛି । ହେଲେ ଗାଁର ମହିଳାମାନେ କେବଳ ଆଚର, ବଡି, ପାମ୍ପଡ ପ୍ରସ୍ତୁତିରେ ସୀମିତ ନରହି ସେମାନଙ୍କ ଉତ୍ପାଦର ବିକ୍ରି ପାଇଁ ଉପଯୁକ୍ତ ବଜାର ଯୋଗାଇ ଦେବାକୁ କହିଛନ୍ତି କେନ୍ଦ୍ରମନ୍ତ୍ରୀ । ତେବେ ଓଡିଶାରେ ନବଜାତ ଶିଶୁଙ୍କ ଅବସ୍ଥା ଭଲନାହିଁ । ୨୦୨୦ ଜାତୀୟ ସ୍ୱାସ୍ଥ୍ୟ ରିପୋର୍ଟ ଆଧାରରେ ରାଜ୍ୟର ଶିଶୁମାନଙ୍କ ରକ୍ତହୀନତା, ଅପପୁଷ୍ଟି ଓ ଉଚ୍ଚତା କମ୍ ଭଳି ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଓଡିଶାରେ ପ୍ରାୟ ୮ଶହ ପିଏମଶ୍ରୀ ସ୍କୁଲ ଖୋଲିବାକୁ ନିଷ୍ପତି ହୋଇଛି ଏବଂ ଏଥିପାଇଁ ୧୬ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ । ହେଲେ ରାଜ୍ୟ ସରକାର ଏଥିପାଇଁ ଏମଓୟୁ କରୁନଥିବା ମଧ୍ୟ ଅଭିଯୋଗ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ତେବେ ରୋଚକ କଥା ହେଉଛି, ଧର୍ମେନ୍ଦ୍ରଙ୍କ ଅଭିଭାଷଣ ସରିବା କ୍ଷଣି ପଡିଥିଲା ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରା । ଆଉ ଏହାରି ଭିତରେ ହସଖୁସି ମିଜାଜରେ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ମଞ୍ଚରୁ ଡାକି ନେଇଯାଇଥିଲେ ଧର୍ମେନ୍ଦ୍ର ପ୍ରଧାନ ।

### କ୍ୟାବିନେଟ୍ ମନ୍ତ୍ରୀଙ୍କୁ ମାରିପାରୁଛନ୍ତି....

ସେ କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଗୁଳିକରି ମରାଗଲା, କେହି ତ କ୍ଷମା ମାଗିଲେନି । ଗୃହ ବିଭାଗ ମୁଖ୍ୟ ମୁଖ୍ୟମନ୍ତ୍ରୀ ମଧ ଘଟଣାରେ କ୍ଷମା ମାଗିଲେନି । ସେ କହିଛନ୍ତି ଯେ ଓଡ଼ିଶା ପୋଲିସ ମୋତେ କ୍ଷମା ମାଗିବ ନା ମୁଁ ତାଙ୍କୁ କ୍ଷମା ମାଗିବି ? ରାଜ୍ୟ ପୋଲିସ ବିଭାଗକୁ ସବୁ ଏଠି ମାଫ୍ ବୋଲି ସେ କହିଛନ୍ତି । ପୋଲିସ ସହ ଧସ୍ତାଧସ୍ତି ପ୍ରସଙ୍ଗରେ ସେ କହିଛନ୍ତି ଯେ ଧନୁପାଲି ଆଇଆଇସିଙ୍କ ବିରୋଧରେ ତଦନ୍ତ ହେଉ । ଆନ୍ଦୋଳନ ଚାଲିଥିବା ବେଳେ ଆଇଆଇସି ମହିଳାଙ୍କ ପଟେ ଥିଲେ । ହେଲେ କ'ଣ ପାଇଁ ମୋ ପାଖକୁ ଆସିଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ଏଫଏମ ଆଲୁମିନି ପକ୍ଷରୁ ରାଗିଣୀ ଦେବୀଙ୍କ ବିୟୋଗରେ ଶୋକ

ବାଲେଶ୍ୱର, ୧୭/୦୨ (ନି.ପ୍ର): ଫକୀର ମୋହନ କଲେଜ ଆଲୁମିନି ସାଧାରଣ ସମ୍ପାଦକ ଶ୍ରୀ ବିଷ୍ଣୁ ପ୍ରସାଦ ମହାନ୍ତିଙ୍କ ସହଧର୍ମିଣୀ ରାଗିଣୀ ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ସଭାପତି ଡା. ପ୍ରଭାତଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଂପାଦକ ଗୋପାଳ ଜେନା ପ୍ରାରମ୍ଭିକ ସୂଚନା ରଖିଥିବା ବେଳେ ଅନସୂୟା ନାୟକ, ସୁରଞ୍ଜନ ଦାସମହାପାତ୍ର, ଦୀପକ ଦାସ ଏବଂ ସଭାପତି ଡ. ଚୌଧୁରୀ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତା ରାଗିଣୀ ଦେବୀଙ୍କର ଗ୍ରାହ୍ୟସ୍ଥ ଜୀବନ, ମହାନୁଭବତା, ଲୋକପ୍ରିୟତା ଏବଂ ବନ୍ଧୁବତ୍ସଳତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କର୍ମକ୍ଷେତ୍ରରେ ସ୍ୱାମୀ ବିଷ୍ଣୁବାବୁଙ୍କୁ ତାଙ୍କର ସଂପୂର୍ଣ୍ଣ ସହଯୋଗିତା ଆଜି ବିଷ୍ଣୁବାବୁଙ୍କୁ ଏକ ସଫଳ ସାମାଜିକ ବ୍ୟକ୍ତିତ୍ୱରେ ପ୍ରତିଷ୍ଠିତ କରାଇପାରିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସ୍ୱର୍ଗତା ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ସହ ଆତ୍ମାର ସଦଗତି ପାଇଁ ସମସ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ମିଶ୍ର, ବିଜୟ ବଳିଆର ସିଂ, ସୁରଜିତ ମହାପାତ୍ର, ମଧୁସୂଦନ ବେହେରା, ସତ୍ୟନାରାୟଣ ନନ୍ଦ, ଲକ୍ଷ୍ମୀନାରାୟଣ ଘୋଷ, ରାମପ୍ରସାଦ ପ୍ରଧାନ, ରାମଚନ୍ଦ୍ର ସେଠୀ, ଶୋଭାକର ସାହୁ ଏବଂ ପାର୍ଥସାରଥି ଆଶ୍ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ସଦସ୍ୟା କଲ୍ୟାଣୀ ନନ୍ଦ ସ୍ୱର୍ଗତା ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ସୁନ୍ଦର କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବଳବୃଦ୍ଧି ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ନବମ ବାର୍ଷିକ ଅଧିବେଶନ



ବାଲେଶ୍ୱର,୧୭/୦୨ (ନି.ପ୍ର): ଗୁରୁବାର ଦିବା ୧୦ ଘଟିକା ସମୟରେ, ଆଶ୍ରମର ସ୍ଥାୟୀ ସଭାପତି ଉଦ୍ଧବ ବେହେରାଙ୍କ କରକମଳରେ ସତ୍ୟପତାକା ଉତ୍ତୋଳନ କରାଯାଇଥିଲା । ସଭାପତି ଆସନ ଅଳଙ୍କୃତ କରିଥିଲେ ଆତ୍ମଜ୍ଞାନୀ ବରିଷ୍ଠ ଯୋଗ ସାଧକ ଯୋଗୀ ନରେନ୍ଦ୍ର ମୁନିଜୀ ମହୋଦୟ ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ।ସେ ସ୍ୱତନ୍ତ୍ର ବିଚାର ଉପରେ ଆଲୋକପାତ କରିଥିଲେ ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ଲମ୍ବୋଦର ମୁନିଜୀ ମହୋଦୟ । ସେ ଆତ୍ମଜ୍ଞାନ ଉପରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିଥିଲେ, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରୁ ଆସିଥିବା ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ । ଯୋଗ ଉପରେ ଆଲୋକପାତ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ମକରନ୍ଦମୁନିଜୀ ମହୋଦୟ । ଆତ୍ମଜ୍ଞାନୀ ଯୋଗୀ ଜୟକୃଷ୍ଣ ବେହେରା କହିଥିଲେ, ଯଦି ଜଣେ ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନ କରିଚାଲେ ତେବେ ସେ ଜୀବନ ତମାମ ସୁଖ-ଶାନ୍ତି-ଆନନ୍ଦରେ, ନୀରୋଗ ନୀଳାମ୍ବର ଆନନ୍ଦମୟଜୀବନରେ କାଳାତିପାତ କରି ଚାଲିବ ଏଥିରେ ସନ୍ଦେହର ଅବକାଶ ନାହିଁ । ପ୍ରାରମ୍ଭିକ ମୁନି ସଙ୍ଗୀତ ଗାନ କରିଥିଲେ ଯୋଗଶିକ୍ଷୟିତ୍ରୀ ସୁବାସିନୀ ମହାନ୍ତି ମହୋଦୟା । ମୁନି ସଙ୍ଗୀତ ଗାନ କରିଥିଲେ, ମୁନିମତୀ ଗୀତାଞ୍ଜଳୀ ଭୋଇ, ଦିଲ୍ଲିପ ମୁନି,ମୁନି ପ୍ରତାପ, ମୁନି ପିତାମ୍ବର ଦାସ ଇତ୍ୟାଦି । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଜ୍ଞାନ ଯଜ୍ଞର ଆରମ୍ଭ କରାଯାଇ ଥିଲା । ଉପସ୍ଥିତ ଥିଲେ, ମୁନି ରାଜ ଅମୂଲ୍ୟ ମୁନି, କୁର୍ତ୍ତିବାସ ମୁନି, ମୁନି ଧୃବ ଚରଣ ଦାସ, ହରିଶ୍ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ଦାସ, ଲମ୍ବୋଦର ଜେନା, ଗୌରହରି ଦାସ ପ୍ରମୁଖ ଶତାଧିକ ମୁନି-ମୁନିମତୀ ମାନେ ମୁନି କୁମାର-ମୁନିକୁମାରୀ ମାନେ । ଶେଷରେ ଆଶ୍ରମର ସଭାପତି ଉଦ୍ଧବ ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ଭୋଜନରେ ଆପ୍ୟାୟିତ କରିଥିଲେ ।

## 'କଲେଜ ଅଫ ବେସିକ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି'ର ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୭/୦୨ (ନି.ପ୍ର): ସହର ଗୋପାଳଗାଁ ସ୍ଥିତ 'କଲେଜ ଅଫ ବେସିକ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି' ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୌମେନ୍ଦ୍ର ପାଲ ଏଥିରେ ପୌରୋହିତ୍ୟ କରିବା ସହିତ ଶିକ୍ଷାର ବାସ୍ତବ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଫକୀର ମୋହନ ସ୍ୱଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଦିଲୀପ କୁମାର ଘୋଷ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ସାଙ୍ଗକୁ କଳା ସଂସ୍କୃତି ପ୍ରତି ରଚି ରଖିବାକୁ ଛାତ୍ରଛାତ୍ରୀଙ୍କୁ କହିଥିଲେ। କେକେଏସ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁବ୍ରତା ଦେବଙ୍ଗନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ଶିକ୍ଷତ ହେଲେ ସଂସ୍କାରଯୁକ୍ତ ସମାଜ ପ୍ରତିଷ୍ଠା ସମ୍ଭବ ହୋଇପାରିବ ବୋଲି କହିଥିଲେ। ନାଟ୍ୟ ସଂସଦର ମୁଖ୍ୟ ଅଧିକାରୀ ଅଧ୍ୟାପକ ଭରତ ଚନ୍ଦ୍ର ମହାରଣା ଏଥିରେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଦେବାଶିଷ ମହାନ୍ତି ଓ ଅଧ୍ୟାପିକା ସାୟିଦା ଖାତୁନ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଏଥିରେ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟ ଉପାଧ୍ୟକ୍ଷା ବିସ୍ୱା ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀ ପ୍ରୀତି ପ୍ରିୟମ୍ବଦା ବେହେରା ପରିଚାଳନା କରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୧୭/୦୨ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ତରଫରୁ ଜିଲ୍ଲା କୋର୍ଟ ପରିସର, ନଳାଙ୍ଗ, ଭଦ୍ରକରେ ସଡ଼କ ନିରାପତ୍ତା ସଙ୍କ୍ରାନ୍ତିୟ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧୀକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହାକୁ ପରିଚ୍ଛଳନା କରିଥିଲେ। ଏଥିରେ ଶ୍ରୀ ଆଶିଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଦୌରା ଜଜ, ଭଦ୍ରକ, ଶ୍ରୀମତୀ ପ୍ରଜ୍ଞା ପାରମିତା ରାଉଳ, ବିଚ୍ଛରପତି ପରିବାର ଅଦାଲତ ଏବଂ ଅନ୍ୟ ସମସ୍ତ ବିଚ୍ଛରପତି ବୃନ୍ଦ ଉପସ୍ଥିତ ଥିଲେ। ଶ୍ରୀ ଅରୁଣ ଋନ୍ଦ, ଆଡ଼୍‌ଭୋକେଟ, ଶ୍ରୀ ପ୍ରଫୁଲ୍ଲ ସାମଲ ଆଡ଼୍‌ଭୋକେଟ, ସମସ୍ତ ପାନେଲ ଓକିଲ ଓ ପି ଏଲ୍ ଭି ମାନେ ଯୋଗ ଦେଇଥିଲେ। ଏହି ସଚେତନ କାର୍ଯ୍ୟକ୍ରମରେ ମୋଟର ଦୁର୍ଘଟଣା ଜନିତ ମୋକଦ୍ଦମା ସଂକ୍ରାନ୍ତିୟ ଆଇନ, ମୋଟର ଯାନ ଆଇନ, ସଡ଼କ ନିରାପତ୍ତା ବିଷୟରେ ଆଲୋକପାତ କରିଥିଲେ।

## ଏବିଭିପି ଯାଜପୁର ଜିଲ୍ଲା ତରଫରୁ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ

ଭୁବନେଶ୍ୱର,୧୭/୦୨ (ନି.ପ୍ର): ବିଦ୍ୟାର୍ଥୀ ପରିଷଦର ୭୫ ବର୍ଷ ପୂର୍ତ୍ତି ପାଳନ ସହ ଜିଲ୍ଲାର ବିଭିନ୍ନ ଶୈକ୍ଷିକ ଓ ସାମାଜିକ ସମସ୍ୟାକୁ ନେଇ ଏବିଭିପି ଯାଜପୁର ଜିଲ୍ଲା ତରଫରୁ ବିଶାଳ ଛାତ୍ର ସମାବେଶ ଏବଂ ଭବ୍ୟ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ରାଜ୍ୟ ସହ ସମ୍ପାଦିକା ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ, ରାଜ୍ୟ ସହ-ସମ୍ପାଦକ ଶ୍ରୀମାନ ଅଭିରାମ ଲେଙ୍କା ଓ ଅନ୍ୟ ଛାତ୍ରନେତାମାନେ ଜିଲ୍ଲାର ବିଭିନ୍ନ କ୍ୟାମ୍ପସରୁ ଆସି ଜିଲ୍ଲା ସମ୍ମିଳନୀରେ ଯୋଗ ଦେଇଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ଉଦବୋଧିତ କରିଥିଲେ।

## କେନ୍ଦ୍ର ସରକାରଙ୍କ ଗରିବ ବିରୋଧୀ ନୀତିକୁ ବିରୋଧ

### ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚାଉଳ କାଟିବା ନେଇ ବିଜେଡିର ପ୍ରତିବାଦ



ବାରିପଦା, ୧୭/୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନାରେ ମୁଣ୍ଡପିଛା ୫ କେ.ଜି. ଚାଉଳ କାଟିବା ଏବଂ ରାଜ୍ୟରେ ଚାଷୀମାନଙ୍କ ଚାଉଳ ସଂଗ୍ରହରେ କଟକଣା ଜାରି କରିବା ବିରୋଧରେ ଆଜି ଏକ ପ୍ରତିବାଦ ସଭା ବିଜେଡି ବାରିପଦା ନଗର କମିଟି ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଅଛି । ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଜୁ ଜନତା ଦଳ ଜିଲ୍ଲା ସଭାପତି ବିଧାୟକ ସୁଦାମ ମାରାଣ୍ଡି, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତିର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ଉପ-ନଗରପାଳ ସୀମା ଦାସ, ଜିଲ୍ଲା ଯୋଜନା ବୋର୍ଡର ଏକ୍ସପର୍ଟ ସଭ୍ୟ ଜିତେନ୍ଦ୍ର ମହାନ୍ତି, ବାରିପଦା ନଗର କମିଟିର ସଂଯୋଜକ ନିରୋଜ ସାହୁ, ରାଜ୍ୟ ବିଜୁ ଜନତା ଦଳ ଉପ-ସଭାନେତ୍ରୀ ଛବି ମାହାଲି, ରାଜ୍ୟ ମହିଳା ସମ୍ପାଦିକା ଶ୍ରାବଣୀ ଦାସ, କାଉନସିଲର ବିବେକାନନ୍ଦ ନାୟକ, ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ ପ୍ରମୁଖ ବକ୍ତବ୍ୟ ଦେଇ କେନ୍ଦ୍ରର ବିଜେପି ସରକାର ବିରୁଦ୍ଧରେ ବିଷଦଗାର କରିଥିଲେ । ବର୍ତ୍ତମାନ ପରିସ୍ଥିତିରେ ଗ୍ୟାସ, ପେଟ୍ରୋଲ, ଡିଜେଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆଶାତୀତ ଭାବେ ଦରବୃଦ୍ଧି ପାଇଥିବା ବେଳେ ଗରୀବ ଜନସାଧାରଣଙ୍କ ମୁଣ୍ଡ ପିଛା ୫ କେ.ଜି. ଚାଉଳ କାଟିଦେବା, ଚଳିତ ବର୍ଷ ମୋଦୀ ସରକାର ଓଡ଼ିଶାର ଧାନ ସଂଗ୍ରହ ବ୍ୟବସ୍ଥା ୧୮ ଲକ୍ଷ ମେଟ୍ରିକ ଟନରୁ ୪ ଲକ୍ଷ ମେଟ୍ରିକ ଟନ ହ୍ରାସ କରିବା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୧୪ ହଜାର କୋଟି ଟଙ୍କା କେନ୍ଦ୍ର ସରକାର ପୈଠ ନକରିବା ଭଳି ଘଟଣା ଗୁଡିକରେ କେନ୍ଦ୍ର ସରକାର ତାଙ୍କର ଗରୀବ ବିରୋଧୀ ଚରିତ୍ରକୁ ପଦାରେ ପକାଇଛନ୍ତି । କେନ୍ଦ୍ରର ଏଭଳି ବୈମାତୃକ ମନୋଭାବ ଯଦି ପରିବର୍ତ୍ତନ ନହୁଏ ତେବେ ସାରା ରାଜ୍ୟରେ କେନ୍ଦ୍ର ସରକାର ବିରୁଦ୍ଧରେ ଦୃଢ ଆନ୍ଦୋଳନ କରାଯିବାର ଆହ୍ୱାନ ଦିଆଯାଇଥିଲା । ବରିଷ୍ଠ କାଉନସିଲର ଅନନ୍ତ ଦାସ ଓ ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ବିଜେଡିର ବହୁ ନେତା ଓ କର୍ମୀ ଯୋଗଦେଇ ପ୍ରତିବାଦ ଜଣାଇଥିଲେ । ସମାବେଶ ଶେଷରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରେରଣ କରାଯାଇଥିଲା ।

## ଅଟଳବିହାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ବାସୁଦେବପୁର, ୧୭/୦୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ର ୫୮ ତମ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ୟୋମକେଶ ଚନ୍ଦନ କୁମାର ଜେନା ଏହି ସଭାରେ ସଭାପତିତ୍ୱ କରିଥିଲେ । ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ବାରିକ ପ୍ରମୁଖ ଏହି ଉତ୍ସବ ରେ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ବିଜୟ ଅଗସ୍ତି ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଧାୟକ ପ୍ରତିନିଧି ଅସିତ ଦାଶ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ବିଜେଡି ଯୁବନେତା ଅଶୋକ ନାୟକ, ଶଶୀଭୁଷଣ ବାରିକ, କାଳନ୍ଦୀ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଲାଲ ଇଲାକାର ଅବହେଳିତ ଗ୍ରାମ 'ଝଲାଗୁଡ଼ା'



ଉଦଳା, ୧୭/୦୨ (ନି.ପ୍ର): ମାଲକାନାଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଂଚଳ, ଯାହାକି ଲାଲ ବାହିନୀଙ୍କ ଏକ ଆଡ଼୍‌ଡ଼ାସ୍ଥାନ ଭାବରେ ସମଗ୍ର ଦେଶରେ ପରିଚିତ । ଏହି ଅଂଚଳର ବଡ଼ପଡ଼ା ପଂଚାୟତର 'ଝଲାଗୁଡ଼ା' ଗ୍ରାମର ଦୁଃଖ କହିଲେ ନସରେ । ଉକ୍ତ ଗ୍ରାମରେ ବସବାସ କରୁଥିବା ବାସିନ୍ଦାଙ୍କୁ ଝରଣାର ଜଳ ଉପରେ ବର୍ଷ ତମାମ ନିର୍ଭର କରିବାକୁ ପଡ଼ିଥାଏ । ସେହିପରି ସ୍ୱାଧିନତାର ଦିର୍ଘ ୭୫ ବର୍ଷ ପରେ ମଧ ଏହି ଗ୍ରାମର ଲୋକେ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ଦେଖି ନାହାଁନ୍ତି । ସେହିପରି ଅଙ୍ଗନୱାଡ଼ି କେନ୍ଦ୍ର ମଧ ଗ୍ରାମରେ ନାହିଁ । ସେଥିପାଇଁ ଗ୍ରାମବାସୀଙ୍କୁ ୧୫ କିମି ଦୂରରେ ଥିବା ଅନ୍ୟ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡ଼ିଥାଏ । ବିଶେଷ କରି ଗର୍ଭବତି ମହିଳା ଓ ପ୍ରସୂତୀ ମା' ମାନେ ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଅଙ୍ଗନୱାଡ଼ି ପରେ ବହୁ ପିଲା ପାଠ ପଢ଼ା ଛାଡ଼ିଦେବାକୁ ବାଧ ହୋଇଥାନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାରଙ୍କର ଘୋଷଣା କେବଳ ସରକାରୀ ଫାଇଲ ଚାଷ ମଧ୍ୟରେ ସିମିତ ରହିଛି । ଏଠାରେ ବସବାସ କରୁଥିବା ସମସ୍ତ ବ୍ୟକ୍ତି ଜନଜାତି ବର୍ଗର ହୋଇଥିବା ବେଳେ ୨୫ଟି ପରିବାରର ମୋଟ ଲୋକ ସଂଖ୍ୟା ୧୫୨ ଅଟେ । ଏ ପର୍ଯ୍ୟନ୍ତ ଏଠାରେ କୌଣସି ଗୋଟିଏ ହେଲେ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ପାଇ ନାହାଁନ୍ତି । ସେହିପରି କୌଣସି ପରିବାରରେ ପାଇଖାନା ମଧ୍ୟ ନାହିଁ । ଲାଲ ବାହିନୀଙ୍କ ଇଲାକାରେ ଲୋକଙ୍କ ଦୁଃଖ ବୁଝିବା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ବେଳେ 'ଝଲାଗୁଡ଼ା' ଗ୍ରାମ ସେଥିରୁ କାହିଁକି ବାଦ ପଡ଼ିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛି ।

## ହକି ବିଶ୍ୱ କପ ଟ୍ରଫି ପରିକ୍ରମାରେ ମୟୁରଭଂଜ ଜିଲ୍ଲାର ସଫଳତା : ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାପାଳ ହେଲେ ସମ୍ବର୍ଦ୍ଧିତ



ବାରିପଦା, ୧୭/୦୨ (ନି.ପ୍ର): ଚଳିତ ବର୍ଷ ଜାନୁଆରୀ ମାସ ୧୩ ତାରିଖ ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡିଶାରେ ଅନୁଷ୍ଠିତ ହୋଇଯାଇଥିବା ବିଶ୍ୱ ପୁରୁଷ କପ ହକି ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୟୁରଭଂଜ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱକପ ଟ୍ରଫି ପରିଭ୍ରମଣ କାର୍ଯ୍ୟକ୍ରମରେ ଜିଲ୍ଲାର କୋଣ ଅନୁକୋଣରୁ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇ ଏହାକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଅବସରରେ କ୍ରୀଡା ଠାରୁ ଆରମ୍ଭ କରି ମୟୁରଭଞ୍ଜ ଜିଲ୍ଲା ର ସଂସ୍କୃତି, ପରମ୍ପରା, ଲୋକ କଳା ଇତ୍ୟାଦି କୁ ଜଡିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁନ୍ଦର, ଆକର୍ଷଣୀୟ ଏବଂ ଶୃଙ୍ଖଳିତ ଢଙ୍ଗରେ ଆୟୋଜନ କରାଯାଇ ଥିବାରୁ ମୟୁରଭଂଜ ଜିଲ୍ଲାକୁ ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫ ତାରିଖରେ ଭୁବନେଶ୍ୱର ଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ୫ଟି ସଚିବ ଶ୍ରୀ ଭି. କାର୍ତିକେୟାନ ପାଣ୍ଡିଆନ ପ୍ରମୁଖଙ୍କ ଉପସ୍ଥିତି ରେ ମୟୁରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସଫଳତା ପରେ ଜିଲ୍ଲାର ପ୍ରଶାସନିକ ମହଲରେ ଜିଲ୍ଲାପାଳଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ଓଡ଼ିଶା କ୍ରାଇମ୍ ରେକର୍ଡସ୍ ବ୍ୟୁରୋକୁ ତିନୋଟି ଜାତୀୟ ପୁରସ୍କାର

ଭୁବନେଶ୍ୱର, ୧୭/୦୨ (ନି.ପ୍ର): ଭୋପାଳଠାରେ ଅନୁଷ୍ଠିତ ୬୬ତମ ସର୍ବଭାରତୀୟ ପୋଲିସ୍ ଡ୍ୟୁଟି ମିଟ୍-୨୦୨୩ରେ ରାଜ୍ୟ କ୍ରାଇମ୍ ରେକର୍ଡସ ବ୍ୟୁରୋକୁ ତିନୋଟି ଜାତୀୟ ପୁରସ୍କାର ମିଳିଛି । ଆଇସିଜେଏସ୍ ରେ ଏ'୍.ଏସ୍.ଏଲ୍ ର ସଂଯୋଗୀକରଣ ପାଇଁ ଦ୍ୱିତୀୟ ପୁରସ୍କାର,କ୍ରାଇମ୍ ମ୍ୟାନେଜମେଂଟ ସିଷ୍ଟମ୍ ରେ ଉତମ ଅଭ୍ୟାସ ପାଇଁ ପ୍ରଥମ ପୁରସ୍କାର ଏବଂ ଓଡ଼ିଶା ପୋଲିସ୍ ଦ୍ୱାରା ବିକାଶିତ ଆରକ୍ଷୀ ମୋବାଇଲ ଆପ୍ ପାଇଁ ପ୍ରଥମ ପୁରସ୍କାର ମିଳିଛି। ଏହା ସହିତ ପୋଲିସ୍ ସଶକ୍ତିକରଣରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ ନିମନ୍ତେ ବ୍ୟୁରୋକୁ ଜାତୀୟ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ପକ୍ଷରୁ ରନିଂ ଟ୍ରଁ ମିଳିଛି। ଏହି ସମ୍ମାନଜନକ ଜାତୀୟ ପୁରସ୍କାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ପୋଲିସ୍ କୁ ଅଭିନନ୍ଦନ ଜଣାଇଛନ୍ତି । 'ଫ୍ଲଗ୍‌ସିପ୍ ମ୍ୟାନେଜମେଂଟ ସିଷ୍ଟମ୍ ପାଇଁ ଓଡ଼ିଶାକୁ ଏପରି ପୁରସ୍କାର ମିଳିବା ରାଜ୍ୟ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ଏକ ଅତୁଳନୀୟ ସ'ଳତା ଏବଂ ଏହା ପୋଲିସ୍ ର ଅଦମ୍ୟ ଉତ୍ସାହ ତଥା ପରିଶ୍ରମକୁ ପ୍ରତିପାଦିତ କରିପାରିଛି ବୋଲି ରାଜ୍ୟ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ନିର୍ଦ୍ଦେଶକ ବିନୟତୋଷ ମିଶ୍ର ଉଲ୍ଲେଖ କରିଛନ୍ତି । କର୍ମଚାରୀ ଇଭେଂଟରେ କମ୍ପ୍ୟୁଟର ସଚେତନତା, ନବସୃଜନ ଆଇଟି ପ୍ରକଳ୍ପ, ପ୍ରୟୋଗର ବିକାଶ, ଆଇଟି ଏବଂ ମଡ୍ୟୁଲ୍, ଶାରୀରିକ ତାଲିମ୍, ଅସ୍ତ୍ରଶସ୍ତ୍ର ପରିଚାଳନା ଏବଂ କୌଶଳିକ ବ୍ୟାୟାମ୍ ସହିତ ବିଭିନ୍ନ ପ୍ରତିଯୋଗିତା ଏହି ମିଟ୍ ର ଅନ୍ତର୍ଭୁକ୍ତ ଥିଲା । ଏହି ସର୍ବଭାରତୀୟ ମିଟ୍ ରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପୋଲିସ୍ ମହାନିର୍ଦ୍ଦେଶକ ତଥା ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଭାରତୀୟ ପୋଲିସ୍ ବାହିନୀର ଦକ୍ଷତା ବୃଦ୍ଧି ତଥା ଭାରତର ନାଗରିକମାନଙ୍କୁ ଉନ୍ନତ ସେବା ଯୋଗଣ ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ ଅଙ୍ଗ । ରାଜ୍ୟ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ଡିଆଇଜି ଡଃ ସତ୍ୟଜିତ୍ ନାୟକ ଜାତୀୟ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ନିର୍ଦ୍ଦେଶକଙ୍କ ପକ୍ଷରୁ ଗଠିତ ବୈଷୟିକ କମିଟି ସମ୍ମୁଖରେ ଚଳିତ ମାସ ୮ ତାରିଖ ଦିନ ଓଡ଼ିଶା ପୋଲିସ୍ ର ସୂଚନା ପ୍ରଯୁକ୍ତି ପ୍ରକଳ୍ପ (ସ୍ପେଶାଲ ରିପୋର୍ଟ ମଡ୍ୟୁଲ୍) ଉପସ୍ଥାପନ କରିଥିଲେ ।

# ଜାଗରରେ ଜଗିବେ ୩୨ ପ୍ଲାଟୁନ୍ ପୋଲିସ୍ ଫୋର୍ସ

ଭୁବନେଶ୍ୱର,୧୭/୦୨ (ନି.ପ୍ର): ଆସନ୍ତାକାଲି (ଶନିବାର) ପ୍ରଭୁ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ଅନୁଷ୍ଠିତ ହେବ। ଲିଙ୍ଗରାଜଙ୍କ ଜାଗରଯାତ୍ରା ପାଇଁ ୩୨ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ରହିବେ। କଂଟ୍ରୋଲ ରୁମ ଜରିଆରେ ସୁରକ୍ଷା ଯାଂଚ ପାଇଁ ବ୍ୟବସ୍ଥା କରାଯାଇଛି। ମନ୍ଦିର ଭିତର, ବାହାର , ପାର୍କିଂ ସିସିଟିଭି ସର୍ଭିଲାନ୍ସରେ ରହିବ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଗାଡି ରଖିବା ପାଇଁ ୧୬ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବ। ଏହାପରେ ଭକ୍ତମାନେ ରାତି ୧୦ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ କରିପାରିବେ। ଶନିବାର ରାତି ୩ଟାରୁ ପ୍ରଭୁ ଲିଙ୍ଗରାଜଙ୍କର ମଙ୍ଗଳ ଆଳତୀ ଓ ଅବକାଶ ନୀତି କରାଯିବ। ଏହାପରେ ଭୋର ସାଢେ ୩ଟାରୁ ୧୧ଟା ଯାଏଁ ସାହାଣ ମେଳାଦର୍ଶନ ହେବ। ଦିନ ୧୨ଟାରେ ମହାସ୍ନାନ ହେବ। ଏହାପରେ ଅପରାହ୍ନ ୩.୪୫ରୁ ୪.୪୫ ପର୍ଯ୍ୟନ୍ତ ଘଂଟାଏ ଧରି ସାହାଣମେଳା ଦର୍ଶନ ହେବ। ତେବେ ସନ୍ଧ୍ୟା ୭ଟାରେ ଶ୍ରୀଜୀଉଙ୍କ ପହୁଡ ପଡିବ । ଏହାପରେ ସନ୍ଧ୍ୟା ୭ଟା ୧୦ରୁ ୭ଟା ୩୦ ମଧ୍ୟରେ ସନ୍ଧ୍ୟା ଆଳତୀ ଓ ଟେରାଫିଟା ହେବ। ରାତି ୮ଟା ୫୫ରୁ ୧୦ ଟା ପର୍ଯ୍ୟନ୍ତ ସନ୍ଧ୍ୟା ଧୂପ ଓ ତୀର୍ଥ ଜଳ ଆନୟନ କରାଯିବ। ରାତି ୧୦ଟାରେ ମହାଦୀପ ଉଠିବ।

# ବାଲେଶ୍ୱର ଜିଲ୍ଲା ଯୋଜନା କମିଟି ବୈଠକ

ବାଲେଶ୍ୱର, ୧୭/୦୨ (ନି.ପ୍ର): ଜିଲ୍ଲା ଯୋଜନା କମିଟିର ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ଭୋଗରାଇ ବିଧାୟକ ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିବା ସହିତ ଜିଲ୍ଲାର ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି, ଗୁଣବତ୍ତା ଓ ସ୍ୱଚ୍ଛତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବ୍ୟୟ ଅଟକଳ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଥିରେ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା କେବଳ କାଗଜପତ୍ରରେ ଚାଲିଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହା ସଫଳ ରୂପାୟନରୁ ବହୁଦୂରରେ ବୋଲି ଆରୋପ ଉଠାଇଥିଲେ। ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଜନାର ସଫଳ ରୂପାୟନରେ ଅନ୍ତରାୟ ହୋଇଥିବା ଶ୍ରୀ ଷଡ଼ଙ୍ଗୀ କହିଥିଲେ। ପୂର୍ତ୍ତ ଓ ଜିଲା ଉନ୍ନୟନ ବିଭାଗ ପକ୍ଷରୁ ହେଉଥିବା ରାସ୍ତାଘାଟ କାର୍ଯ୍ୟ ଅଧିକାଂଶ ସ୍ଥାନରେ ଅଧପନ୍ତରିଆ ହୋଇ ପଡ଼ିଥିବା ବେଳେ କୌଣସି ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ରହୁନାହିଁ। ସେହିପରି ଜିଲାରେ ବିଦ୍ୟୁତ ବଣ୍ଟନ କରୁଥିବା ସଂସ୍ଥାର ଜୁଲମରେ ସାଧାରଣ ବିଦ୍ୟୁତ ଉପଭୋକ୍ତା ତ୍ରାହି ତ୍ରାି ଡାକ ଦେଲେଣି ବୋଲି ଶ୍ରୀ ଷଡ଼ଙ୍ଗୀ କହିଥିଲେ। ବିନା ସଚେତନତାରେ ଜୋରଜବରଦସ୍ତ କରାଯାଉଥିବା ଫାଇନ ଆଦାୟ ଓ ବିଦ୍ୟୁତ ଗ୍ରାହକଙ୍କୁ ଅଫିସକୁ ଡକାଇ ଚାଲିଥିବା ମୂଲଚାଲ ନୀତିରେ ସଂସ୍ଥାର ଅଧିକାରୀମାନେ ନିଜର ହାତ ଚିକ୍କଣ କରୁଛନ୍ତି ବୋଲି ସେ କହିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ପ୍ରମୁଖଙ୍କ ସମେତ ଜିଲ୍ଲାର ଅନ୍ୟାନ୍ୟ ବିଧାୟକଙ୍କ ପ୍ରତିନିଧିମାନେ ଏଥିରେ ଯୋଗଦେଇ ବିଭିନ୍ନ କ୍ଷେତ୍ର ଲାଗି ପ୍ରସ୍ତୁତ ହୋଇଥିବା ଯୋଜନାର ଅଟକଳ ଏବଂ ବିଗତ ବର୍ଷମାନଙ୍କରେ ଖର୍ଚ୍ଚ ହୋଇଥିବା ଅନୁଦାନ ସମ୍ପର୍କରେ ଆଲୋଚନା କରିଥିଲେ । ନିଜ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଧାୟକମାନେ ବୈଠକରେ ପ୍ରସ୍ତାବ ରଖିଥିଲେ। ତେବେ ଗ୍ରାମାଞ୍ଚଳରେ ହେଉଥିବା ରାସ୍ତା ନବୀକରଣ ଓ ଛୋଟବଡ଼ ପୋଲ ନିର୍ମାଣରେ ଗୁଣବତ୍ତା ରହୁ ନଥିବା ଲୋକପ୍ରତିନିଧିମାନେ ଅଭିଯୋଗ କରିଥିଲେ। ରାସ୍ତା ନବୀକରଣ ଓ ପୋଲ ନିର୍ମାଣ ଆଳରେ ବର୍ଷ ବର୍ଷ ଧରି ଲୋକଙ୍କୁ ନିର୍ଯାତନା ଦିଆଯାଉଥିବା ସେମାନେ କହିଥିଲେ। ଅନ୍ୟପକ୍ଷରେ ବିଦ୍ୟୁତ ଆବଣ୍ଟନ କମ୍ପାନି ଦ୍ୱାରା ଚାଲିଥିବା ଆର୍ଥିକ ଶୋଷଣ ରୋକା ନ ଗଲେ ଆଗାମୀ ଦିନରେ ଜନ ଅସନ୍ତୋଷ ତୀବ୍ରରୂପ ନେବ ବୋଲି ବିଧାୟକମାନେ ଚେତାବନୀ ଦେଇଥିଲେ।

# କବୟତ୍ରୀ ରୂପସୀ ବେହେରାଙ୍କ 'କେହି ଜଣେ ଭଲ ଲାଗେରେ' ଉନ୍ମୋଚିତ



ଭୁବନେଶ୍ୱର,୧୭/୦୨ (ନି.ପ୍ର): ଗୁରୁକୁଳ ଆଦର୍ଶ ବିଦ୍ୟାଳୟ, ସାଇଁକୁଳାର ଅଧକ୍ଷା ରୁପସୀ ବେହେରାଙ୍କର ପୁସ୍ତକ ତାଙ୍କ ଗ୍ରାମ ନରସିଂହପୁର, କାଆଁଶଠାରେ ମହାସମାରୋହରେ ଉନ୍ମୋଚିତ ହୋଇଯାଇଛି । ଉକ୍ତ ପୁସ୍ତକଟିକୁ ତାଙ୍କ ଶଶୁର ଶ୍ରୀଯୁକ୍ତ ମିତାୟର ମହାନ୍ତିଙ୍କ କର କମଳରେ ସମର୍ପିତ ହୋଇଥିଲା । ଉକ୍ତ ସଭାରେ ସଭାପତିତ୍ୱ କରୁଥିଲେ ସିଦ୍ଧ ବାରଙ୍ଗ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ପରିଡ଼ା, ମୁଖ୍ୟବକ୍ତା ଓ ବହିର ସମୀକ୍ଷକ ଥିଲେ ଡକ୍ଟର ମନୋରଂଜନ ନାୟକ । କବିତା ହେଉଛି କବିର ପ୍ରାଣ । କବିର ମାନସ ସନ୍ତାନ । କବିତା ଜୀବନର ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣାକୁ ଭିତରୁ ଏକ ନୂଆ ଉନ୍ମାଦନା ସୃଷ୍ଟି କରେ । ଯୁବ ପିଢ଼ିଙ୍କ ମଧରେ ଏହିପରି ଉଦ୍ୟମ ଥିଲେ ନୂଆ ନୂଆ ସାହିତ୍ୟ ସବୁ ସୃଷ୍ଟି ହୋଇ ପାରିବ ବୋଲି ଅନ୍ୟ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଅଧକ୍ଷା ରୂପସୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମ୍ୟାନେଜର ବିଶ୍ୱରଂଜନ ଭଦ୍ରା ସମ୍ବର୍ଦ୍ଧିତ



ବାସୁଦେବପୁର, ୧୭/୦୨ (ନି.ପ୍ର): ବାସୁଦେବପୁର ଫିନିକ୍ସ ଏକାଡେମୀ ଆବାସିକ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ରେ ବାଲିମୁଣ୍ଡା ପଞ୍ଜାବ ନେସନାଲ ବ୍ୟାଙ୍କର ମ୍ୟାନେଜର ବିଶ୍ୱ ରଞ୍ଜନ ଭଦ୍ରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରୀ ଭଦ୍ରା ୨୦୦୫ ମସିହା ରେ ଫିନିକ୍ସ ଏକାଡେମୀ ରେ ଛାତ୍ର ଥିଲେ ଓ ପାଠ ପଢୁଥିଲେ । ଫିନିକ୍ସ ର ବାର୍ଷିକ ଉତ୍ସବ ରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଡ଼କ୍ଟର ଶ୍ରୀରୂପ ଗୋସ୍ୱାମୀ, ବିଧାନସଭା ସଚିବ ଦାଶରଥି ଶତପଥୀ, କବି ସୁଧାଂଶୁ ଶେଖର ମିଶ୍ର, କବି ଅଚ୍ୟୁତାନନ୍ଦ ପାଢ଼ୀ, କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ଫିନିକ୍ସ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜଗବନ୍ଧୁ ନାୟକ ଓ ସମ୍ପାଦକ ଚନ୍ଦ୍ର ଶେଖର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ବିଶ୍ୱ ରଞ୍ଜନ ଭଦ୍ରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ଭଦ୍ରା ତାଙ୍କର ସମ୍ବର୍ଦ୍ଧନା ର ଉତ୍ତର ରେ କହିଲେ ମୁଁ ଫିନିକ୍ସ ଅନୁଷ୍ଠାନ ରେ ପାଠ ପଢି ଖୁବ ଗର୍ବିତ । ଈଶ୍ୱର ଙ୍କ କୃପାରୁ ମୋ ପିତା ମାତାଙ୍କ ଆଶୀର୍ବାଦ, ଶିକ୍ଷକ ଓ ଗୁରୁଜନଙ୍କ ପ୍ରେରଣା ଓ ସାଙ୍ଗ ସାଥି ଙ୍କ ଭଲ ପାଇବା ପାଇଁ ମୁଁ ଚାକିରୀ ପାଇଛି ଓ ମୋ ପରିଶ୍ରମ ମୋତେ ଜୀବନର ଚଲାପଥ ରେ ଆଗେଇ ଦେଇଛି ।

# ବାଲେଶ୍ୱର ମହିଳା କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ



ବାଲେଶ୍ୱର,୧୭/୦୨ (ନି.ପ୍ର): ଗୋପାଳଗାଁ ସ୍ଥିତ ବାଲେଶ୍ୱର ମହିଳା କଲେଜରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ +୨ ପ୍ରଥମ ବର୍ଷ କଳାର ୨୫୫ ଜଣ ଛାତ୍ରୀ ସଫଳ ଭାବେ ଆତ୍ମସୁରକ୍ଷା ତାଲିମ ନେଇଥିଲେ । ଏଥିନିମନ୍ତେ ଅୟୋଜିତ ସ୍ୱତନ୍ତ୍ର ସଭାରେ ମୁଖ୍ୟ ଅତିଥି ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ରଣା, ସମ୍ମାନିତ ଅତିଥି ତଥା ବାଲେଶ୍ୱର ଜିଲ୍ଲାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜନ ଡା. ସନ୍ତୋଷ କୁମାର ରାଉତ, ବାଲେଶ୍ୱର ମହିଳା କଲେଜର ଅଧ୍ୟକ୍ଷା ଡା. ନିବେଦିତା ମହାନ୍ତି, ଉକ୍ତ ଯୋଜନାର ଅଧିକାରିଣୀ ପ୍ରାଧ୍ୟାପିକା ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାସ, ସଂଯୋଜିକା ଅଧ୍ୟାପିକା ଡା. ରୁପାଲି ଚୌଧୁରୀ ଏବଂ ମାଷ୍ଟର ଟ୍ରେନର କୁମାରୀ ବବିତା ସେଠୀ ଯୋଗ ଦେଇ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ସରକାରଙ୍କର ବିଭିନ୍ନ ଜନମଙ୍ଗଳ ଯୋଜନାରେ ଅନ୍ତର୍ଭୁକ୍ତ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ନାରୀ ସଶକ୍ତିକରଣର ଅଂଶବିଶେଷ। ଛାତ୍ରୀମାନଙ୍କର ଚରିତ୍ର ଗଠନ, ଆତ୍ମବିଶ୍ୱାସ ବୃଦ୍ଧି, ଆତ୍ମସୁରକ୍ଷା କୌଶଳ ଶିଖିବାର ଏହି ଶିବିର ସହାୟକ ବୋଲି ସେମାନେ କହିଥିଲେ । ଅବଶେଷରେ ଶ୍ରୀମତୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରର ସଫଳତା ପାଇଁ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକାବୃନ୍ଦ ଓ କର୍ମଚାରୀଗଣ ସାହାଯ୍ୟ କରିଥିଲେ ।

# ଇକୋ ଓ ଶକ୍ତି କ୍ଲବ ଶିକ୍ଷକମାନଙ୍କ ଶକ୍ତି ସଂରକ୍ଷଣ ଉପରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ବାରିପଦା, ୧୭/୦୨ (ନି.ପ୍ର): ସେଣ୍ଟର ଫର ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାରଙ୍କ ସହଯୋଗରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଲାଲ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନର ଏମକେସି ହାଇସ୍କୁଲ ପରିସରରେ ଇକୋ ଓ ଶକ୍ତି କ୍ଲବ ଶିକ୍ଷକମାନଙ୍କ ଶକ୍ତି ସଂରକ୍ଷଣ ବିଷୟବସ୍ତୁ ଉପରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ଯୋଗଦେଇ ସାମ୍ପ୍ରତିକ ସମୟରେ ଶକ୍ତି ସଂରକ୍ଷଣର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦଇଥିଲେ। ସାଧନ କର୍ମୀ ଭାବରେ ବିଦ୍ୟୁତ ବିଭାଗର ଏସଡିଓ ସୁଜିତ କୁମାର ରଥ, ରଘୁନାଥ ହାଇସ୍କୁଲ, ରାଇକମାର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା, ଶ୍ରୀପଦଗଞ୍ଜ ହାଇସ୍କୁଲର ଶିକ୍ଷୟିତ୍ରୀ ସୁଲୋଚନା ମଙ୍ଗରାଜ, ସ୍ୱେଚ୍ଛା ସୋଭାର ଏକ୍‌ଜିକ୍ୟୁଟିଭ୍ ସୁବ୍ରତ ମହାନ୍ତ, ସନ ହୋଣ୍ଡାର ଦିଲ୍ଲିପ କୁମାର ଜେନା ଯୋଗଦେଇ ଶକ୍ତି ସଂରକ୍ଷଣର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। କଣ୍ଟପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତଭାଷଣ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଇକୋ ଓ ଶକ୍ତି କ୍ଲବର ଭାରପ୍ରାପ୍ତ ଶିକ୍ଷକମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ବସନ୍ତ କୁମାର ଦତ୍ତ, ଅଜିତ କୁମାର ମହାନ୍ତି, ଅଫିସ ସହଯୋଗୀ ସୁବ୍ରତ କୁମାର ପଣ୍ଡା, ସରୋଜ ଦାସ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶିକ୍ଷଣ ନେଉଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରା ପ୍ରଦାନ କରାଯଅଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ରେଞ୍ଜ ଅଫିସର ବୁଦ୍ଧେଶ୍ୱର ନାଏକ ଓ ବାଣେଶ୍ୱର ସି ଶିକ୍ଷକ ମାନଙ୍କ ସହିତ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଫେବୃୟାରୀ ୨୮ରୁ ଦାବିପୂରଣ ପର୍ଯ୍ୟନ୍ତ ବିଧାନସଭା ଘେରିବେ ଶିକ୍ଷକ ସଂଘ

ଭୁବନେଶ୍ୱର,୧୭/୦୨ (ନି.ପ୍ର): ସରକାର ପ୍ରଥମିକ ଶିକ୍ଷକମାନଙ୍କ ନ୍ୟାୟୋଚିତ ଦାବି ପୂରଣ କରୁନଥିବାରୁ ଆସନ୍ତା ୨୭ ତାରିଖରେ ବିଧାୟକଙ୍କ ବାସଭବନ ଘେରାଉ ଓ ୨୮ ତାରିଖରେ ବିଧାନସଭା ସମ୍ମୁଖରେ ମହାସମାବେଶ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ମଣ୍ଡଳୀ ସଦସ୍ୟ ବ୍ରହ୍ମାନନ୍ଦ ମହାରଣା, ସୁଶାନ୍ତ କୁମାର ବେହେରା, ସାଧାରଣ ସମ୍ପାଦକ ଖଗେନ୍ଦ୍ରନାଥ ପାଲ, ବଙ୍କିମ ସାଗର ଓ ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମର ପ୍ରମୋଦ ପ୍ରଧାନ ଓ ଷ୍ଟିୟରିଂ କମିଟି ସଦସ୍ୟ ଗଜେନ୍ଦ୍ର ମାଝୀ, ବିକ୍ରମ ରଥ, ସୁନିଲ କୁମାର ପ୍ରଧାନ, ଓଲୋଷ୍ଟାର ରାଜ୍ୟ ସଭାପତି ବିକ୍ରମ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜମିବାଡ଼ିକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ : ମୁଖ୍ୟ ଅଭିଯୁକ୍ତ ଗିରଫ, ମହିଳା ଗୁରୁତର

ନୀଳଗିରି, ୧୭/୦୨ (ନି.ପ୍ର): ନୀଳଗିରି ଥାନା ଅଧୀନସ୍ଥ ଈଶ୍ୱରପୁର ଫାଣ୍ଡି ନୟାପାଟଣା ଗ୍ରାମର ଜମିବାଡ଼ିକୁ କେନ୍ଦ୍ର କରି ପୁତୁରାର ମରଣାନ୍ତକ ଆକ୍ରମଣରେ ଖୁଡ଼ି ଗୁରୁତର ହୋଇ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବାର ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ ନୟାପାଟଣା ଗ୍ରାମର ଉମାକାନ୍ତ ଜେନା ଓ ପୁତୁରା ଭାସ୍କର ଜେନାଙ୍କ ମଧ୍ୟରେ ଅନେକ ଦିନରୁ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ଉପୁଜିଥିଲା । ଗତ ୧୬ତାରିଖ ରାତି ପ୍ରାୟ ୧ଟା ସମୟରେ ପୁତୁରା ଭାସ୍କର ଜେନା, କରୁଣାକର ଜେନା, ବିଶ୍ୱନାଥ ଜେନା, ଅରିଜିତ ଜେନା ସମେତ ୮ରୁ ଅଧିକ ଗୁଣ୍ଡା ଶ୍ରେଣୀର ଯୁବକଙ୍କୁ ଧଣି ଉମାକାନ୍ତ ଜେନାଙ୍କ ଅଗଣାରେ ପହଂଚିବା ପରେ ମୁଖ୍ୟ ଗ୍ରୀଲକୁ ଭାଙ୍ଗି ଘରେ ପ୍ରବେଶ କରିଥିଲେ । ମୁଦାଲା ଭାସ୍କର ଜେନା ହାତରେ ଏକ କୋଦାଳ ଧରି ଉତ୍‌କ୍ଷିପ୍ତ ହୋଇ ଉମାକାନ୍ତର ସ୍ତ୍ରୀ ଅନୀଳାକୁ କୋଦାଳରେ ଅତିର୍କିତ ଭାବେ ଆକ୍ରମଣ କରି ଅନୀଳାର ମୁଣ୍ଡକୁ ଫଟାଇବା ସହ ପେଟ, ପିଠି, ହାତ, ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଚିତ୍କାର ଶୁଣି ପଡ଼ୋଶୀ ଉଠିପଡ଼ିବାରୁ ସମସ୍ତ ମୁଦାଲା ଘଟଣାସ୍ଥଳରୁ ପଳାଇ ଯିବା ବେଳେ ତୁ ଆଜି ବଂଚିଗଲୁ, ଆଜି ନହେଲେ କାଲି ତୋତେ ଜୀବନରୁ ମାରିଦେବାର ଧମକ ଭାସ୍କର ଦେଇଥିଲା । ପରେ ଗୁରୁତର ଅବସ୍ଥାରେ ଅନୀଳାକୁ ନୀଳଗିରି ଡାକ୍ତରଖାନାକୁ ଆଣି ଚିକିତ୍ସିତ କରାଯାଇଛି । ଏ ନେଇ ଅନୀଳାର ସ୍ୱାମୀ ଉମାକାନ୍ତ ଜେନା ନୀଳଗିରି ଥାନାରେ ଅଭିଯୋଗ କରିବା ପରେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ଖଗେନ ମହାଳିକ ମୁଖ୍ୟ ଅଭିଯୁକ୍ତ ଭାସ୍କର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅନ୍ୟସମସ୍ତ ଅଭିଯୁକ୍ତ ଫେରାର ଥିବାର ଜଣାପଡ଼ିଛି । ଏ ନେଇ ନୀଳଗିରି ଥାନାରେ ଏକ ମାମଲା ରୁଜୁ ହୋଇଥିବାର ଆଇ.ଆଇ.ସି. ଗୋପାଳ କର୍ଣ୍ଣ ସୂଚନା ଦେଇଛନ୍ତି ।

# ଜିଲ୍ଲା ସ୍ତରୀୟ ଯୁଥ ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଉଦଳା ତା.୧୭/୦୨(ନି.ପ୍ର)- ମୟୂରଭଞ୍ଜ ଜିଲ୍ଲାର କପ୍ତିପଦାସ୍ଥିତ କପ୍ତିପଦା ଡ଼ିଗ୍ରୀ କଲେଜ, ନୂଆସାହିଠାରେ ଗତ ତା.୧୪ ରିଖରୁ ଆରମ୍ଭ ହୋଇଥିବା ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଯୁଥ୍ ରେଡ଼କ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଶିବିରରେ ୧୧୬ଜଣ ସ୍ୱେଚ୍ଛାସେବୀ ଯୋଗଦାନ କରି ପ୍ରଶିକ୍ଷଣ ପ୍ରାପ୍ତ ହୋଇ ଶିକ୍ଷା ଗ୍ରହଣ ସହିତ ସମାଜସେବାରେ ନିଜକୁ ସମର୍ପିତ କରିବେ ବୋଲି ସଂକଳ୍ପବୋଧ ହୋଇଛନ୍ତି । ଚଉଦ ତାରିଖ ଦିନ ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିପିକା ବେହେରାଙ୍କ ପୌରହିତ୍ୟରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ କନଭେନର ସେକ୍ରେଟାରୀ ପ୍ରଫେସର ରାଇମଣି ମାର୍ଣ୍ଡି ଯୋଗଦାନ କରି ଶିବିରାର୍ଥୀ ମାନଙ୍କୁ ଅଧୟନ ସହ ସମାଜ ସେବାରେ ବ୍ରତୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂଯୋଜକ ଡ଼କ୍ଟର ଦିଲ୍ଲିପ କୁମାର ଭୋଇ ଛାତ୍ର ଜୀବନ ହିଁ ଜୀବନ ନିର୍ମାଣର ପ୍ରଥମ ପାହାଚ ବୋଲି ମତ ବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବରେ +୨ ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ଏବଂ ଜିଲ୍ଲା ପରିଷଦର ସଦସ୍ୟ ମାକୁ ସିଂ ଯୋଗଦାନ କରିଥିଲେ । ବିଭିନ୍ନ ଦିବସରେ ସ୍ୱେଚ୍ଛାସେବୀ ମାନେ ରେଡ଼କ୍ରସର ଇତିହାସ ଓ ପ୍ରଗତି, ଫାଷ୍ଟଏଡ଼ କୌଶଳ, ପ୍ରାକୃତିକ ବପର୍ଯ୍ୟୟର ପ୍ରସମନର ଉପାୟ, ନିଶାମୁକ୍ତ କଲେଜ ପରିସର, ରକ୍ତଦାନ ସଚେତନତା, ସଡ଼କ ଦୁର୍ଘଟଣା ସଚେତନତା, ସମାଜରେ ସ୍ୱେଚ୍ଛା ସେବାର ଆବଶ୍ୟକତା ଆଦି ବିଷୟରେ ପ୍ରଶିକ୍ଷିତ ହୋଇଥିଲେ । ଦ୍ୱିତୀୟ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଜୀବନଦାନ ଉଦେଶ୍ୟରେ ୩୧ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଏକ ବିରାଟ ସଚେତନତା ଶୋଭାଯାତ୍ରା ବିଭିନ୍ନ ସ୍ଲୋଗାନ ଦେଇ ନୂଆସାହି ବଜାର ଓ ଗ୍ରାମ ପରିକ୍ରମା ହୋଇଥିଲା । ସ୍ୱେଚ୍ଛାସେବୀ ମାନେ ନୂଆସାହି ବଜାର ଏବଂ ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିଥିଲେ । ଯୋଗ ପ୍ରଶିକ୍ଷକ ପ୍ରବୀର କୁମାର ବେହେରା ପ୍ରତ୍ୟେକ ଦିନ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବ ଅଧକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ତହସିଲଦାର ସଂଦୀପ କୁମାର ସିଂ ଯୋଗଦାନ କରିଥିଲେ । ଶିବିରରେ ଉଲ୍ଲେଖନୀୟ ତଥା ସମର୍ପିତ ସେବା କାର୍ଯ୍ୟ ପାଇଁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଶ୍ରୀଧର ବେହେରା କପ୍ତିପଦା ଡ଼ିଗ୍ରୀ କଲେଜ ନୂଆସାହିର ମାନସି ମିଶ୍ରକୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ, ଖୁଂଟା +୨ କଲେଜ ର କାଉନସିଲର ସରୋଜିନି ବାସ୍କେ ଓ ଚୈତନ ପ୍ରସାଦ +୨ କଲେଜର ରାଜେଶ କୁମାର ଦାସଙ୍କୁ ଶ୍ରେଷ୍ଠ କାଉନସିଲର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମୟୂରଭଂଜରେ ଉଚ୍ଚଶିକ୍ଷାର ବିକାଶ ନିମନ୍ତେ ଦାବି



ବାରିପଦା, ୧୭/୦୨ (ନି.ପ୍ର): ଆଦିବାସୀ ଅଧୁଷିତ ମୟୂରଭଂଜ ଜିଲ୍ଲା ଓଡିଶାର ସର୍ବ ବୃହତ ଜିଲ୍ଲା ହୋଇଥିବା ବେଳେ, ଉଚ୍ଚଶିକ୍ଷା କ୍ଷେତ୍ରରେ ମୟୂରଭଂଜ ଜିଲ୍ଲା ଜାତୀୟ ହାର ଠାରୁ ବହୁ ପଛୁଆ ରହିଛି । ଜିଲ୍ଲାରେ ଉଚ୍ଚଶିକ୍ଷାର ବିକାଶ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ଉନ୍ନତି ନିମନ୍ତେ ପୂର୍ବତନ ରାଜ୍ୟ ସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ରୋହିତ ପୂଜାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ଜିଲ୍ଲାର ଉନ୍ନତି ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି । ଶ୍ରୀମତୀ ହେମ୍ବ୍ରମ ଦର୍ଶାଇଛନ୍ତି ଯେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ମୟୂରଭଂଜ ଓ କେନ୍ଦୁଝର ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ମାତ୍ର ଗତ ୧୧ ତାରିଖରେ କେନ୍ଦୁଝର ଜିଲ୍ଲାରେ ଧରଣୀଧର ବିଶ୍ୱବିଦ୍ୟାଳୟ ଘୋଷଣା କରିଥିବାରୁ କେନ୍ଦୁଝରରେ ଥିବା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ପଢାଯାଉଥିବା ସମସ୍ତ ବିଷୟ, ଆସବାପତ୍ର ଓ କର୍ମଚାରୀ ମାନଙ୍କୁ ବାରିପଦା ସ୍ଥିତ ମହାରାଜ ଶ୍ରୀରାମ ଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟକୁ ଯଥାଶୀଘ୍ର ସ୍ଥାନାନ୍ତର କରାଯିବ ସହିତ ବାରିପଦା ମୁଖ୍ୟ କ୍ୟାମ୍ପସ ର ଉନ୍ନତି କରଣ ନିମନ୍ତେ ରାଜ୍ୟ ସରକାର ଅନ୍ୟୁନ୍ୟ ୧୦୦ କୋଟି ଟଙ୍କାର ପ୍ୟାକେଜ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି । ଏବଂ ବର୍ତମାନ ବିଶ୍ୱବିଦ୍ୟାଳୟ କେବଳ ମୟୂରଭଂଜ ଜିଲ୍ଲା ମଧ୍ୟରେ ସୀମିତ ଥିବାରୁ ସାନ୍ତାଳୀ ଅନର୍ସ ସହିତ ଅଧିକରୁ ଅଧିକ ଅନର୍ସ ଶ୍ରେଣୀ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ ଖୋଲାଯିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୋର୍ଟରେ ବିଚାରଧୀନ ଥିବା ନୂଆ ଅନର୍ସ ଓ ପିଜି ଖୋଲିବାକୁ ତୁରନ୍ତ ଅନୁମତି ପ୍ରଦାନ କରିବାକୁ ଶ୍ରୀମତୀ ହେମ୍ବ୍ରମ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ସେହିପରି ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗର ଅଧାପକ ଓ କର୍ମଚାରୀ ମାନେ ଠିକାରେ ବହୁଦିନରୁ କାର୍ଯ୍ୟ କରି ଆସୁଥିବାରୁ ସେମାନଙ୍କୁ ସ୍ଥାୟୀ କରାଯିବା, ବିନା ଫାଇନରେ ସମସ୍ତ ଶିକ୍ଷାନୁଷ୍ଠାନର ବିଲଡିଂ ପ୍ଲାନକୁ ମଂଜୁର କରାଯିବା ସହିତ ଫାୟାର ସେଫଟି ସାର୍ଟିଫିକେଟ ଶିକ୍ଷାନୁଷ୍ଠାନ ଗୁଡିକୁ ସହଜରେ ଯୋଗାଇ ଦେବା, ସର୍ବକ୍ଷମା ଯୋଜନା ପୁନର୍ବାର ଲାଗୁ କରିବା ପାଇଁ ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ଦୃଢ ଦାବି ଉପସ୍ଥାପନା କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo